ବର୍ଷ-୨୫, ସଂଖ୍ୟା-୭୯
ଭୁବନେଶ୍ୱର
୨୨, ମାର୍ଚ୍ଚ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 79
Bhubaneswar
22 March, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆଜିଠୁ ଆଇପିଏଲ୍

# ୧୦ ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟ୍ ମୋହର

**ଭୁବନେଶ୍ୱର, ୨୧।୩(ମହାଭାରତ):** ଗତକାଲି ୨୦୨୫ ମାର୍ଚ୍ଚ ୨୦ ତାରିଖରେ ରାଜ୍ୟ କ୍ୟାବିନେଟର ୧୬ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ବିଭାଗ ଯଥା:- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇସ୍ପାତ ଓ ଖଣି, ପୂର୍ତ୍ତ, ସାଧାରଣ ପ୍ରଶାସନ, ଜଳ ସଂପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧୦ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ବିଧାନସଭା ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଓଡିଶାର ଜନସାଧାରଣଙ୍କ ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଳିତ ଭାବେ ଲାଗୁ କରିବା ପାଇଁ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ନୂଆ ସମନ୍ୱିତ ଯୋଜନାରେ ପ୍ରାୟ ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟ ମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ସୁବିଧା ପାଇବେ । ଏହା ସହ, ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସ୍କ, ଆର୍ଥିକ ବର୍ଗ ନିର୍ବିଶେଷରେ, ସମସ୍ତ ବ୍ୟକ୍ତି ମାନଙ୍କ ପାଇଁ 'ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା' ଲାଗୁ କରାଯିବ। ଏହା ଦ୍ୱାରା ସେମାନେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ପାଇ ପାରିବେ । ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ମୂଲ୍ୟର ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବାର ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ସମସ୍ତ ନାଗରିକମାନଙ୍କ ପାଇଁ ଦେୟମୁକ୍ତ ଚିକିତ୍ସା ବର୍ତମାନ ପରି ଚାଲୁରହିବ। ରାଜ୍ୟ କ୍ୟାବିନେଟ୍ ୨୦୨୫-୨୬ ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୨୭ ହଜାର ୧୯ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଅନୁମୋଦନ କରିଛନ୍ତି ।

ଖଣି କାର୍ଯ୍ୟ ଯୋଗୁଁ ଖଣି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବାରକୁ ଆଶ୍ୱସ୍ତି ଦେବା ପାଇଁ ଓଡ଼ିଶା ଜିଲ୍ଲା ଖଣିଜ ଫାଉଣ୍ଡେସନ ନିୟମ-୨୦୧୫ ପ୍ରଣୟନ କରାଯାଇଥିଲା। କେନ୍ଦ୍ର ସରକାର ପ୍ରଚଳିତ ଡିଏମଏଫ୍ ନିୟମରେ ଆବଶ୍ୟକ ସଂଶୋଧନ କରିଛନ୍ତି। ଏହି ସଂଶୋଧନରେ ଅନେକ ନୂତନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଛି ଯାହା ଏ ପର୍ଯ୍ୟନ୍ତ ଉପଲବ୍ଧ ନଥିଲା। ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ ତାଲିକା କେବଳ ଡିଏମଏଫ୍ ଟ୍ରଷ୍ଟ ନିର୍ଦ୍ଧାରଣ କରିବ ଏବଂ ଏହାକୁ ଅନ୍ୟ କେହି ନିର୍ଦ୍ଧାରଣ କିମ୍ବା ହସ୍ତକ୍ଷେପ କରିପାରିବେ ନାହିଁ।

ସଂଶୋଧିତ ନିୟମାବଳୀ ଅନୁସାରେ ସିଧାସଳଖ ପ୍ରଭାବିତ ଅଞ୍ଚଳ ସୀମା ୧୦ କିଲୋମିଟରରୁ ବୃଦ୍ଧି କରି ୧୫ କିଲୋମିଟରକୁ କରାଯାଇଛି। ସେହିପରି ପରୋକ୍ଷ ପ୍ରଭାବିତ ଅଞ୍ଚଳର ସର୍ବାଧିକ ସୀମା ୨୫ କିଲୋମିଟରରେ ସୀମିତ ରଖାଯାଇଛି। ଏହି ପାଣ୍ଠି ସେହି ଲୋକମାନଙ୍କ ପାଇଁ ବ୍ୟବହୃତ ହେବ, ଯେଉଁମାନେ ପ୍ରକୃତରେ ଖଣି ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁଁ ପ୍ରତିକୂଳ ଭାବେ ପ୍ରଭାବିତ ହୁଅନ୍ତି।

 କ୍ୟାବିନେଟ୍ ଏହି ସନ୍ଦର୍ଭରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଖଣି-ଖାଦାନ ସୀମାଠାରୁ ପାଞ୍ଚ କିଲୋମିଟର ଅଞ୍ଚଳ ମଧ୍ୟରେ ଡିଏମଏଫ୍ ପାଣ୍ଠି ଦ୍ୱାରା ସ୍ଥିର କରାଯାଇଥିବା ସମସ୍ତ ଉନ୍ନୟନମୂଳକ ଏବଂ କଲ୍ୟାଣମୂଳକ କାର୍ଯ୍ୟ ସାଚ୍ୟୁରେସନ୍ ମୋଡ୍ ରେ କରାଯିବ ।

## 'ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା'କୁ ମଞ୍ଜୁରୀ

ଆମ ସରକାର ଗତକାଲି କ୍ୟାବିନେଟ ରେ ଗୋଟିଏ ଐତିହାସିକ ନିଷ୍ପତି ନେଇଛନ୍ତି । ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ, ୨୦୨୦ ଆରମ୍ଭ ହେବା ତାରିଖ ପୂର୍ବରୁ, ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ। ଏହାଦ୍ୱାରା ୨୦୨୦ ମସିହାର ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ ଏବଂ ଥଇଥାନ ସହାୟତା ଯୋଜନାରେ ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ । ଏହା ଦ୍ୱାରା ଅନେକ ପରିବାର ଆଶ୍ୱସ୍ତି ପାଇବେ ଏବଂ ହାଇକୋର୍ଟ ଓ ସୁପ୍ରିମ୍ କୋର୍ଟରେ ବିଚାରାଧୀନ ଥିବା ଅନେକ ମାମଲା ହ୍ରାସ ପାଇବ।

ରାଜ୍ୟ କ୍ୟାବିନେଟ ଗତକାଲି 'ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫'ର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫ର କେତେକ ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକ ହେଉଛି- :(କ) ରାସ୍ତା ଗୁଡ଼ିକର ଆନ୍ତଃ-ବିଭାଗୀୟ ହସ୍ତାନ୍ତର ପାଇଁ ନିର୍ଦ୍ଦେଶାବଳୀ ନିର୍ଣ୍ଣୟ ।(ଖ) ରାସ୍ତା ଭିତ୍ତିଭୂମି ପରିଚାଳନା ପାଇଁ ପର୍ଯ୍ୟାପ୍ତ ଏବଂ ସ୍ଥାୟୀ ପାଣ୍ଠି ଯୋଗାଇବା ଏବଂ ରାସ୍ତା ଭିତ୍ତିଭୂମିର ରକ୍ଷଣାବେକ୍ଷଣ ।(ଗ) ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବା ପାଇଁ ସଡ଼କ ନେଟୱାର୍କର ସୁରକ୍ଷାର ଉନ୍ନତିକରଣ ।(ଘ) ଯୋଜନା, ଡିଜାଇନ୍, କ୍ରୟ, ନିର୍ମାଣ, ରକ୍ଷଣାବେକ୍ଷଣ ଏବଂ ପ୍ରକଳ୍ପ ପରିଚାଳନାରେ ସଡ଼କ କ୍ଷେତ୍ର ସଂଗଠନର କ୍ଷମତାକୁ ସୁଦୃଢ଼ କରିବା। (ଙ) ପ୍ରସ୍ତାବିତ ଓଡ଼ିଶା ରାଜ୍ୟ ସଡ଼କ ନୀତି-୨୦୨୫ରେ ରାଜ୍ୟରେ ସେତୁ ବିକାଶ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ଏହି ନୀତିରେ ରାଜ୍ୟର ସମସ୍ତ ସେତୁର ସବିଶେଷ ସୂଚନାକୁ ଏକ ଅନଲାଇନ୍ ପ୍ଲାଟଫର୍ମରେ ସଂଗ୍ରହ ପାଇଁ 'ଅନଲାଇନ୍ ସେତୁ ସୂଚନା ପ୍ରଣାଳୀ' ବିକଶିତ କରାଯିବ। ଆଧୁନିକ ପ୍ରକ୍ରିୟାରେ ସେତୁଗୁଡ଼ିକର ବାର୍ଷିକ ମୂଲ୍ୟାଙ୍କନ କରାଯିବ।

ଓଡ଼ିଶାରେ ଦକ୍ଷ ଏବଂ ସୁରକ୍ଷିତ ରାସ୍ତା ଭିତ୍ତିଭୂମିର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ପାଇଁ ଗତକାଲି ରାଜ୍ୟ କ୍ୟାବିନେଟ "ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍-୨୦୨୫"କୁ ଅନୁମୋଦନ କରିଛନ୍ତି । ଏଥିରେ 'ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ' ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରିବାର ବ୍ୟବସ୍ଥା ଅଛି। ଏହା ଦ୍ୱାରା ବୃହତ୍ ସଡ଼କ ପ୍ରକଳ୍ପ ଗୁଡ଼ିକର ସାମଗ୍ରିକ ବିକାଶ ସାଧିତ ହେବ।

କେନ୍ଦ୍ର/ରାଜ୍ୟ ସରକାରୀ ଉଦ୍ୟୋଗ, କେନ୍ଦ୍ର/ରାଜ୍ୟ ସରକାରୀ ୟୁନିଟ୍ / ସଂଗଠନ ଏବଂ ଘରୋଇ ଶିଳ୍ପ, ବାଣିଜ୍ୟିକ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନର ବକେୟା ଜଳକର ଆଦାୟ କରିବା ପାଇଁ ଜଳ ସମ୍ପଦ ବିଭାଗ ଦ୍ୱାରା ଆଗତ ଏକ କାଳୀନ ସମାଧାନ ଯୋଜନା ର ଅବଧି ୩୧ ମେ ୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନିଆଗଲା।

'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନା ଅନ୍ତର୍ଗତ ପ୍ରକଳ୍ପ ତାଲିକାକୁ ଅନୁମୋଦନ ଦେବା ସମୟରେ ଯଦି ବାର୍ଷିକ କାର୍ଯ୍ୟ ଯୋଜନାରେ କିଛି ଆବଶ୍ୟକ ପ୍ରକଳ୍ପ ସ୍ଥାନ ପାଇ ନଥିବା ସମ୍ପୃକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଗୋଚର ହୁଏ, ତେବେ ସେହି ପ୍ରକଳ୍ପ ଗୁଡିକୁ ଏହି ଯୋଜନାରେ ଜିଲ୍ଲାପାଳ ଅନ୍ତର୍ଭୁକ୍ତ କରିପାରିବେ। ଏତଦ୍ ବ୍ୟତୀତ ବିଧାୟକଙ୍କ ଦ୍ୱାରା ପ୍ରସ୍ତାବିତ କୌଣସି ଆବଶ୍ୟକ ପ୍ରକଳ୍ପ ଯଦି ପ୍ରକଳ୍ପ ତାଲିକାରେ ନଥାଏ, ତେବେ ଜିଲ୍ଲାପାଳ ଉକ୍ତ ପ୍ରକଳ୍ପଗୁଡିକୁ ବାର୍ଷିକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବେ ।

କ୍ୟାବିନେଟର ଅନୁମୋଦିତ ପ୍ରସ୍ତାବ ଅନୁଯାୟୀ, ଯେଉଁ ବ୍ୟକ୍ତିଙ୍କର ୧ ଏକରର ୨୫ ଭାଗରୁ ଏକ ଭାଗ ଠାରୁ କମ ପରିମାଣର ଘରବାରି ଜମି ଥିବ, ସେହି ବ୍ୟକ୍ତି ମଧ୍ୟ "ଘରବାରିହୀନ ବ୍ୟକ୍ତି" ଭାବରେ ପରିଗଣିତ ହେବେ ଏବଂ ୧ ଏକରର ୨୫ ଭାଗରୁ ଏକ ଭାଗ ଠାରୁ ତାଙ୍କର ଯେତିକି ଜମି କମ୍ ଅଛି, ତାଙ୍କୁ ସମପରିମାଣର ଜମି ତାଙ୍କୁ ଯୋଗାଇ ଦିଆଯିବ । ସେହିଭଳି ଯଦି ଜଣେ "ଘରବାରିହୀନ ବ୍ୟକ୍ତି" କୌଣସି ସରକାରୀ ଜମିକୁ ଅନଧିକୃତ ଦଖଲରେ ରଖି ଉକ୍ତ ଜମିକୁ ଘରବାରି ଉଦ୍ଦେଶ୍ୟରେ ବ୍ୟବହାର କରୁଥିବେ, ତେବେ ଜମି ମଧ୍ୟରୁ ଅତି ବେଶୀରେ ୧ ଏକରର ୨୫ ଭାଗରୁ ଏକ ଭାଗ ଜମି ତାଙ୍କ ସପକ୍ଷରେ ବନ୍ଦୋବସ୍ତ କରାଯାଇ ପାରିବ ଏବଂ ଉକ୍ତ ଜମିକୁ ସେ ହସ୍ତାନ୍ତର କରିପାରିବେ ନାହିଁ ।

ଓଡିଶା ପ୍ରଶାସନିକ ସେବା, ଗ୍ରୁପ୍-ଏ (ଜୁନିୟର ବ୍ରାଞ୍ଚ)(ପ୍ରୋବେସନ ଏବଂ ବିଭାଗୀୟ ପରୀକ୍ଷା) ନିୟମାବଳୀ, ୨୦୧୪ର ପରିଶିଷ୍ଟ-ଓଓ ରେ ଥିବା ବିଭାଗୀୟ ପରୀକ୍ଷାର ପାଠ୍ୟକ୍ରମରେ ଆବଶ୍ୟକୀୟ ସଂଶୋଧନ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ସମ୍ମତି ପ୍ରଦାନ କରିଛନ୍ତି । ଓଡ଼ିଶା ରାଜସ୍ୱ ସେବା, ଗ୍ରୁପ୍- ବି (ପ୍ରୋବେସନ ଏବଂ ବିଭାଗୀୟ ପରୀକ୍ଷା) ନିୟମାବଳୀ, ୨୦୧୬ ର ପରିଶିଷ୍ଟ-୨ରେ ଥିବା ପାଠ୍ୟକ୍ରମର ଅବଶ୍ୟକୀୟ ସଂଶୋଧନ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ସମ୍ମତି ପ୍ରଦାନ କରିଛନ୍ତି।

## ଜଷ୍ଟିସ୍ ହରିଶ ଟଣ୍ଡନ ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି

କଟକ/ଭୁବନେଶ୍ୱର, ୨୧।୩(ମହାଭାରତ): ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ହୋଇଛନ୍ତି ଜଷ୍ଟିସ୍ ହରିଶ ଟଣ୍ଡନ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ନିଯୁକ୍ତି ଦେଇଛନ୍ତି। ଜଷ୍ଟିସ ଟଣ୍ଡନଙ୍କ ନିଯୁକ୍ତି ନେଇ ଆଇନ୍ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ୍ ଟଣ୍ଡନ ବର୍ତମାନ କୋଲକାତା ହାଇକୋର୍ଟରେ ବିଚାରପତି ଅଛନ୍ତି। କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନରାମ ମେଘାଲ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ସୂଚନା ଦେଇଛନ୍ତି ପୂର୍ବରୁ ସୁପ୍ରିମକୋର୍ଟ କଲେଜିୟମ୍ ଜଷ୍ଟିସ୍ ଟଣ୍ଡନଙ୍କ ନାମ ସୁପାରିଶ କରିଥିଲେ। ଜଷ୍ଟିସ୍ ହରିଶ ଟଣ୍ଡନ ଏବେ କୋଲକାତା ହାଇକୋର୍ଟରେ ବିଚାରପତି ଅଛନ୍ତି। ଜଷ୍ଟିସ୍ ହରିଶ ଟଣ୍ଡନ ବର୍ତ୍ତମାନ କଲିକତା ହାଇକୋର୍ଟରେ ବିଚାରପତି ଅଛନ୍ତି। ଗତ ଜାନୁଆରି ୧୯ରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କ ଅବସର ପରେ ନୂତନ ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ନେଇ ଏହି ସୁପାରିଶ କରାଯାଇଥିଲା। ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ବର୍ତ୍ତମାନ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅଛନ୍ତି, ଯାହାଙ୍କର ଆହ୍ଲାବାଦ୍ ହାଇକୋର୍ଟକୁ ବଦଳି ହୋଇଛି ।

## ବିରୋଧୀଙ୍କ ଭିଜୁଆଲ ବାରଣକୁ ନିନ୍ଦା କଲେ ଅରୁଣ ସାହୁ

ଭୁବନେଶ୍ୱର, ୨୧।୩(ମହାଭାରତ): ବିଧାନସଭାରେ ବିରୋଧୀଙ୍କ ଭିଜୁଆଲ ବାରଣକୁ ନିନ୍ଦା କରିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ । ସେ କହିଛନ୍ତି ଯେ, ଗତ କିଛି ଦିନରୁ ଦେଖୁଛୁ ଯେ ବିଧାନସଭାରେ ବିରୋଧୀଙ୍କ ଭିଜୁଆଲ ବାରଣ କରାଯାଇଛି । କିଛି ଦିନ ତଳେ ଗଣମାଧ୍ୟମର ମୋବାଇଲ ବାରଣ କରାଯାଇଥିଲା । କଣ ଏମିତି ଗୁପ୍ତ କାମ ଚାଲିଛି ଯେ ଭିଡିଓ ଦେଖା ଯାଉନି । ଆମ ଅଞ୍ଚଳ ଲୋକ ଜାଣି ପାରୁ ନାହାନ୍ତି ଆମ କାର୍ଯ୍ୟକ୍ରମ । ପ୍ରସାରଣ ହେଉଛି ୧୦:୩୦ ରୁ ୧୧:୩୦ । ହେଲେ କେବଳ ସରକାରୀ ଦଳ ବିଧାୟକ ଓ ମନ୍ତ୍ରୀଙ୍କ ଭିଜୁଆଲ ଦେଖାଯାଉଛି । ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କିଛି ମନ୍ତ୍ରୀ ତାଗିଦ କରିଥିବା ଶୁଣିବାକୁ ମିଳିଛି । ଏହା ଅଗଣତନ୍ତ୍ରିକ, ଏକଛତ୍ରବାଦ. ଯାହା ଗଣତନ୍ତ୍ରକୁ ହତ୍ୟା କରିବ । ମିଡ଼ିଆର କଣ୍ଠରୋଧ ହେଲେ ଏମିତି ହିଁ ପ୍ରତିବାଦ କରିବୁ । ସମସ୍ତଙ୍କୁ ଟିକନିକ ଦେଖାନ୍ତୁ । ଆନ୍ଦୋଳନ ଭିଜୁଆଲ ବି ନ ଡ଼ରିକି ଦେଖାଇବାକୁ ଅନୁମତି ଦିଅ । ବିରୋଧୀ କି ସରକାରୀ ଦଳ ଠିକ ଭାବେ ଦାୟିତ୍ୱ ନିର୍ବାହ କରୁଛି ନା ନାହିଁ, ତାକୁ ୨୪ ଘଣ୍ଟା ଦେଖା ଯାଉ ବୋଲି ଦାବି କରିଛନ୍ତି ଅରୁଣ ସାହୁ ।

# ବିଧାନସଭାରେ କଂଗ୍ରେସର ଅଭିନବ ପ୍ରତିବାଦ

**ଭୁବନେଶ୍ୱର, ୨୧।୩ (ମହାଭାରତ) :** ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ବିଧାନସଭାରେ ଦେଖାଦେଇଛି ଅଚଳାବସ୍ଥା। ଗୃହ କାର୍ଯ୍ୟ ଆରମ୍ଭରୁ ବିରୋଧୀ ପ୍ରବଳ ହୋ ହାଲ୍ଲା ଓ ନାରାବାଜୀ କରିଥିଲେ। ଫଳରେ ୧୧.୩୦ ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି ସୁରମା ପାଢ଼ୀ। ନାରୀ ସୁରକ୍ଷା ପ୍ରସଙ୍ଗ ନେଇ ଗୃହ କମିଟି ଗଠନ ଦାବି କରି ବିଧାନସଭା ପରିସରରେ କଂଗ୍ରେସ କଳା ପୋଷାକ ପିନ୍ଧି ଘଣ୍ଟ ବାଡ଼େଇ ଓ ଶାହାନାଇ ବଜାଇ ପ୍ରତିବାଦ କରିଛି। ସେପଟେ ବିରୋଧୀଙ୍କ ଲାଇଭ୍ ଭିଜୁଆଲ୍ ଦେଖାଯାଉ ନଥିବା ଅଭିଯୋଗ କରି ଗୃହ ମଧ୍ୟଭାଗକୁ ଆସି ହୋ ହାଲ୍ଲା କରିଛି ବିଜେଡି। ଗୃହ ଆରମ୍ଭରୁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ। ବିଧାନସଭାରେ ବାଜିଲା ଘଣ୍ଟ, ପେଁକାଳୀ। କଳା ପୋଷାକରେ ଗୃହ ଭିତରେ ଘଣ୍ଟ ବାଡ଼େଇଲେ କଂଗ୍ରେସ ସଦସ୍ୟ। ଫଳରେ ଆଜି ପୁଣି ଅଚଳ ହୋଇଛି ବିଧାନସଭା। ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହରେ ଘଣ୍ଟ ବାଡ଼େଇ ପ୍ରତିବାଦ କରିଛନ୍ତି କଂଗ୍ରେସ ବିଧାୟକ।

ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ବାହାରୁ ଥାଇ ଗୃହ ଅଚଳ କରୁଛି କଂଗ୍ରେସ। ସର୍ବଦଳୀୟ ବୈଠକ ବେଳେ ଖୋଦ୍ କଂଗ୍ରେସ ବିଧାୟକ ଏହା କହିଥିବା ନେଇ ବିଜେପି ବିଧାୟକ ଜୟନାରାୟଣଙ୍କ ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଛି। ହେଲେ ଏହାର ଜବାବରେ ବିଧାୟକ ତାରା ବାହିନୀପତି କିନ୍ତୁ କଡ଼ା ଶବ୍ଦରେ ଏହାର ଖଣ୍ଡନ କରିବା ସହ ଜୟନାରାୟଣ ମିଛ କହୁଥିବାର ପାଲଟା ଅଭିଯୋଗ



କରିଛନ୍ତି। ଯାହାକୁ ନେଇ ତେଜିଛି ରାଜନୀତି।

ତୁରୀ ଫୁଙ୍କି, ବଇଁଶୀ ବଜେଇ, କଳା ପୋଷାକ ପିନ୍ଧି ଘଣ୍ଟଘଣ୍ଟା ପିଟି ଗୃହ ଭିତରେ ହଟ୍ଟଗୋଳ, ଗୃହ ବାହାରେ ପରିକ୍ରମା କରିଥିଲେ କଂଗ୍ରେସ ସଦସ୍ୟ। ଗତକାଲି ହୁଇସିଲ୍ ବଜାଇବା ପରେ ଆଜି କଂଗ୍ରେସ ବିଧାୟକଙ୍କ ଏଭଳି ହୁଲ୍ଲଡବାଜିରୁ ପୁଣି ଧୋଇଯାଇଛି ପ୍ରଶ୍ନକାଳ। ତାରା ବାହିନୀପତିଙ୍କ ନିଲମ୍ବନ ଅବଧି ଶେଷ ହେବା ପରେ ଆଜି ଗୃହକୁ ସବୁ ବିଧାୟକ କଳା ପୋଷାକ ପିନ୍ଧି ଆସି ପୁଣି ନାରୀ ର୍ନିଯାତନା ପ୍ରସଙ୍ଗରେ ହଟ୍ଟଗୋଳ କରିଥିଲେ। ଗୃହ କମିଟି ଗଠନ ଦାବି କରି ଘଣ୍ଟଘଣ୍ଟା ପିଟିଥିଲେ।

ହେଲେ ବିଧାନସଭାରେ ଲଗାତର କାହିଁକି କଂଗ୍ରେସର ଏ ଅଭିନବ ଉଗ୍ରରୂପ, ନୂଆ। ପିସିସି ସଭାପତିଙ୍କ ପାଇଁ ନୁହେଁ ତ ଏ ଷ୍ଟଣ୍ଟ ସୋ, ଗୁମର ଖୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟନାରାଣ ମିଶ୍ର।

ସେ କହିଛନ୍ତି ଆଜି ସର୍ବଦଳୀୟ ବୈଠକରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ତାରା ବାହିନୀପତି ମାନିଛନ୍ତି ପିସିସି ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶରେ ଏମିତି ହେଉଛି। କଂଗ୍ରେସ ବିଧାୟକଙ୍କର କିନ୍ତୁ ଆଦୌ ଇଚ୍ଛା ନାହିଁ ଗୃହ ବନ୍ଦ କରିବାକୁ। ଏମିତିକି ନିଜ ମାଇଲେଜ୍ ପାଇଁ ପିସିସି ସଭାପତି ବାହାରୁ ଏଭଳି କରିବା ନିନ୍ଦନୀୟ ବୋଲି କହି ବି ଟାର୍ଗେଟ୍ କରିଥିଲେ ଜୟନାରାଣ।

ହେଲେ ଜୟନାରାୟଣଙ୍କ ଏଭଳି ମନ୍ତବ୍ୟର କଡ଼ା କାଉଣ୍ଟର କରିଛନ୍ତି ତାରା। କହିଛନ୍ତି ଜୟନାରାୟଣ ମିଛ କହୁଛନ୍ତି। ତାଙ୍କ ଭଳି ବରିଷ୍ଠ ନେତା ମିଥ୍ୟା କହିବା ଦୁର୍ଭାଗ୍ୟଜନକ। ଅପରପକ୍ଷେ ବିଜେଡି କହିଛି ସରକାରୀ ଦଳ ଗୋଳି ପାଣିରୁ ଫାଇଦା ନେବାକୁ ଚାହୁଁଛି । ଯେଉଁଥିପାଇଁ ଗୃହକୁ ଚଳାଇ ଦେଉ ନାହାନ୍ତି। ବିଧାନସଭାରେ ଆଜିକୁ ୧୦ ଦିନ ହେବ କଂଗ୍ରେସ ନାରୀ ର୍ନିଯାତନା ପ୍ରସଙ୍ଗରେ ପ୍ରତିବାଦ ଜାରି ରଖିଛି। ଏପରିକି ଗତ ମଙ୍ଗଳବାର ଦଳ ଏ ସଂକ୍ରାନ୍ତରେ ମୁଲତବୀ ପ୍ରସ୍ତାବ ଦେଇ ଆଲୋଚନା କରିଥିଲେ ବି ପୁଣି କାହିଁକି ଗୃହକୁ ଅଚଳ କରୁଛି। କୁହାଯାଉଛି ଆଗାମୀ ୨୭ ତାରିଖ ବିଧାନସଭା ଘେରାଉ ପାଇଁ ଡାକରା ଦେଇଥିବାରୁ ତାପୂର୍ବରୁ ମାହୋଲ ବନାଇବା ରଖିବାର ଏହି ରଣନୀତି ହୋଇପାରେ। ଏବେ ଦେଖିବାର କଥା ମହିଳା ର୍ନିଯାତନାକୁ ମୁଖ୍ୟ ପ୍ରସଙ୍ଗ କରି ସରକାରୀ ଦଳକୁ ଘେରିବାକୁ ଚେଷ୍ଟାରେ ଥିବା କଂଗ୍ରେସ, ନିଜ ସ୍ଥିତିକୁ ରାଜ୍ୟରେ କେତେ ମଜଭୁତ କରିବାରେ ସଫଳ ହେଉଛି । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପରେ ୭ ଦିନର ନିଲମ୍ବନ ଆଜି ଶେଷ ହୋଇଛି । ଆଜି ପୁଣିଥରେ ବିଧାନସଭାକୁ ଫେରିଥିଲେ ତାରା। ମୁଣ୍ଡିଆ ମାରି ଗୃହକୁ ପ୍ରବେଶ କରିଥିଲେ। ହେଲେ ଗୃହ ଆରମ୍ଭରୁ ଦେଖାଯାଇଥିଲା ପ୍ରବଳ ହୋହାଲ୍ଲା ହଟ୍ଟଗୋଳ। ତାରା ବାହିନୀପତିଙ୍କ ସମେତ କଂଗ୍ରେସ ସଦସ୍ୟାମାନେ ନାରୀ ସୁରକ୍ଷା ଏବଂ ନାବାଳିକା ଗର୍ଭବତୀ ହେବା ପ୍ରସଙ୍ଗରେ ଘଣ୍ଟ ବଜାଇ ପ୍ରତିବାଦ କରିଥିଲେ। ବାଚସ୍ପତି ଗୃହକୁ ମୁଲତବି ଘୋଷଣା କରିବା ପରେ କଂଗ୍ରେସ ବିଧାୟକମାନେ ବିଧାନସଭାରୁ ବାହାରି ପ୍ରତିବାଦ ଜାରି ରଖିଛନ୍ତି।

## ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ



କେନ୍ଦ୍ରାପଡ଼ା, ୨୧।୩(ମହାଭାରତ): କେନ୍ଦ୍ରାପଡ଼ାର ଟାଣୁଆ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ ଘଟିଛି। ଆଜି ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ କେୟାରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି ।ଦୀର୍ଘ ଦିନରୁ ସେ କିଡନୀ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଦେବେନ୍ଦ୍ରଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ପିସିସି ସଭାପତିଙ୍କ ସହ ଅନେକ କଂଗ୍ରେସ ନେତା ସମସ୍ତେ ଶୋକପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଦେବେନ୍ଦ୍ରଙ୍କ ପରଲୋକରେ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ କହିଛନ୍ତିଜଣେ ଲୋକପ୍ରତିନିଧି ଭାବେ ଜନକଲ୍ୟାଣକାରୀ କାର୍ଯ୍ୟ ଏବଂ ସେବା ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଓମ୍ ଶାନ୍ତି।

ସୂଚନାଯୋଗ୍ୟ, ସ୍ୱର୍ଗତ ଦେବେନ୍ଦ୍ର ଶର୍ମା କଟକରେ ଜନ୍ମ ଗ୍ରହଣ କରିଥିଲେ ରେଭେନ୍ସା କଲେଜିଏଟ ସ୍କୁଲରୁ ସେ ନିଜର ସ୍କୁଲ ଶିକ୍ଷା ସଂପୂର୍ଣ୍ଣ କରିଥିଲେ। ସେହିଭଳି ୧୯୮୨ରେ ସେ ମୟୂରଭଞ୍ଜ ଲ କଲେଜରୁ ଆଇନରେ ସ୍ନାତକ ହାସଲ କରିଥିଲେ। ଦେବେନ୍ଦ୍ର ଶର୍ମା ନିଜ ବାପା ଡ. ଦିବାକରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ପାଦ ଥାପିଥିଲେ କଂଗ୍ରେସରେ ଯୋଗେଦେବା ସହ କେନ୍ଦ୍ରାପଡ଼ା ଜିଲ୍ଲା ସଂଗଠନର ଦାୟିତ୍ୱ ସମ୍ଭାଳିବା ସହ ଏବଂ ର ସଦସ୍ୟ ରହିଥିଲେ। ଦେବେନ୍ଦ୍ର ଶର୍ମା ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଆଳିରୁ ବିଧାୟକ ରହିଥିଲେ। ସେ ଓଡ଼ିଶା କ୍ରିକେଟ୍ ସଂଘର ଜଣେ ସକ୍ରିୟ ସଦସ୍ୟ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ସଂଘର ସଭାପତି ରହିଥିଲେ।

## ଭତ୍ତା ଅପେକ୍ଷାରେ ୬ଲକ୍ଷ ୪୬୮୮ ଜଣ

ଭୁବନେଶ୍ୱର, ୨୧।୩(ମହାଭାରତ): ୬ ଲକ୍ଷ ୪ ହଜାର ୬୮୮ ଜଣ ଭତ୍ତା ପାଇଁ ଅପେକ୍ଷାରେ ଅଛନ୍ତି । ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଛନ୍ତି ୪୦, ୯୨୭ଜଣ । ସେହିପରି ବିଧବା ଭତ୍ତା ପାଇଁ ଆବେଦନ କରିଛନ୍ତି ୬୧,୫୭୯ଜଣ । ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଛନ୍ତି ୪ ଲକ୍ଷ ୬୪ ହଜାର ୮୪୯ଜଣ । କୁଷ୍ଠ ରୋଗୀ ଭତ୍ତା ପାଇଁ ଆବେଦନ କରିଛନ୍ତି ୨୬୯ । ବିଧାୟକ ସାରଦା ନାୟକଙ୍କ ପ୍ରଶ୍ନରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖିଛନ୍ତି ।

## ଷ୍ଟାଲିନଙ୍କ ବୈଠକରେ ଯୋଗଦେଲା ବିଜେଡି

**ଭୁବନେଶ୍ୱର, ୨୧।୩ (ମହାଭାରତ) :** ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନଙ୍କ ନେତୃତ୍ୱରେ ଶନିବାର ଚେନ୍ନାଇରେ ହେବାକୁ ଥିବା ଡିଲିମିଟେସନ ବୈଠକରେ ଯୋଗଦେଇଛି ବିଜେଡି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୈଠକରେ ଯୋଗ ଦେଉ ନ ଥିବା ବେଳେ ତାଙ୍କ ସହମତିରେ ବିଜେଡି ବରିଷ୍ଠ ନେତା ଅମର ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ବୈଠକରେ ଯୋଗଦେଇଛନ୍ତି। ଏନେଇ ଏହି ୨ନେତା ଆଜି ଚେନ୍ନାଇ ଯାଇଛନ୍ତି। ଯାହାକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହେବାରେ ଲାଗିଛି।

ଡିଲିମିଟେସନ ବୈଠକରେ ବିଜେଡି ଯୋଗଦେବା କଥା ଜଣାପଡିବା ପରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଜେଡିକୁ ସମାଲୋଚନା କରିଛନ୍ତି। ବିଜେଡି ନିଜର ସୁରକ୍ଷା ପାଇଁ ବିଭିନ୍ନ ଦଳର କ୍ୟାମ୍ପକୁ ଯାଇପାରେ। ଏହା ତାଙ୍କର ନିଜସ୍ୱ ନିଷ୍ପତ୍ତି। ଏଥିରେ କିଛି ଅସୁବିଧା ନାହିଁ ବୋଲି କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଚେନ୍ନାଇ ବୈଠକରେ ବିଜେଡି ପ୍ରତିନିଧି ଦଳ ଯୋଗଦେବା କିଛି ପ୍ରାସଙ୍ଗିକତା ନାହିଁ । ଯୋଉ ଟିମ୍ ମ୍ୟାଚ ଖେଳିବାର ନାହିଁ ।ସେ ଟିମ୍ ଯିବ ମ୍ୟାଚ ଖେଳିବ, ତାର କିଛି ମାନେ ନାହିଁ। ବିଜେଡି ପ୍ରତିନିଧି ଦଳ ଚେନ୍ନାଇ ବୈଠକରେ ଯୋଗ ଦେବ କି ନାହିଁ ସେଥିରେ କିଛି ମନା ନାହିଁ । କାରଣ ଆଗକୁ ବିଜେଡି ରହିବ ନାହିଁ। ବିଜେଡି ରାଜନୀତିରେ ସମୀକରଣ ବଦଳିଲେ କିଛି ଅସୁବିଧା ନାହିଁ । ଭାଜପା ଏବଂ ଏନ୍ଡିଏ ଦେଶ ଏବଂ ରାଜ୍ୟକୁ ଚଳାଇବା ପାଇଁ ସକ୍ଷମ ବୋଲି ମନ୍ତ୍ରୀ କହିଛନ୍ତି।

# ବିଚାରପତିଙ୍କ ଘରୁ ୧୫ କୋଟି ଜବତ

## ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ କଲେଜିୟମ

ନୂଆଦିଲ୍ଲୀ, ୨୧।୩(ମହାଭାରତ): ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମାଙ୍କ ବାସଭବନରୁ ପ୍ରାୟ ୧୫ କୋଟି ଟଙ୍କା ନଗଦ ମିଳିବା ପରେ ଦେଶବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ତାଙ୍କ ବାସଭବନରେ ନିଆଁ ଲାଗିବା ପରେ ଦମକଳ ବାହିନୀ ଏହି ଆୟ ବର୍ହିଭୁତ ଟଙ୍କା ପାଇଥିଲେ। ଏହାକୁ ନେଇ ହଇଚଇ ସୃଷ୍ଟି ହେବା ପରେ ସୁପ୍ରିମକୋର୍ଟ କଲେଜିୟମ ଏକ ଜରୁରୀକାଳୀନ ବୈଠକ ଡାକି ତାଙ୍କୁ ତାଙ୍କ ଗୃହ ହାଇକୋର୍ଟ ଆହ୍ଲାବାଦ ହାଇକୋର୍ଟକୁ ପଠାଇଦିଆଯାଇଛି। ଏହି ପ୍ରସଙ୍ଗ ରାଜ୍ୟସଭାରେ ମଧ୍ୟ ଉଠିଥିଲା। ଏହି ଚର୍ଚ୍ଚା ମଧ୍ୟରେ ଦମକଳ ବାହିନୀ କୌଣସି ଟଙ୍କା ମିଳିନଥିବା କହିଛି।



ଅର୍ଥ ଜବତ ସମ୍ପର୍କରେ ପ୍ରକାଶିତ ଖବର ଉପରେ ସ୍ପଷ୍ଟୀକରଣ ଦେଇ ସୁପ୍ରିମକୋର୍ଟ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି ଏହି ପ୍ରେସ ବିଜ୍ଞପ୍ତିରେ, ସୁପ୍ରିମକୋର୍ଟ କହିଛନ୍ତି ଯେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ବର୍ମା ମାମଲା ଉପରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କଠାରୁ ଏକ ରିପୋର୍ଟ ମାଗିଛନ୍ତି। ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ନିଜ ସ୍ତରରେ ସୂଚନା ସଂଗ୍ରହ କରୁଛନ୍ତି ଏବଂ ସେ ମାର୍ଚ୍ଚ ୨୧ ସନ୍ଧ୍ୟା ସୁଦ୍ଧା ସୁପ୍ରିମକୋର୍ଟରେ ତାଙ୍କର ରିପୋର୍ଟ ଦାଖଲ କରିବେ ।ଏହି ପ୍ରେସ ବିଜ୍ଞପ୍ତିରେ ଏହା ମଧ୍ୟ କୁହାଯାଇଛି ଯେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ବ୍ୟତୀତ, ଜଷ୍ଟିସ୍ ବର୍ମାଙ୍କଠାରୁ ମଧ୍ୟ ସ୍ପଷ୍ଟୀକରଣ ମଗାଯାଇଛି। ଏହି ଉତ୍ତରଗୁଡ଼ିକୁ ଦେଖିବା ଏବଂ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରିବା ପରେ, ସୁପ୍ରିମକୋର୍ଟ କଲେଜିୟମ୍ ଏ ସମ୍ପର୍କରେ ଆହୁରି ଏକ ପ୍ରସ୍ତାବ ପାସ୍ କରିବେ।

ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଜଷ୍ଟିସ୍ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ସ୍ଥାନାନ୍ତର ପ୍ରସ୍ତାବ ଏହି ଆଭ୍ୟନ୍ତରୀଣ ତଦନ୍ତଠାରୁ ଏକ ପୃଥକ ପ୍ରକ୍ରିୟା ଯେହେତୁ ଏହି ଘଟଣା ଦିଲ୍ଲୀରେ ଘଟିଛି, ତେଣୁ ତାଙ୍କୁ ଏଠାରେ ପଦବୀରେ ରଖିବା ଠିକ୍ ହେବ ନାହିଁ ପ୍ରେସ୍ ରିଲିଜ୍‌ରେ ଏହା ମଧ୍ୟ କୁହାଯାଇଛି ଯେ ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟରେ ବରିଷ୍ଠତା ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି, ଯେତେବେଳେ ଆହ୍ଲାବାଦ ହାଇକୋର୍ଟରେ ସେ ବରିଷ୍ଠତା ତାଲିକାରେ ନବମ ସ୍ଥାନରେ ରହିବେ।

ଆହ୍ଲାବାଦ ହାଇକୋର୍ଟର ବାର ଆସୋସିଏସନ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ନ ପଠାଇବାକୁ ଅନୁରୋଧ କରିଛି। ବାର ଆସୋସିଏସନ କହିଛି ଯେ ଆହ୍ଲାବାଦ ହାଇକୋର୍ଟ କୌଣସି ଡଷ୍ଟବିନ୍ ନୁହେଁ ।ଯେଉଁଠାରେ ଦୁର୍ନୀତି ଅଭିଯୁକ୍ତଙ୍କୁ ଥଇଥାନ ପାଇଁ ପଠାଯିବ । ତାଙ୍କ ବିରୁଦ୍ଧରେ ତଦନ୍ତ ସମାପ୍ତ ନହେବା ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟିକ କାର୍ଯ୍ୟରୁ ଦୂରେଇ ରଖାଯିବା ଉଚିତ ବୋଲି ବାର୍ କହିଛି। ଏହିପ୍ରସଙ୍ଗରେ ବାର ଆସୋସିଏସନ ମାର୍ଚ୍ଚ ୨୪ରେ ଏକ ସାଧାରଣ ପରିଷଦ ବୈଠକ ମଧ୍ୟ ଡକାଇଛି। ବୈଠକରେ ଏହି ପ୍ରସଙ୍ଗ ଉପରେ ଏକ ବଡ଼ ନିଷ୍ପତ୍ତି ନିଆଯାଇପାରେ ବୋଲି ଆସୋସିଏସନ କହିଛି।

## ଯୌନ ଶୋଷଣର ଶିକାର ହୋଇଥିଲେ କିଟ୍‌ର ନେପାଳି ଛାତ୍ରୀ- ଉଚ୍ଚ ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୧।୩(ମହାଭାରତ): ଯୌନ ଶୋଷଣର ଶିକାର ହୋଇଥିଲେ କିଟ୍‌ର ନେପାଳି ଛାତ୍ରୀ । କିଟ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ଘଟଣା ଘଟିବାର ୧୧ ମାସ ପୂର୍ବରୁ ଏ ନେଇ କିଟ କର୍ତ୍ତୃପକ୍ଷଙ୍କ ପାଖରେ କରିଥିଲେ ଅଭିଯୋଗ । ମାର୍ଚ୍ଚ ୧୨, ୨୦୨୪ ରେ ମୃତ ଛାତ୍ରୀ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ । ଏ ସମ୍ପର୍କରେ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ ଜାରି ରଖିଛନ୍ତି । ୟୁଜିସି ଗାଇଡ଼ ଲାଇନ ଅନୁଯାୟୀ କିଟ ବିଶ୍ୱ ବିଦ୍ୟାଳୟ ଇଂଟରନାଲ କମିଟି ଗଠନ କରିଛି ।ଅନ୍ୟପଟେ କିଟ ବିଶ୍ୱ ବିଦ୍ୟାଳୟରେ କେତେ ଅବସର ପ୍ରାପ୍ତ ଆଇଏଏସ୍, ଆଇପିଏସ୍ , ଓଏସ୍ ଓ ଓପିଏସ୍ ଚାକିରୀ କରିଥିବା ନେଇ ବିଜେପି ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନରେ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ଉତ୍ତର ରଖିଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

## ମାଛ ମୁସ୍କା



**ଆବଶ୍ୟକୀୟ ସାମଗ୍ରୀ :** ମାଛ ୫୦୦ ଗ୍ରାମ, ଛୋଟ ଛୋଟ କଟା ଅଦା ୧ ଚାମଚ, କଟା ରଷୁଣ ୧ ଚାମଚ, ୨ଟି କଟା ପିଆଜ, ଗୋଟେ ସିଝା ଆଳୁ, ୧ ଛୋଟ ଚାମଚ ହଳଦି ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ୧ ଚାମଚ ଗୋଲ ମରିଚ ଗୁଣ୍ଡ, ୨ କପ୍ ତେଲ, ଲୁଣ ସ୍ୱାଦ ଅନୁସାର, ଭଜା ବ୍ରେଡ ଗୁଣ୍ଡ, ଧନିଆ ପତ୍ର ଓ କର୍ନଫ୍ଲୋର।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ବାଉଲରେ ଦୁଇ କପ୍ ପାଣି ପକାନ୍ତୁ। ସେଥିରେ ଲୁଣ ଏବଂ ହଳଦୀ ପକାଇ ୧୦ ମିନିଟ୍ ମାଛକୁ ସିଝାଇ ଦିଅନ୍ତୁ। ଏହାପରେ ସିଝା ମଛରୁ କଣ୍ଟାକୁ ଭଲଭାବେ ବାହାର କରି ଦିଅନ୍ତୁ। ତା’ପରେ ମଛରେ ସିଝା ଆଳୁ, କଟା ପିଆଜ, ରୁଷଣ, ଅଦା, ଲଙ୍କା ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗୋଳା ହଆଇଥିବା ମାଛକୁ ଛୋଟ ଛୋଟ ଆକାରରେ ଗୋଲ କରିଦିଅନ୍ତୁ। ଏହାପରେ ଆଉ ଗୋଟିଏ ପାତ୍ରରେ ୨ କପ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଲ ଆକାର ଦିଆଯାଇଥିବା ମାଛକୁ କର୍ନଫ୍ଲୋରରେ ବୁଡାଇବା ପରେ ସେଥିରେ ବ୍ରେଡ କ୍ରମ୍ବସ୍ ଲଗାଇ ତେଲରେ ଛାଣି ଦିଅନ୍ତୁ। ଅଳ୍ପ ନାଲି ହେବା ପରେ ମାଛକୁ ପ୍ଲେଟକୁ ବାହାର କରି ପରଷନ୍ତୁ।

**..... ପରଦା ଖବର .....**

## ସିକନ୍ଦର ନାଚେ’ରେ ସଲମାନଙ୍କ ଡବକେ ଡ୍ୟାନ୍ସ



ଅଭିନେତା ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ ‘ସିକନ୍ଦର’ର ଆଉ ଏକ ଗୀତ ‘ସିକନ୍ଦର ନାଚେ’କୁ ମଙ୍ଗଳବାର ରିଲିଜ୍ କରାଯାଇଛି। ସୋମବାର ଏହାର ଟିଜରକୁ ଜାରି କରାଯାଇଥିଲା। ଏହି ଗୀତ ରିଲିଜ୍ ହେବା ପରେ ଏହାର କ୍ରେଜ୍ ସଲମାନଙ୍କ ପ୍ରଶଂସକଙ୍କ ମଧ୍ୟରେ ଦେଖିବାକୁ ମିଳିଛି। ଗୀତରେ ସଲମାନଙ୍କୁ ହୁକ୍ ଷ୍ଟେପ୍ ସହ ନାଚୁଥିବାର ଦେଖିବାକୁ ମିଳିଥିଲା। ଏହାସହ ତାଙ୍କୁ ଏହି ଗୀତରେ ପାଲେଷ୍ଟାଇନ, ଜୋର୍ଡାନ, ସିରିଆ ଏବଂ ଲେବାନନ୍ ଆଦି ଦେଶର ଲୋକପ୍ରିୟ ପାରମ୍ପରିକ ନୃତ୍ୟ ଡବ୍କେ ଡ୍ୟାନ୍ସ ଷ୍ଟେପ୍ ସହ ନାଚୁଥିବାର ମଧ୍ୟ ଦେଖିବାକୁ ମିଳିଛି। ଏହି ଗୀତର ଗ୍ରାଣ୍ଡ ସେଟ୍‌ଅପ୍ ଦର୍ଶକଙ୍କୁ ପସନ୍ଦ ଆସିଛି। ଗୀତରେ ସଲମାନଙ୍କ ସହ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କେମେଷ୍ଟ୍ରିକୁ ସିନେପ୍ରେମୀ ପସନ୍ଦ କରିଛନ୍ତିୟ ‘ସିକନ୍ଦର ନାଚେ’ ଗୀତରେ ସଲମାନ ଓ ରଶ୍ମିକାଙ୍କ ସହ ତାଳ ମିଳାଇ ତୁର୍କୀର କେତେଜଣ ସ୍ୱତନ୍ତ୍ର ଡ୍ୟାନ୍ସର ଡ୍ୟାନ୍ସ ଷ୍ଟେପ୍ କରୁଥିବାର ନଜରକୁ ଆସିଛନ୍ତି। ଏହି ଗୀତରେ ଅହମଦ ଖାନ୍‌ଙ୍କର କୋରିଓଗ୍ରାଫିକୁ ଢେରିଆଡୁ ପସନ୍ଦ କରାଯାଉଛି। ପ୍ରକାଶ ଯେ, ସାଜିଦ ନାଡିଆଡ୍‌ୱାଲାଙ୍କ ନିର୍ମିତ ଏବଂ ଏ. ଆର୍. ମୁରୁଗାଦୋସ୍‌ଙ୍କ ନିର୍ଦ୍ଦେଶିତ ‘ସିକନ୍ଦର’ ଫିଲ୍ମ ଆସନ୍ତା ୨୮ ତାରିଖରେ ରିଲିଜ୍ ହେବ।

## ଭଗବାନଙ୍କ ଦିବ୍ୟ ପ୍ରକୃତ

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ଯିଏ ମୋର ଆବିର୍ଭାବ ତଥା କର୍ମର ଦିବ୍ୟ ପ୍ରକୃତିକୁ ଜାଣି ନେଇଥାଏ, ସେ ଏହି ଶରୀରକୁ ଛାଡ଼ିବା ପରେ ଭୌତିକ ସଂସାରରେ ପୁଣି ଥରେ ଜନ୍ମ ନିଏ ନାହିଁ । ସେ ସନାତନ ଧାମ ପ୍ରାପ୍ତ କରିଥାଏ । ଭଗବାନଙ୍କ ଆବିର୍ଭାବର ସତ୍ୟକୁ ବୁଝି ପାରୁଥିବା ବ୍ୟକ୍ତି ଭବବନ୍ଧନରୁ ମୁକ୍ତ ହୋଇଥାଏ ଏବଂ ଏହି ଶରୀର ଛାଡ଼ି ପରେ ତୁରନ୍ତ ଭଗବାନଙ୍କ ଧାମକୁ ଫେରି ଯାଇଥାଏ । ନିର୍ବିଶେଷବାଦୀ ତଥା ଯୋଗୀଜନ ପର୍ଯ୍ୟାପ୍ତ କଷ୍ଟ ଏବଂ ଜନ୍ମଜନ୍ମାନ୍ତରର ଯାତନା ସହି ମୁକ୍ତି ପ୍ରାପ୍ତ କରିଥାନ୍ତି । ଭଗବାନଙ୍କ ଶରୀରର ଦିବ୍ୟ ପ୍ରକୃତି ତଥା ତାଙ୍କ କାର୍ଯ୍ୟକଳାପକୁ ବୁଝି ପାରୁଥିବା ଭକ୍ତ ଏହି ଶରୀର ଛାଡ଼ିବା ପରେ ପୁନଃ ଜନ୍ମଜନ୍ମାନ୍ତର ଚକ୍ରରେ ପଡ଼େ ନାହିଁ । ପୁଣି ଥରେ ଏହି ମୋହ ମାୟା ଭରା ଦୁନିଆକୁ ଫେରିବାର ଭୟ ଏଭଳି ଆତ୍ମା ନିକଟରେ ନଥାଏ । ଭଗବାନଙ୍କ ଅନେକ ଦିବ୍ୟ ସ୍ୱରୂପ ରହିଛି । ତଥାପି ସେ ଅଦ୍ୱୟ । ଏହି ତଥ୍ୟକୁ ବିଶ୍ୱାସପୂର୍ବକ ବୁଝି ପାରୁଥିବା ବିଦ୍ୱାନ ଜ୍ଞାନ ଯୋଗୀରେ ପରିଣତ ହୋଇଥାଏ । ଏଭଳି ଭକ୍ତ ସହ ଭଗବାନ ସର୍ବଦା ସମ୍ବନ୍ଧ ସ୍ଥାପନ କରିଥାନ୍ତି । ଏ ସମ୍ପର୍କରେ ସ୍ୱୟଂ ଭଗବାନ ଭଗବତ୍ ଗୀତାରେ ବର୍ଣ୍ଣନା କରିଛନ୍ତି । ଏହି ସତ୍ୟକୁ ସ୍ୱୀକାର କରୁଥିବା ଭକ୍ତ ବୃଥା ଚିନ୍ତନରେ ସମୟ ନଷ୍ଟ ନକରି ମୁକ୍ତି ନିମନ୍ତେ ଚରମ ସିଦ୍ଧି ପ୍ରାପ୍ତ କରିଥାଏ ।



## କାର୍ ବି ହୋଇପାରେ ରୋଗର କାରଣ



ଆପଣ ଏହା ଭାବିଥାଇପାରନ୍ତି ଯେ, କୌଣସି ପ୍ରଦୂଷିତ ସଡ଼କରେ ନିଜ କାର୍ ଭିତରେ ବସିଛନ୍ତି ତ ସୁରକ୍ଷିତ ଅଛନ୍ତି। କିନ୍ତୁ ଏପରି ଧାରଣା ରଖିବା ଅନୁଚିତ୍। ସଡ଼କ ଉପରେ ଗାଡ଼ି ମଟରରୁ ବାହାରୁଥିବା ଧୂଆଁ ଆପଣଙ୍କ ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ। ଅନ୍ୟ ଗାଡ଼ିରୁ ବାହାରୁଥିବା ଧୂଆଁ ସହ ଆପଣଙ୍କ ବନ୍ଦ କାର୍ ଯୋଗୁ ପ୍ରଦୂଷଣ ମଧ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଏ। ଏହା ବ୍ୟତୀତ କାର୍‌ରେ ବନ୍ଦ ରହି ଏସିରେ ବସି ରହିବା ମଧ୍ୟ ଆପଣଙ୍କୁ ରୋଗାଗ୍ରସ୍ତ କରିପାରେ। ଆଜିକାଲି ସମସ୍ତେ ଏସି କାର୍‌ରେ ଯିବାଆସିବା କରିବାକୁ ପସନ୍ଦ କରୁଛନ୍ତି କିନ୍ତୁ ଦୀର୍ଘ ସମୟ ଧରି ଏସିରେ ବସିରହିବା ଯୋଗୁଁ ଲୋକଙ୍କ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାକୁ ଲାଗେ, ଯଦ୍ୱାରା ଶରୀର ଋତୁଗତ ଏବଂ ସାଧାରଣ ରୋଗ ସହ ଲଢ଼ିବାକୁ ସମର୍ଥ ହୁଏନାହିଁ।

ସଂକ୍ରମଣ: କାର୍‌ର କବାଟ, ଷ୍ଟେରିଂ ହ୍ୱିଲ୍, ଡ୍ରାଇଭିଂ ସିଟ୍, ଡିଗ୍‌ଗୀ ଆଦିରେ ସାଧାରଣତଃ ଲୋକଙ୍କ ହାତ ବାରମ୍ବାର ଲାଗିଯାଏ। ଯେଉଁଥିପାଇଁ ଏସବୁ ସ୍ଥାନରେ ଧୂଳି ପ୍ରଦୂଷଣ କାରଣରୁ ଥଣ୍ଡା, କାଶ ବ୍ୟତୀତ ଅନ୍ୟାନ୍ୟ ସଂକ୍ରମଣରୁ ବ୍ୟାପୁଥିବା ଜୀବାଣୁ ଶରୀରକୁ ପହଞ୍ଚିଯାଏ। ରୋଗ ଏବଂ ସଂକ୍ରମଣରୁ ବଞ୍ଚିବା ପାଇଁ ସପ୍ତାହରେ ଅତି କମ୍‌ରେ ୨-୩ ଥର କାର୍‌କୁ ସଫା କରନ୍ତୁ।

ଚିନ୍ତା: ଆଜିର ସମୟରେ ଯୁବପିଢ଼ି ସବୁବେଳେ ଚିନ୍ତାଗ୍ରସ୍ତ ରହିବା ସହ ଅବସାଦର ଶିକାର ହେଉଛନ୍ତି, ଏହାର ଏକ କାରଣ ମଧ୍ୟ କାର୍ ହୋଇପାରେ। କାରଣ ଅଫିସ୍ ପରେ ଟ୍ରାଫିକ୍ ଜାମ୍ କାରଣରୁ ଲୋକମାନେ ଅଧିକାଂଶ ସମୟ କାର୍ କିମ୍ବା କ୍ୟାବ୍‌ରେ ବସିରହନ୍ତି, ଯାହାକି ଧିରେ ଧିରେ ଅବସାଦ ବଢ଼ାଇବାର ଲକ୍ଷଣ ଦେଖାଏ।

କାର୍ ଭିତରେ ବି ହୁଏ ପ୍ରଦୂଷଣ: ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି ଯେ କାର୍ କ୍ୟାବିନ୍‌ରେ କିଛି ହାନିକାରକ ଉପାଦାନର ମାତ୍ରା ମାତ୍ରାଧିକ ସ୍ତରରେ ଥାଏ, ଯେତେ ପୂର୍ବରୁ ଅନୁମାନ କରାଯାଏ, ପ୍ରଭାବ ଦ୍ୱିଗୁଣ ହୋଇଯାଏ। ଏହି ଅଧ୍ୟୟନର ନିଷ୍କର୍ଷରେ କାର୍ ଭିତରେ ପ୍ରଦୂଷଣ ବିଷୟରେ ଜଣାଯାଏ, ଯଦ୍ୱାରା ଏହି କେମିକାଲ୍‌ର ମାତ୍ରା ଦ୍ୱିଗୁଣିତ ହେବା ସହ ଦୁଃଶ୍ଚିନ୍ତା ସୃଷ୍ଟି କରେ। ଫଳରେ ହୃଦ୍‌ରୋଗ, କ୍ୟାନସର୍ ଆଦି ସମସ୍ୟା ଉପୁଜିପାରେ।

## ଘର କୋଣକୁ କରନ୍ତୁ ନାହିଁ ନଜର ଅନ୍ଦାଜ୍, କରିପାରିବେ ଏପରି ଡେକୋରେଟ୍



ପ୍ରାୟ ଲୋକ ଘର ସଜାଇବା ସମୟରେ ଘରର କୋଣକୁ ହିଁ ସର୍ବାଧିକ ଅବହେଳା କରିଥାନ୍ତି ।ଏପରିକି ଘରକୋଣକୁ ଖାଲି ଛାଡି ଦେଇଥାନ୍ତି । ଫଳରେ ଘରେ ଥିବା ସ୍ଥାନର ଉପଯୁକ୍ତ ସ୍ପେଶ୍ ମ୍ୟାନେଜମେଣ୍ଟ□ ହୋଇପାରେନା। କେହି କେହି କୋଣରେ ଅତି ବେଶିରେ ଗଛଟିଏ ରଖି ଦେଇଥାନ୍ତି । ଯଦି ଉପଯୁକ୍ତ ଭାବେ ସ୍ପେଶ୍ ମ୍ୟାନେଜ୍ କରିବାକୁ ଚାହୁଁଥାନ୍ତି, ତେବେ ଘରର କୋଣକୁ ଖୁବ୍ ସୁନ୍ଦର ଭାବେ ଡେକୋରେଟ୍ କରିପାରିବେ। ଯାହା ଲୋକଙ୍କର ଖୁବ୍ ଦୃଷ୍ଟି ଆକର୍ଷଣ କରିପାରିବ ।ଛୋଟ ଲାଇବ୍ରେରୀ : ଯଦି ଆପଣ ପଢାପଢିକୁ ବେଶି ଗୁରୁତ୍ୱ ଦେଉଥାନ୍ତି, ତେବେ ଘରର ଲିଭିଙ୍ଗ୍ ଏରିଆରେ ଥିବା କୋଣକୁ ଛୋଟ ଲାଇବ୍ରେରୀର ରୂପ ଦେଇପାରିବେ । ଘରର କୋଣରେ ଥାକ ବ୍ୟବସ୍ଥା କରି ସେଥିରେ କିଛି ଭଲ ବହି ରଖି ଦେଇପାରିବେ, ଯାହାକୁ ଆପଣ ଯେକୌଣସି ସମୟରେ ନେଇ ପଢାପଢି କରିପାରିବେ । ଏହା ଘରର ଲୁକରେ ପରିବର୍ତ୍ତନ ଆଣି ଦେଇଥାଏ । ମିନି ଅଫିସ୍: ଯଦି ଆପଣ ସମ୍ପୂର୍ଣ୍ଣ ଘରୁ କାମ କରୁଥାନ୍ତି କିମ୍ବା କେବେ କେବେ ଘରୁ ଅଫିସ୍ କାମ କରୁଥାନ୍ତି, ତେବେ ଘରର ଖାଲି କୋଣକୁ ମିନି ଅଫିସ୍ ଭାବେ ବ୍ୟବହାର କରିପାରିବେ । କୋଣରେ ୱାର୍କ ଟେବଲ୍ ରଖି ତା’ ଉପରେ ଫ୍ଲୋଟିଙ୍ଗ୍ ସେଲ୍ଫ ରଖି ଅଫିସ୍ ଫାଇଲ୍ ରଖିପାରିବେ ।

ବସିବା ପାଇଁ ସ୍ଥାନ: ଘରର ଖାଲି କୋଣକୁ ବସିବା ପାଇଁ ସ୍ଥାନ ବା ସିଟିଙ୍ଗ ଏରିଆ ଭାବେ ବ୍ୟବହାର କରିପାରିବେ। କେବେ କେବେ ଆମେ ନିଜ ସହ ସମୟ ବିତାଇବାକୁ ପସନ୍ଦ କରିଥାଉ । ଏହି ସମୟରେ ଘରର କୋଣକୁ ବ୍ୟବହାର କରିପାରିବେ । ଫଟୋ କର୍ଣ୍ଣର୍: ଯଦି ଚାହିଁବେ ଘରର କୋଣକୁ ଫଟୋ ଏରିଆ ଭାବେ ଡେକୋରେଟ୍ କରିପାରିବେ। ପରିବାରର ସମସ୍ତଙ୍କ ଫଟୋକୁ ନେଇ ଏହି କୋଣର କାନ୍ଥକୁ ସୁନ୍ଦର ଭାବେ ସଜାଇପାରିବେ ।ସୁନ୍ଦର ଫଟୋଗୁଡିକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ ନିଶ୍ଚୟ । ଯଦି ଆପଣଙ୍କ ଘର ଛୋଟ ହୋଇଥାଏ, ତେବେ ଏହି କୋଣକୁ ଖାଲି ନ ପକାଇ ସୁବିନିଯୋଗ ନିଶ୍ଚୟ କରନ୍ତୁ ।

## ଆର୍ଥିକ ସଙ୍କଟ ଦୂରେଇବାକୁ ହେଲେ ଅଣଦେଖା କରନ୍ତୁନି ଏହିସବୁ ନିୟମ

ଜୀବନରେ ବାସ୍ତୁଶାସ୍ତ୍ରର ଅନେକ ମହତ୍ତ୍ୱ ରହିଛି। ବାସ୍ତୁଶାସ୍ତ୍ର ଜୀବନଶୈଳୀ ଉପରେ ବିଭିନ୍ନ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ର ଅନେକ ସମସ୍ୟା ସମାଧାନ କରିଥାଏ। ସେଥିପାଇଁ ଲୋକେ ଘର ତିଆରି କରିବା ପୂର୍ବରୁ ବାସ୍ତୁଶାସ୍ତ୍ରର ସବୁ ଦିଗ ପ୍ରତି ଦୃଷ୍ଟି ନେଇ ଘର ତିଆରି କରିଥାନ୍ତି। ବାସ୍ତୁ ନିୟମ ଅନୁସରଣ କରି ଜୀବନକୁ ସୁଖମୟ କରାଯାଇପାରିବ। ବାସ୍ତୁଶାସ୍ତ୍ରରେ ଏମିତି କିଛି ନିୟମ ରହିଛି ଯାହାକୁ ଅଣଦେଖା କରିବା ଦ୍ୱାରା ଜୀବନ ଉପରେ ତାର ନକାରାତ୍ମକ ପ୍ରଭାବ ପଡିଥାଏ। ନକାରାତ୍ମକ ପ୍ରଭାବ ଅନେକ ସମସ୍ୟା ସୃଷ୍ଟି କରିପାରେ। ବାସ୍ତୁଶାସ୍ତ୍ରର ଏହି ସରଳ ନିୟମ ପାଳନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ପ୍ରଭାବ ପଡିବ। ବାସ୍ତୁଶାସ୍ତ୍ରରେ ଏମିତି ବି କିଛି ନିୟମ ରହିଛି ଯାହାକୁ ଅଣଦେଖା କଲେ ଆର୍ଥିକ ସଙ୍କଟ ମଧ୍ୟ ଦେଖାଦେଇପାରେ।



ଜାଣନ୍ତୁ ବାସ୍ତୁଶାସ୍ତ୍ରର ସରଳ ନିୟମ :

୧. ଘର ସର୍ବଦା ସଫାସୁତୁରା ଓ ସ୍ୱଚ୍ଛ ରଖିବା ଉଚିତ।

୨. ଘରେ ଯେଉଁ ସ୍ଥାନରେ ଟ୍ରେଜେରି ଅଛି ବା ଧନ ରଖନ୍ତି ସେଠାରେ ବୁଢିଆଣୀ ଜାଲ ରହିବାକୁ ଦିଅନ୍ତୁନି, ସର୍ବଦା ସଫା ରଖନ୍ତୁ।

୩. ଟଙ୍କା ରଖୁଥିବା ଆଲମିରା ବା ଟ୍ରେଜେରି ଏହିଭଳି ରଖନ୍ତୁ ଯେପରି ତାହା ଉତ୍ତର ଦିଗ ଆଡକୁ ଖୋଲୁଥିବ।

୪. ଯେଉଁ ଆଲମିରାରେ ଆପଣ ଟଙ୍କା, ଗହଣା ଆଦି ରଖୁଛନ୍ତି ତାହା କେବେ ବି ଦକ୍ଷିଣ ଦିଗ ଆଡକୁ ଖୋଲିବା ଉଚିତ ନୁହେଁ, ତାର ମୁହଁ ଉତ୍ତର ଆଡକୁ ରହିବା ଉଚିତ।

୫. ଘରେ ଅଯଥା ପାଣି ନଷ୍ଟ କରନ୍ତୁନି, ଘରେ ନଳରୁ ପାଣି ଝରିବା ଶୁଭ ନୁହେଁ, ଘରେ ଅଯଥା ନଳରୁ ପାଣି ଝରୁଥିଲେ ଟଙ୍କା ରହେନାହିଁ ଏବଂ ଆର୍ଥିକ ସଙ୍କଟ ଦେଖାଦିଏ ବୋଲି କୁହାଯାଏ।

୬. ଖାଇବା ବେଳେ ମନେ ରଖିବେ, ଭୋଜନ ଥାଳିକୁ କୌଣସି ପିଢା କିମ୍ବା ଆସନରେ ସମ୍ମାନର ସହ ରଖିବା ଉଚିତ, ଅନ୍ନକୁ ସର୍ବଦା ସମ୍ମାନ ଦେବା ଉଚିତ।

୭. ଖାଇବା ପରେ ଭୋଜନ ଥାଳିରେ କେବେ ବି ହାତ ଧୁଅନ୍ତୁ ନାହିଁ। ରାତିରେ ଘରେ ଅଇଁଠା ବାସନ ପକାଇ ରଖନ୍ତୁ ନାହିଁ, ବାସନ ସଫା କରି ଶୋଇବା ଉଚିତ।

୮. ଘରର ରୋଷେଇ ଘର ସବୁବେଳେ ଆଗ୍ନେୟ କୋଣରେ ରହିବା ଉଚିତ।

୯. ଟଏଲେଟ, ଗାଧୁଆ ଘର, ରୋଷେଇ ଘର ଗୋଟିଏ ସିଧାରେ ନିର୍ମାଣ କରିବା ଉଚିତ ନୁହେଁ।

୧୦. ଘରର ରୋଷେଇ ଘର ଓ ଟଏଲେଟ କବାଟ କେବେ ବି ସମ୍ମାସାମ୍ନି ରଖିବା ଉଚିତ ନୁହେଁ।

# ପୂର୍ବତଟ ରେଳପଥ ପକ୍ଷରୁ ୨୫୦ ନିୟୁତ ଟନ ପଣ୍ୟ ପରିବହନ ରେକର୍ଡ

ଭୁବନେଶ୍ୱର, ୨୧।୩(ମହାଭାରତ): ପୂର୍ବତଟ ରେଳପଥ (ଋଉକ୍ଟଜ) ପୁଣି ଥରେ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାର ୧୧ ଦିନ ପୂର୍ବରୁ ୨୫୦ ନିୟୁତ ଟନ୍ ମୂଳ ପଣ୍ୟ ପରିବହନ ହାସଲ କରିବାରେ ଭାରତର ପ୍ରଥମ ରେଳ ଜୋନ୍ ହୋଇଛି। ପୂର୍ବତଟ ରେଳପଥର ପଣ୍ୟ ପରିବହନ ରେକର୍ଡ ଭାରତୀୟ ରେଳବାଇର ସମସ୍ତ ପୂର୍ବ ମାନଦଣ୍ଡକୁ ଅତିକ୍ରମ କରିଛି, ଯାହା ଦେଶର ସର୍ବୋଚ୍ଚ ପଣ୍ୟ ପରିବହନ କ୍ଷେତ୍ର ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ଏହି ସଫଳତା ଲଗାତାର ଭାବେ ଦ୍ୱିତୀୟ ବର୍ଷ ପାଇଁ ୨୫୦ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ଏହି ସଫଳତାକୁ ହାସଲ କରିବା ପାଇଁ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷରେ ୩୬୦ ଦିନ ସମୟ ନେଇଥିଲାବେଳେ ଚଳିତ ବର୍ଷ ୩୫୫ ଦିନରେ ଏହି ଲକ୍ଷ ହାସଲ କରିଛି। ଉଲ୍ଲେଖନୀୟ ଯେ, ପୂର୍ବତଟ ରେଳପଥ କ୍ରମାଗତ ଷଷ୍ଠ ଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାର ଗୌରବ ମଧ୍ୟ ହାସଲ କରିଛି।



ଏହା ବ୍ୟତୀତ, ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଅଧିକାରକ୍ଷେତ୍ର ମଧ୍ୟରେ ୨୨୮.୩ ନିୟୁତ ଟନ୍ ମାଲ ପରିବହନ ମୁକ୍ତ/ଅନଲୋଡ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨.୬% ଅଧିକ୍ୟ ୨୦୨୩-୨୪ ଆର୍ଥିକ ବର୍ଷରେ ୨୧ ମାର୍ଚ୍ଚ ସୁଦ୍ଧା, ପୂର୍ବତଟ ରେଳପଥ ଏହାର ଅଧିକାର କ୍ଷେତ୍ରରେ ୨୨୨.୪ ନିୟୁତ ଟନ୍ ମାଲ ପରିବହନ କରିଥିଲା।ଏହି ଐତିହାସିକ ସଫଳତା ହାସଲ କରିବାରେ ପୂର୍ବତଟ ରେଳବାଇର ତିନୋଟି ରେଳ ମଣ୍ଡଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରମୁଖ ପଣ୍ୟ ପରିବହନକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ:

ତାଳଚେରରେ ଥିବା ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଗଡଖ)ର କୋଇଲା କ୍ଷେତ୍ର। ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାଞ୍ଚଟି ପ୍ରମୁଖ ବନ୍ଦର: ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ୍ ଏବଂ ଗୋପାଳପୁର। ବୈଲାଡିଲା (ଛତିଶଗଡ଼) ଏବଂ କେଉଁଝର ଜିଲ୍ଲା (ଓଡ଼ିଶା)ରେ ଲୁହା ଖଣି। ପ୍ରମୁଖ ଇସ୍ପାତ ଏବଂ ଆଲୁମିନିୟମ ଶିଳ୍ପ-ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ ମାଇଲଖୁଣ୍ଟ ହାସଲ କରିବାର ଏକ ଦୀର୍ଘକାଳୀନ ପରମ୍ପରା ରହିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାରେ ଏହା ଅବିଭକ୍ତ ଦକ୍ଷିଣ ପୂର୍ବ ରେଳବାଇ ପରେ ଦ୍ୱିତୀୟ ରେଳ ଜୋନ୍ ଥିଲା। ଆଜି, ଏହା ଲଗାତାର ଦୁଇ ବର୍ଷ ହେଲା ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ ହାସଲ କରିବାରେ ପ୍ରଥମ ଜୋନ୍ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି।ବିଭିନ୍ନ କାର୍ଯ୍ୟକ୍ଷମ ଆହ୍ୱାନ ସତ୍ତ୍ୱେ, ଏହି ରେକର୍ଡ ଅତିକ୍ରମ କରିବାରେ ଯତ୍ନବାନ ଯୋଜନା, ସରକାରୀ କ୍ଷେତ୍ର, ଶିଳ୍ପ ଏବଂ ଅଂଶୀଦାରମାନଙ୍କ ସହିତ ସୁଗମ ସମନ୍ୱୟ ଏବଂ ଦକ୍ଷତା ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ସଫଳତା ସମ୍ଭବ ହୋଇପାରିଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ଦୃଢ଼ ନେତୃତ୍ୱରେ ଏହି ରେଳପଥ ନିରନ୍ତର ଭାବରେ ଏହାର ପଣ୍ୟ ପରିବହନ କାର୍ଯ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛି। ଶ୍ରୀ ଫୁଙ୍କୱାଲଙ୍କ ରଣନୈତିକ ଦୃଷ୍ଟିକୋଣ, ପ୍ରେରଣାଦାୟକ ନେତୃତ୍ୱ ଏବଂ ଦଳଗତ କାର୍ଯ୍ୟ ଉପରେ ଗୁରୁତ୍ୱ ଏହି ଐତିହାସିକ ସଫଳତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୂର୍ବତଟ ରେଳପଥର ଉତ୍ସର୍ଗୀକୃତ କର୍ମଚାରୀ, ଏହାର ସକାରାତ୍ମକ ମନୋଭାବ ଏବଂ ନିରନ୍ତର ପ୍ରୟାସ ସହିତ ସଫଳତାର ଏହି ଗତିକୁ ବଜାୟ ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପଣ୍ୟ ପରିବହନରେ ଏହି ଅଭୁତପୂର୍ବ ପ୍ରଦର୍ଶନ ପୂର୍ବତଟ ରେଳପଥର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି, ଯାହା ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ଲଜିଷ୍ଟିକ୍ସ ଦକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି।

## ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଦେଶ ଓ ବିଭିନ୍ନ ରାଜ୍ୟରୁ ନେତାଙ୍କ ସୁଅ

**ଭୁବନେଶ୍ୱର, ୨୧।୩ (ମହାଭାରତ) :** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼ାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ମାନଙ୍କର ସୁଅ ଓଡ଼ିଶାକୁ ପ୍ରତିଦିନ ଛୁଟିବାରେ ଲାଗିଛି। ଏହା ମଧ୍ୟରେ କର୍ଣ୍ଣାଟକ ରାଜ୍ୟପାଳ ତାୱରଚନ୍ଦ ଗେହେଲଟ, ହରରିୟାନା ମୁଖ୍ୟମନ୍ତ୍ରୀ ନାୟବ ସିଂହ, ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରିଜେଶ ପାଠକ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନମନ୍ତ୍ରୀ ଗଜେନ୍ଦ୍ର ସିଂହ ଶୋଖାୱତ, କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଏସ୍‌ପି ସିଂହ ବାଘଲେ, କେନ୍ଦ୍ର ଦକ୍ଷତା ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିଂହ ଚୌଧୁରୀ, କେନ୍ଦ୍ରରାଷ୍ଟ୍ରମନ୍ତ୍ରୀ କୃଷ୍ଣପାଲ ଗୁର୍ଜର, କେନ୍ଦ୍ର କ୍ରୀଡା ଓ ଯୁବବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଗିରିଶ ଚନ୍ଦ୍ର ଯାଦବ, ଉତ୍ତରପ୍ରଦେଶ ମହିଳା ଶିଶୁ ବିକାଶ ମନ୍ତ୍ରୀ ଶ୍ରମତୀ ବେବିରାଣୀ ମୌର୍ଯ୍ୟ, ଉତ୍ତରପ୍ରଦେଶ ଆଖୁ ଓ ଚିନି କଳ ବିଭାଗମନ୍ତ୍ରୀ ସଞ୍ଜୟ ସିଂହ ଗଙ୍ଗୱାର, ଉତ୍ତରପ୍ରଦେଶ ବିଜେପି ସାଧାରଣ ସମ୍ପାଦକ ଗୋବିନ୍ଦ ନାରାୟଣ ଶୁକ୍ଳା, ଉତ୍ତରପ୍ରଦେଶ ସଂସଦୀୟ ବ୍ୟାପାରମନ୍ତ୍ରୀ ଯଶବନ୍ତ ସିଂହ ାଇନୀ, ହରିୟାଣା କ୍ୟାବିନେଟ୍ ମନ୍ତ୍ରୀ ଅରବିନ୍ଦ କୁମାର ଶର୍ମା, ଦିଲ୍ଲୀ ପରିବେଶ ଜଙ୍ଗଲ ବିଭାଗ ମନ୍ତ୍ରୀ ମଂଜିବର ସିଂହ ସିର୍ସା, ଉତ୍ତରପ୍ରଦେଶ ନଗର ବିଧାୟକ ତେଜପାଲ ସିଂହ, ଦିଲ୍ଲୀ ମାଲବୀୟନଗର ବିଧାୟକ ସତିଶ ଉପାଧ୍ୟାୟ, ଭୋପାଳ ବିଧାୟକ ରାମେଶ୍ୱର ଶର୍ମା, ହରିୟାନା ରାଜ୍ୟ ବିଜେପି ସଭାପତି ପଣ୍ଡିତ ମୋହନ ଲାଲ ବଡ଼ୋଲି, ପ୍ରମୁଖ ଭୁବନେଶ୍ୱର ଠାରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନକୁ ଆସି ତାଙ୍କ ପିତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କୁ ଭଗୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଏଠାରୁ ଫେରିଯାଇଛନ୍ତି।

## ସୋଆ ଏବଂ ହାଇଦ୍ରାବାଦ ସ୍ଥିତ କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର, ୨୧।୩(ମହାଭାରତ): ପ୍ରତିଭାର ବିକାଶକୁ ତ୍ୱରାନ୍ୱିତ କରିବା, ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ସହଭାଗିତାକୁ ଏବଂ ସ୍ଥାନୀୟ ନିଯୁକ୍ତିକୁ ପ୍ରୋତ୍ସାହନ ଦେବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଓ ହାଇଦ୍ରାବାଦ ସ୍ଥିତ କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ମଧ୍ୟରେ ଏଠାରେ ଶୁକ୍ରବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଆର୍ଥିକ ସେବା, ଆଇଟି ଏବଂ ଆଇଟିଇଏସ୍ ସମ୍ପର୍କିତ ସେବା ପ୍ରଦାନ କରୁଥିବା କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ବିକାଶ, ଜ୍ଞାନ ପ୍ରଦାନ ଏବଂ ନିଯୁକ୍ତ ସୃଷ୍ଟି କରିବା କ୍ଷେତ୍ରରେ କାର୍ଯ୍ୟ କରୁଛି।



୬୦ ମାସ ଅବଧି ନିମନ୍ତେ ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣା ଅନୁଯାୟୀ ଛାତ୍ରଛାତ୍ରୀଙ୍କ ପାଇଁ କର୍ମଶାଳା ଓ ଦକ୍ଷତା ସୃଷ୍ଟି କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ସେମାନଙ୍କୁ ଇନ୍‌ଟର୍ଣ୍ଣସିପ୍ ଏବଂ ନିଯୁକ୍ତି ପୂର୍ବର ସୁଯୋଗ ସହିତ ଦକ୍ଷ ପ୍ରତିଭାମାନଙ୍କୁ ନିଯୁକ୍ତିର ସୁଯୋଗ ମଧ୍ୟ ପ୍ରଦାନ କରିବ। ଏଥି ସହିତ ଫ୍ୟାକଲ୍ଟି ଡେଭେଲପମେଂଟ ପ୍ରୋଗ୍ରାମ ଏବଂ ଶିଳ୍ପ-ଶିକ୍ଷା ମଧ୍ୟରେ ସହଭାଗିତା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯିବ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ୍‌ର ଚିଫ୍ ପିପୁଲ ଅଫିସର ଶ୍ରୀ ସୁଜୟ ପୁଥ୍ରାନ୍‌ଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ସୋଆର ସ୍ୱନ୍‌ସର୍ଡ ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ କନ୍‌ସଲ୍‌ଟାନ୍ସି (ଏସ୍‌ଆରଆଇସି)ର ଡିନ୍ ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, ଇଣ୍ଡଷ୍ଟ୍ରି ଏନ୍‌ଗେଜମେଂଟ ଆଣ୍ଡ କର୍ପୋରେଟ ରିଲେସନ୍ସର ନିର୍ଦ୍ଦେଶକ ଶ୍ରୀ ରୀପ୍ତି ରଞ୍ଜନ ଦାଶ, ସିନିୟର ମ୍ୟାନେଜର କର୍ପୋରେଟ ରିଲେସନ୍ସ ଶ୍ରୀ ଅଭିଷେକ ପଟ୍ଟନାୟକ ଓ ଫ୍ୟାକଲ୍ଟି ଇନ୍‌ଚାର୍ଜ ଟ୍ରେନିଂ ଆଣ୍ଡ ପ୍ଲେସ୍‌ମେଂଟ ଡକ୍ଟର ମହମ୍ମଦ ଅବ୍‌ଦୁଲ ରଜାକ୍ ଉପସ୍ଥିତ ଥିଲେ। କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ ପକ୍ଷରୁ ଚିଫ୍ ଟେକ୍ନିକାଲ ଅଫିସର ଶ୍ରୀ ଭେଙ୍କଟ ଗିରି ଭୋଙ୍କାୟାଲା ଏବଂ ଉପସଭାପତି ତଥା ଡାଟା ଆଣ୍ଡ ଆନାଲିଟିକ୍ସ-ଆଇଟିର ମୁଖ୍ୟ ଶ୍ରୀ ସୁବର୍ଣ୍ଣ ମିଶ୍ର ଏହି ବୁଝାମଣା ସ୍ୱାକ୍ଷର ହେବା ସମୟରେ ଉପସ୍ଥିତ ଥିଲେ।

## ପଶୁ ସମ୍ପଦର ବିକାଶ ପାଇଁ ପ୍ରଶିକ୍ଷଣ

**ଭୁବନେଶ୍ୱର, ୨୧।୩ (ମହାଭାରତ) :** ପଶୁ ସମ୍ପଦର ବିକାଶ ନିମନ୍ତେ ପାରମ୍ପରିକ ଉପଚାର ସମ୍ବନ୍ଧୀୟ ଦୁଇ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ହୋଟେଲ ସାଫିର ପ୍ଲାଜା ଠାରେ ମାର୍ଚ୍ଚ ତା ୨୦-୨୧ ମାର୍ଚ୍ଚ ରେ ଅନୁଷ୍ଠିତ ହୋଇଯାଇଅଛି। ଏନ୍.ସି.ଏନ୍.ଏଫ୍ ଓଡିଶା ଚାପ୍ଟର, ଓଡ଼ିଶା କ୍ଲାଇମେଟ ଏକ୍ସନ୍ ପ୍ରାକ୍ଟିସିଅନାର କୋଲାବୋରେଟିଭ୍, କୋଆଲିସନ୍ ଫର୍ ଚେଞ୍ଜ ଓଡ଼ିଶାର ମିଳିତ ସହଯୋଗରେ ଏବଂ ପ୍ରଦାନ୍ ସଙ୍ଗଠନ ର ସହଯୋଗରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୪୫ ଜଣ ପ୍ରଶିକ୍ଷୁ ପ୍ରଶିକ୍ଷଣ ନେଇଥିଲେ। ଓଡ଼ିଶାର ସୁନାମଧନ୍ୟ ପାରମ୍ପରିକ ଉପଚାରକ ତଥା ବିଶିଷ୍ଟ ପ୍ରାଣୀ ଚିକିତ୍ସାବିତ ଡ଼ ବଳରାମ ସାହୁ ପଶୁ ତଥା କୁକୁଡ଼ା ମାନଙ୍କର ପାରମ୍ପରିକ ଉପଚାର ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଗାଇ ଗୋରୁ, ମଇଁଷି ଇତ୍ୟାଦି ମାନଙ୍କର ଥଣ୍ଡା, ଜ୍ୱର, ପତଳା ଝାଡା, କୃମି, ଫାଟୁଆ, ଥନହରା ଆଦି ରୋଗ ଉପଚାର ପାଇଁ ଗ୍ରାମାଞ୍ଚଳରେ ମିଳୁଥିବା ଜଡ଼ିବୁଟି ତଥା ଘରୋଇ ସମଗ୍ରି ଯଥା ହଳଦି, ଗୁଡ଼, ପିଆଜ, ଜିରା ଦିଆଯାଇଥିଲା।

## ଗତିଶୀଳ ବିବିଧତା ଭାରତର ଭାଷାଗତ ପରମ୍ପରାର ସୌନ୍ଦର୍ଯ୍ୟ - ରାଜ୍ୟପାଳ

ଭୁବନେଶ୍ୱର, ୨୧।୩(ମହାଭାରତ): ଗତିଶୀଳ ବିବିଧତା ହେଉଛି ଭାରତର ସମୃଦ୍ଧ ଭାଷା ପରଂପରାର ସୌନ୍ଦର୍ଯ୍ୟ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଆଜି ଭୁବନେଶ୍ୱରଠାରେ ୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ସୃଜନଶୀଳତା କ୍ଷେତ୍ରରେ ଭାରତ କେବେ ଭାଷା ପ୍ରତି ଅସହିଷ୍ଣୁ ଏବଂ ସଂକୀର୍ଣ୍ଣ ମନୋଭାବ ରଖିନାହିଁ। ଆମର ସଭ୍ୟତା ସର୍ବଦା ବୌଦ୍ଧିକ ସ୍ୱାଧୀନତାକୁ ଗ୍ରହଣ କରିଛି ଏବଂ ସାଂସ୍କୃତିକ ବିବିଧତାକୁ ସ୍ୱୀକାର କରିଛି। ଭାଷା କେବଳ ଯୋଗାଯୋଗର ଏକ ମାଧ୍ୟମ ନୁହେଁ ବରଂ ଏକ ସେତୁ ଯାହା ଲୋକଙ୍କୁ ସଂଯୋଗ କରେ ଏବଂ ସଂସ୍କୃତିର ବାହକ ଭାବେ କାର୍ଯ୍ୟ କରେ ବୋଲି ରାଜ୍ୟପାଳ କହିଥିଲେ। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ ସାହିତ୍ୟ କେବଳ ଏକ କଳାତ୍ମକ ସାଧନା ନୁହେଁ ବରଂ ଏହା ସମାଜକୁ ଆକାର ଦେବାରେ, ଚିନ୍ତାଧାରାକୁ ପ୍ରଭାବିତ କରିବାରେ ଏବଂ ପରିବର୍ତ୍ତନ ପାଇଁ ପ୍ରେରଣା ଯୋଗାଇବାରେ ଶକ୍ତି ଦିଏ। ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ପ୍ରଯୁକ୍ତି ବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତା ଯେତେବେଳେ ଯୋଗାଯୋଗକୁ ନୂଆ ରୂପ ଦେଉଛି କଳିଙ୍ଗ ସାହିତ୍ୟ ମହୋତ୍ସବ ଭଳି କାର୍ଯ୍ୟକ୍ରମର ଆୟୋଜନ ଲିଖିତ ଶବ୍ଦର ଗୁରୁତ୍ୱକୁ ବହନ କରୁଛି ବୋଲି କହିଥିଲେ। ଓଡ଼ିଶାର ସମୃଦ୍ଧ ସାହିତ୍ୟିକ ଏବଂ ବୌଦ୍ଧିକ ଐତିହ୍ୟର ପ୍ରଶଂସା କରି ଏହା ଭାରତର ସାହିତ୍ୟିକ ଐତିହ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ।



କଳିଙ୍ଗ ସାହିତ୍ୟ ମହୋତ୍ସବ ବିଶ୍ୱସ୍ତରରେ ଭାରତର ସମୃଦ୍ଧ ସାହିତ୍ୟିକ ଏବଂ କଳାତ୍ମକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ ରାଷ୍ଟ୍ରଦୂତ ଭାବରେ ଭୂମିକା ନିର୍ବାହ କରୁଛି ବୋଲି ରାଜ୍ୟପାଳ କହିବା ସହିତ ଆୟୋଜକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏତଦ୍‌ବ୍ୟତୀତ ଏହି ମହୋତ୍ସବ ଅବସରରେ ଅର୍ଥପୂର୍ଣ୍ଣ ଆଲୋଚନା, ନୂତନ ଦୃଷ୍ଟିକୋଣର ଅନୁସନ୍ଧାନ କରି ରାଷ୍ଟ୍ର ନିର୍ମାଣରେ ସାହିତ୍ୟର ଭୂମିକା ରଖିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଇନା ଏଚ୍. କ୍ରିଷ୍ଣାମୂର୍ତ୍ତି ଉଦ୍‌ବୋଧନ ଦେଇଥିଲେ। କଳିଙ୍ଗ ସାହିତ୍ୟ ମହୋତ୍ସବର ସିଇଓ ତଥା ପୃଷ୍ଠପୋଷକ ଅଶୋକ କୁମାର ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରଶ୍ମି ରଂଜନ ପରିଡ଼ା ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଶେଷରେ ପ୍ରଫେସର କମଳାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ଥାୟୀ ନିଯୁକ୍ତି ଦାବିରେ ଏଆଇଟି ସଂଘର ବିକ୍ଷୋଭ

**ଭୁବନେଶ୍ୱର, ୨୧।୩ (ମହାଭାରତ) :** ପ୍ରାଣୀ ସମ୍ପଦ ବିଭାଗରେ ଦୀର୍ଘବର୍ଷରୁ କାର୍ଯ୍ୟରତ ଏ.ଆଇ.ଟି (ଆର୍ଟିଫିସିଆଲ ଇନ୍‌ସେମିନେସନ ଟେକ୍ନିସିଆନ) ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ବିଧାନସଭା ସମ୍ମୁଖରେ ଶୋଭଯାତ୍ରା ଓ ଦିନିକିଆ ଧାରଣା କାର୍ଯ୍ୟକ୍ରମ ଶାଂିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି।

ସଂଘ ପକ୍ଷରୁ ଆବାହକ ସୌଭାଗ୍ୟ ରନ ଜେନାଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ଏ.ଆଇ.ଟି.ମାନେ ଆଜି ମାଷ୍ଟର କ୍ୟାଣ୍ଟିନ ଛକରେ ଏକତ୍ରିତ ହୋଇଥିଲେ। ଏହାପରେ ସେମାନେ ସ୍ଥାୟୀ ନିଯୁକ୍ତି ଦାବି ନେଇ ସ୍ଲୋଗାନ ଦେବା ସହ ଏକ ଶୋଭାଯାତ୍ରାରେ ଆସି ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ଏକ ସଭାରେ ଶତାଧିକ ଏ.ଆଇ.ଟି.ମାନେ ସରକାର ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରିଥିଲେ। ସଂଘର ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା, ସଭାପତି ମହେନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବା ସହ ଦୀର୍ଘବର୍ଷ ଧରି ବିନା ଦରମାରେ ଗୋସେବା ଯୋଗାଇ ଆସୁଥିବା ଏ.ଆଇ.ଟି ମାନଙ୍କୁ ତୁରନ୍ତ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ଦେବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଗତ ରାଷ୍ଟ୍ରୀୟ ଗୋକୁଳ ମିଶନ ଜରିଆରେ କାର୍ଯ୍ୟ କରି ଆସୁଥିବା ଏ.ଆଇ.ଟି.ମାନେ ପ୍ରତି ପଞ୍ଚାୟତରେ କୃତ୍ରିମ ପ୍ରଜନନ, ଟୀକାକରଣ, ବନ୍ଧ୍ୟାକରଣ, ପ୍ରାଥମିକ ଚିକିତ୍ସା, ଭ୍ରାମ୍ୟମାଣ ଚିକିତ୍ସା, ପଶୁ ଗଣନା ଓ ପଶୁମାନଙ୍କୁ ବୀମାଭୁକ୍ତ କରିବା ଆଦି କାର୍ଯ୍ୟ କରି ଆସୁଛନ୍ତି। ପ୍ରାଥମିକସ୍ତରରେ ଗୋସେବାକୁ ସୁଚାରୁ ରୂପେ ତୁଲାଇ ଆସୁଥିବା ଏ.ଆଇ.ଟି.ମାନେ ଟଙ୍କାଟିଏ ଦରମା ଆକାରରେ ପାଆନ୍ତି ନାହିଁ। ଏସବୁ ସତ୍ତ୍ୱେ ସେମାନେ ମହାମାରୀ କରୋନା ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ସଂଗଠିତ ପ୍ରାକୃତିକ ଦୁର୍ବିପାକ ସମୟରେ ମଧ୍ୟ ରୋଗୀ ସେବା ଜାରି ରଖିଛନ୍ତି। ହେଲେ ସରକାର ସେମାନଙ୍କ ଦାବିକୁ ଗ୍ରହଣ କରୁନାହାଁନ୍ତି। ତୁରନ୍ତ ସରକାର ସେମାନଙ୍କ ଦାବିକୁ ଶୁଣିବା ସହ ଦୀର୍ଘବର୍ଷରୁ କାର୍ଯ୍ୟକ୍ଷେତ୍ରରେ ରହି ଆସିଥିବା ସମସ୍ୟାକୁ ଦୂର କରିବା ପାଇଁ ସେମାନେ ଦାବି କରିଛନ୍ତି।ସରକାରଙ୍କ ଆହ୍ୱାନ କ୍ରମେ ଶ୍ରୀ ଜେନାଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ବିଭାଗୀୟ ସଚିବଙ୍କୁ ଭେଟି ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି।

## କ୍ରୀଡା ପ୍ରଶିକ୍ଷଣ ପଦବୀ ଅଧାରୁ ଅଧିକ ଖାଲି

**ଭୁବନେଶ୍ୱର:** ରାଜ୍ୟରେ ଥିବା କ୍ରୀଡା ପ୍ରଶିକ୍ଷକ ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡିଛି । ମୁରୀପ୍ରାପ୍ତ ୬୧ଟି କନିଷ୍ଠ କ୍ରୀଡା ପ୍ରଶିକ୍ଷକ ପଦବୀ ମଧ୍ୟରୁ ୩୮ଟି ପଦବୀ ଖାଲି ପଡିଥିବାବେଳେ ୯ଟି ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ପଦବୀ ମଧ୍ୟରୁ ୫ଟି ଖାଲି ରହିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ୧୬ଟି କ୍ରୀଡା ଛାତ୍ରାବାସ, ୧୧ଟି ଉଚ୍ଚ ପ୍ରଦର୍ଶନ କେନ୍ଦ୍ର, ୧୦୬ଟି ଇଣ୍ଡୋର ହଲ୍, ୩ଟି ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର, ୧୩ଟି ସନ୍ତରଣାକାଗ ଓ ୨୩ଟି ହକି ପ୍ରଶିକ୍ଷଣ କେନ୍ଦ୍ରରେ କ୍ରୀଡାବିତ୍‌ମାନଙ୍କୁ ତାଲିମ ଦିଆଯାଉଛି ।

## ଆଜି ପାଳନ ହେବ ବିହାର ଦିବସ

**ଭୁବନେଶ୍ୱର,୨୧/୦୩ (ମହାଭାରତ) :** ବହୁ ବର୍ଷ ପୂର୍ବରୁ ବିହାରର ବହୁତ ଲୋକ ବ୍ୟବସାୟ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଓଡିଶାକୁ ଆସିଥିଲେ। ଏଠାର ମାଟି ସେମାନଙ୍କୁ ସ୍ୱାଗତ କଲା, ସ୍ଥାନ ଦେଲା ଓ ଆଗକୁ ବଢିବାରେ ସହଯୋଗର ହାତ ବଢାଇଲା । ତେଣୁ ସମସ୍ତ ଓଡିଶାବାସୀଙ୍କୁ ଧନ୍ୟବାଦ। ଓଡିଶା ଓ ବିହାରର ଲୋକଙ୍କ ମଧ୍ୟରେ ସଂସ୍କୃତିର ଆଦାନ ପ୍ରଦାନ ହେଉଛି। ବିହାରିଙ୍କ ସବୁଠୁ ବଡ ପର୍ବ 'ଛଟ୍ ପର୍ବ'କୁ ଓଡିଶାରେ ମଧ୍ୟ ମିଳିମିଶି ପାଳନ କରାଯାଉଛି। ଏହାଠାରୁ ବଡ ସ୍ନେହ ମିଳନର କାର୍ଯ୍ୟକ୍ରମ ଆଉ କିଛି ନାହିଁ। 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଜରିଆରେ ଆମେ ଓଡିଶାର ସମସ୍ତ ଜାଗାକୁ ଯିବୁ। ଓଡିଶା ଓ ବିହାରର ସାଂସ୍କୃତିକ ସମନ୍ୱୟ ସମାନ ଅଛି। ଯେଉଁ ପର୍ଯ୍ୟନ୍ତ ଆମେ ଏକାଠି ହୋଇ ଭାରତକୁ ଶ୍ରେଷ୍ଠ ଭାରତ ବନାଇବା ପାଇଁ ସମସ୍ତ କାର୍ଯ୍ୟକ୍ରମ କରିବା, ତେବେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସ୍ୱପ୍ନ ଭାରତକୁ 'ଶ୍ରେଷ୍ଠ ଭାରତ' ବନାଇବାରେ ସଫଳ ହେବ ବୋଲି ବିହାରର ପୂର୍ବତନ ବିଧାୟକ ତଥା ବିଜେପି ମୁଖପାତ୍ର ମନୋଜ ଶର୍ମା କହିଛନ୍ତି।



ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶର୍ମା କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସ୍ୱପ୍ନ 'ଏକ ଭାରତ ଶ୍ରେଷ୍ଠ ଭାରତ'କୁ ଚରିତାର୍ଥ କରିବା ପାଇଁ ପ୍ରତ୍ୟେକ ରାଜ୍ୟରେ ରହୁଥିବା ଅନ୍ୟ ରାଜ୍ୟର ପ୍ରବାସୀ ସମୁଦାୟଙ୍କୁ ନେଇ କାର୍ଯ୍ୟକ୍ରମ ଦେଶବ୍ୟାପୀ କାର୍ଯ୍ୟକ୍ରମ ଜାରୀ ରହିଛି । 'ଆମେ ସମସ୍ତେ ଅନ୍ୟ ଭାଷା ଓ ସଂସ୍କୃତିକୁ ସମ୍ମାନ ଦେବା' ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ପରିପ୍ରେକ୍ଷୀରେ ଆସନ୍ତା ୨୨ ତାରିଖରେ ପାଳନ ହେବାକୁ ଥିବା 'ବିହାର ଦିବସ'କୁ ଦେଶର ବିଭିନ୍ନ ରାଜ୍ୟମାନଙ୍କରେ ମଧ୍ୟ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସରେ ପାଳନ କରାଯିବ ବୋଲି ଶ୍ରୀ ଶର୍ମା କହିଛନ୍ତି ।

ଆମ ରାଜ୍ୟ ଓଡିଶା ଏବଂ ବିହାର ମଧ୍ୟରେ ଅନେକ ପାରଂପାରିକ, ସାଂସ୍କୃତି ସାମ୍ୟସ ରହିଛି । ଓଡିଶାରେ ପ୍ରାୟ ୪ରୁ ୫ଲକ୍ଷ ବିହାରୀ ବସବାସ କରୁଛନ୍ତି। ଓଡିଆ ଏବଂ ବିହାରୀଙ୍କ ମଧ୍ୟରେ ଥିବା ସଂପର୍କକୁ ଆହୁରି ସୁଦୃଢ କରିବା ପାଇଁ ଚଳିତ ବର୍ଷ ଓଡିଶାରେ ମଧ୍ୟ ବିହାର ଦିବସକୁ ଆଡମ୍ବର ଭାବେ ପାଳନ କରାଯିବ । ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ଭୁବନେଶ୍ୱର ବ୍ୟତୀତ କଟକ ଓ ରାଉରକେଲା ସମେତ ବିହାରୀ ସମୁଦାୟ ରହୁଥିବା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ । ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ଏବଂ ବିହାରର ପୂର୍ବତନ ବିଧାୟକ ତଥା ବିଜେପି ମୁଖପାତ୍ର ଶ୍ରୀ ମନୋଜ ଶର୍ମା ପ୍ରମୁଖ ଯୋଗ ଦେବେ । ଆସଂ। କାଲି ୨୨ ତାରିଖରେ କଟକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି.ସିଂହଦେଓ ଏବଂ ବିହାରର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କ୍ରୀଷ୍ଣା କୁମାର ମଂଟୁ ପ୍ରମୁଖ ଯୋଗ ଦେବେ । ସେହିପରି ୨୩ ତାରିଖ ଦିନ ରାଉରକେଲାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିହାର ବିଧାୟିକା ସଂଗୀତା କୁମାରୀ ଯୋଗ ଦେବେ ବୋଲି ରାଜ୍ୟ ସଂଯୋଜିକା ତଥା ମହିଳା ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି । ଏହି ଅବସରରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, କାର୍ଯ୍ୟକ୍ରମର ସହ ସଂଯୋଜକ ତଥା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ବରିଷ୍ଠ କାର୍ଯ୍ୟକର୍ତ୍ତା ମହେଶ ମହାନ୍ତି, ଅଶୋକ ଭଗତ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ସମ୍ପଦର ପ୍ରଦୂଷଣ ମାତ୍ରା ହ୍ରାସ ପାଇଁ ସଙ୍କଳ୍ପବଦ୍ଧ ଉଦ୍ୟମ ଜରୁରୀ

**ଭୁବନେଶ୍ୱର : ୨୧/୦୩ (ମହାଭାରତ):** ଜଙ୍ଗଲ ହିଁ ଜୀବନ। ମାନବ ଜାତି ଓ ସୁସ୍ଥ ପରିବେଶ ପାଇଁ ଜଙ୍ଗଲର ଭୂମିକା ଅନସ୍ୱୀକାର୍ଯ୍ୟ। ଜଙ୍ଗଲ ସମଗ୍ର ବିଶ୍ୱ ପାଇଁ ପ୍ରକୃତିର ଏକ ବରଦାନ। ଜଙ୍ଗଲକୁ ପୃଥିବୀର ଫୁସଫୁସ୍ ବୋଲି କୁହାଯାଏ। କାରଣ ଏସବୁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳକୁ ଅବଶୋଷିତ କରି ବାୟୁକୁ ଶୁଦ୍ଧ କରିବା ସହିତ ଜଳବାୟୁକୁ ସନ୍ତୁଳିତ କରିଥାନ୍ତି। ଜଙ୍ଗଲ କେବଳ ପୃଥିବୀରେ ଜୀବନର ଅସ୍ତିତ୍ୱ ପାଇଁ ଜରୁରୀ ତାହା ନୁହେଁ ଜଳବାୟୁ ପରିବର୍ତ୍ତନ ସହିତ ଲଢ଼ିବା ପାଇଁ ଏସବୁ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଜଙ୍ଗଲ ଯୋଗୁଁ ଆମେ ପ୍ରଦୂଷଣମୁକ୍ତ ବାୟୁ, ଯଥେଷ୍ଟ ବୃଷ୍ଟି, ଖାଦ୍ୟ, ଔଷଧ ଓ ଇନ୍ଧନ ପ୍ରଭୃତି ପାଇଥାଉ। ମନୁଷ୍ୟ ସମାଜ ପାଇଁ ବହୁମୂଲ୍ୟ ଜୈବବିବିଧତାର ମୂଳ ଉତ୍ସ ହେଉଛି ଜଙ୍ଗଲ। ଜଙ୍ଗଲର ଶ୍ରୀବୃଦ୍ଧି ଓ ସମୃଦ୍ଧି ଉପରେ ମାନବ ଜାତିର ଭବିଷ୍ୟତ ନିର୍ଭର କରିଥାଏ। ତେଣୁ ଜଙ୍ଗଲ ସମ୍ପଦର ପୋଷଣୀୟ ବ୍ୟବହାର, ପରିବେଶ ଅବକ୍ଷୟ ଓ ପ୍ରଦୂଷଣର ମାତ୍ରା ହ୍ରାସ କରିବା ଦିଗରେ ସମସ୍ତଙ୍କ ସଙ୍କଳ୍ପବଦ୍ଧ ଉଦ୍ୟମ ଲୋଡା ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ଖୁଣ୍ଟିଆ। ଆହ୍ୱାନ ଦେଇଛନ୍ତି।



ଆଜି ପୂର୍ବାହ୍ନରେ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। କହିଲେ ଯେ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଡେରାଡୁନ୍ ଦ୍ୱାରା ଉପଗ୍ରହ ମାଧ୍ୟମରେ ପ୍ରାପ୍ତ ହେଉଥିବା ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ଓଡ଼ିଶା ରାଜ୍ୟର ସମୁଦାୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ପରିମାଣ ୫୨,୪୩୩.୫୬ ବର୍ଗ କି.ମି. ଅଟେ, ଯାହାକି ରାଜ୍ୟର ସମୁଦାୟ ଭୌଗୋଳିକ ଆୟତନର ଶତକଡ଼ା ୩୩.୬୭ ଭାଗ ଯ ଓଡ଼ିଶା ରାଜ୍ୟର ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ପରିମାଣ ୬,୧୬୩.୪୫ ବର୍ଗ କି.ମି. ଯାହାକି ରାଜ୍ୟର ସମୁଦାୟ ଭୌଗୋଳିକ ଆୟତନର ଶତକଡ଼ା ୩.୯୫ ଭାଗ। ୨୦୨୩ ମସିହା ଆକଳନ ଅନୁଯାୟୀ ଉଭୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଏବଂ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ୫୫୮.୫୭ ବର୍ଗ କି.ମି. ଅଭିବୃଦ୍ଧି ହୋଇଅଛି। ରାଜ୍ୟର ସମୁଦାୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଏବଂ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଭୌଗୋଳିକ କ୍ଷେତ୍ରଫଳର ୩୭.୬୩ ପ୍ରତିଶତ ଅଟେ।

ଜଙ୍ଗଲର ପୁନରୁଦ୍ଧାର, ପୁନଃ ସ୍ଥାପନ, ନୂତନ ଜଙ୍ଗଲ ସୃଷ୍ଟି ସହିତ ସ୍ଥାୟୀ ଜଙ୍ଗଲ ପରିଚାଳନା ଉପରେ ଗୁରୁ ଦେଇ ରାଜ୍ୟ ସରକାର ବିଭିନ୍ନ ବନୀକରଣ ଯୋଜନାମାନ ପ୍ରଣୟନ କରିଛନ୍ତି। ଏହା ମଧ୍ୟରେ ଅର୍ଥକରୀ ବୃକ୍ଷରୋପଣ, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଲଣ୍ଡା ପାହାଡରେ ବନୀକରଣ, ପଥପାର୍ଶ୍ୱ ବନୀକରଣ, କ୍ଷତିପୁରକ ବନୀକରଣ, ସହରାଞ୍ଚଳ ବନୀକରଣ, ସମୁଦ୍ରତଟ ବନୀକରଣ ଅନ୍ୟତମ । ଚଳିତ ବର୍ଷ ଏହିସବୁ କାର୍ଯ୍ୟକ୍ରମରେ ସମୁଦାୟ ୧.୯୫ କୋଟି ଚାରା ରୋପଣ କରାଯିବା ସହିତ ୨.୩୩ କୋଟି ବୃକ୍ଷ ଚାରା ଜନସାଧାରଣ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ମଧ୍ୟରେ ବିତରଣ କରାଯାଇଅଛି ଏବଂ ୩୦,୭୧୯ ହେକ୍ଟର ପରିମିତ ଅଞ୍ଚଳରେ ବନୀକରଣ କରାଯାଇଅଛି।

ଏଥିମଧ୍ୟରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୧୫୮୩ ହେକ୍ଟର ଜମିରେ ବନୀକରଣ ମଧ୍ୟ କରାଯାଇଛି। ଭାରତ ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଏକ୍ ପେଡ୍ ମା' କେ ନାମ୍‌ରେ ଆମ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫.୬ କୋଟି ବୃକ୍ଷଚାରା ବିଭିନ୍ନ ବିଭାଗ ମାଧ୍ୟମରେ ରୋପଣ କରାଯାଇଅଛି । ଏହାଛଡା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ରିଲିଫ୍ ପାଣ୍ଠିରୁ ପ୍ରାପ୍ତ ଅର୍ଥରାଶିରେ ୧୯ଲକ୍ଷ ତାଳବୃକ୍ଷ ବିଭିନ୍ନ ଜଙ୍ଗଲର ପରିସୀମାରେ ରୋପଣ କରାଯାଇ ବଜ୍ରପାତଜନିତ ପ୍ରାକୃତିକ ଦୁର୍ବିପାକରୁ ଲୋକଙ୍କୁ ରକ୍ଷା କରିବା ନିମନ୍ତେ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଅଛି। ବିଗତ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ନଗର ଓ ପୌରାଞ୍ଚଳରେ ସ୍ୱଚ୍ଛ ସୁନ୍ଦର ସବୁଜିମା ପରିବେଶ ସୃଷ୍ଟି କରିବା ନିମିତ୍ତ ୫.୮୫ ଲକ୍ଷ ବୃକ୍ଷ ଚାରା ରୋପଣ କରାଯାଇଅଛି। ସୁସ୍ଥ ଜୀବନ ଓ ଉପଯୋଗୀ ପରିବେଶ ପାଇଁ ଜାରି ରହିଥିବା ସରକାରୀ ଉଦ୍ୟମ ସହିତ ଜନସାଧାରଣଙ୍କର ସ୍ୱେଚ୍ଛାକୃତ ସହଯୋଗ ନିତାନ୍ତ ଜରୁରୀ। ବର୍ତ୍ତମାନ ସମୟ ଆସିଛି, ଅବକ୍ଷୟ ଜଙ୍ଗଲର ପୁନରୁଦ୍ଧାର ଓ ପୁନଃସ୍ଥାପନ କରାଯାଇପାରିଲେ ପରିବେଶ ସ୍ଥିରତା, ଉତ୍ପାଦନ ବୃଦ୍ଧି ଏବଂ ସୁସ୍ଥ ଭବିଷ୍ୟତ ନିର୍ମାଣ ହୋଇପାରିବ। ରାଜ୍ୟର ସମସ୍ତ ଜନସାଧାରଣ ପ୍ରତ୍ୟେକ ଅନ୍ତତଃ ପାଞ୍ଚ ଗୋଟି ବୃକ୍ଷରୋପଣ ଓ ତାହାର ଯତ୍ନ ନେବା ପାଇଁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ। ଆହ୍ୱାନ ଦେଇଥିଲେ।

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଲେ ଯେ ଆମ ରାଜ୍ୟର ୪୮୦ କିଲୋମିଟର ସୁଦୀର୍ଘ ଉପକୂଳ ଏବେ ବୃଦ୍ଧି ପାଇ ୫୭୬ କିମି ହୋଇଛି। ନିକଟରେ ଋଷିକୁଲ୍ୟା ମୁହାଣକୁ ୭ ଲକ୍ଷ ଓ ଗହୀରମଥାକୁ ୭ ଲକ୍ଷ, ଏହିଭଳି ୧୪ ଲକ୍ଷ ଅଲିଭ ରିଡ଼ଲେ କଇଁଛ ଅଣ୍ଡାଦାନ ପାଇଁ ଆସିବା ରାଜ୍ୟ ଜଙ୍ଗଲ ବିଭାଗ ପାଇଁ ଗର୍ବ ଓ ଗୌରବର ବିଷୟ।

# ଜଙ୍ଗଲ ସୁରକ୍ଷା

ପ୍ରତିବର୍ଷ ମାର୍ଚ୍ଚ ୨୧ ତାରିଖ ଦିନଟିକୁ ବିଶ୍ୱ ବନ ଦିବସ ରୂପେ ଆମେ ପାଳନ କରିଥାଉ । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି ଜଙ୍ଗଲ ଓ ଖାଦ୍ୟ ଓ ଜଙ୍ଗଲ ପ୍ରକୃତିର ଏକ ବରଦାନ । ଜଙ୍ଗଲ ଆମର ଖାଦ୍ୟ, ଇନ୍ଧନ, ଔଷଧ ଆଦି ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରୁଛି ଓ ଏଥିସହିତ ବାୟୁମଣ୍ଡଳରେ ଅମ୍ଳଜାନର ସ୍ତରକୁ ବଜାୟ ରଖିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରିତ କରୁଛି ଓ ତେବେ ପ୍ରଶ୍ନ ଉଠେ, ଦ୍ରୁତ ଗତିରେ ଅବକ୍ଷୟ ଘଟୁଥିବା ଜଙ୍ଗଲର ରକ୍ଷଣାବେକ୍ଷଣ ପାଇଁ ଆମେ କେତେ ଯତ୍ନଶୀଳ ଓ ସରକାର କଣ ସବୁ ନୀତି ନିୟମ ପ୍ରଣୟନ କରୁଛନ୍ତି ଓ ସେ ସବୁ କେତେଦୂର କାର୍ଯ୍ୟକାରୀ କରାଯାଉଛି ଓ ସରକାର ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଜଙ୍ଗଲର ସୁରକ୍ଷା କିପରି ହେଉଛି । ଆମ ଦେଶରେ ୩୬ ଭାଗ ଜଙ୍ଗଲରେ ବନାଗ୍ନିର ପ୍ରକୋପ ରହୁଛି ଓ ପ୍ରାକୃତିକ ଓ ମନୁଷ୍ୟକୃତ ଅଗ୍ନିସଂଯୋଗ ବନକୁ ଧ୍ୱଂସ କରିଚାଲିଛି । ବନାଗ୍ନି କେବଳ ଜଙ୍ଗଲ ଧ୍ୱଂସ କରେନାହିଁ, ବାୟୁମଣ୍ଡଳରୁ ଅମ୍ଳଜାନର ସ୍ତରକୁ କମ କରିଦିଏ ଯାହାକି ମଣିଷର ଜୀବନଧାରଣକୁ ବିଶେଷ ଭାବରେ ପ୍ରଭାବିତ କରିଥାଏ ଓ ଉଷ୍ମ ବାୟୁ ଜୀବନ ପ୍ରତି ଘାତକ ଓ ବନାଗ୍ନି ବାୟୁ ପ୍ରଦୂଷଣର ପ୍ରମୁଖ କାରଣ ଓ କିନ୍ତୁ ଯେତେବେଳେ ବାୟୁମଣ୍ଡଳର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର ଚିନ୍ତା ପ୍ରକଟ କରନ୍ତି, ଆନ୍ତର୍ଜାତିକ ସ୍ତରରେ ବୈଠକ ବସେ, ବହୁ ପ୍ରସ୍ତାବ ପାରିତ ହୁଏ, ସେତେବେଳେ ମନୁଷ୍ୟକୃତ ବନାଗ୍ନି ରୋକିବା ଦିଗରେ ସେପରି କୌଣସି ପଦକ୍ଷେପ ନିଆଯାଏ ନାହିଁ ଓ ସାଧାରଣତଃ, ଜଙ୍ଗଲ ମାନଙ୍କରେ ଅନେକ ଦୁର୍ଲଭ ଔଷଧୀୟ ବୃକ୍ଷ ଦେଖିବାକୁ ମିଳେ । ସେଥିରୁ ଆୟୁର୍ବେଦ ଔଷଧ ପ୍ରସ୍ତୁତ କରାଯାଏ । କିନ୍ତୁ ଜଙ୍ଗଲର ଅବକ୍ଷୟ ସହିତ ସେଭଳି ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷ ମଧ୍ୟ ପୋଡି ପାଉଁଶ ହୋଇଯାଏ, କୌଣସି କାମରେ ଲାଗିପାରେ ନାହିଁ ଓ ଜଙ୍ଗଲର ଜୀବଜନ୍ତୁ ଓ ସରୀସୃପ ପରିବେଶ ସନ୍ତୁଳନରେ ସହାୟକ ହୋଇଥାନ୍ତି ଓ କିନ୍ତୁ ଶିଳ୍ପାୟନ ନାମରେ ଜଙ୍ଗଲ କାଟି ସଫା କରିଦିଆଯାଏ ଓ ଯାହା ଫଳରେ ପରିବେଶ ଅସନ୍ତୁଳିତ ହୋଇପଡେ, ଜୀବଜନ୍ତୁ ଆହାର ଓ ଜଳ ଅଭାବରେ ପ୍ରାଣ ହରାଇଥାନ୍ତି ଓ ଏହାକୁ ଆୟ□ କରିବାକୁ ହେଲେ ଉଭୟ ପ୍ରତିରୋଧ ଓ ପ୍ରତିକାରର ଆବଶ୍ୟକତା ରହିଛି ଓ ଜଙ୍ଗଲର ଶୁଖିଲା ଡାଳପତ୍ର, ଘାସ ଓ ଶୁଖିଲା ଘାସ ନିୟମିତ ଭାବରେ ପରିଷ୍କାର କରାଯିବା ଉଚିତ ।

ବଣର ଅବକ୍ଷୟ ରୋକିବାକୁ ହେଲେ ବନାଗ୍ନି ନିୟନ୍ତ୍ରଣର ବିଶେଷ ଆବଶ୍ୟକତା ରହିଛି ଓ ମନୁଷ୍ୟକୃତ ବନାଗ୍ନି, ଅବାଧ ଶିକାର ଓ ବନ୍ୟଯାତ ଦ୍ରବ୍ୟ ଆଦିର ଚୋରାଚାଲାଣ ରୋକିବା ନିମନ୍ତେ ସତତ ସଜାଗ ରହିବା ସହିତ ଅଧିକ ବନ୍ୟ କର୍ମଚାରୀ ନିଯୁକ୍ତ କରିବାର ଜରୁରୀ ଆବଶ୍ୟକତା ରହିଛି ଓ ବନାଗ୍ନି ନିୟନ୍ତ୍ରଣ ପାଇଁ ଏହାର ଉତ୍□ ସ୍ଥଳକୁ ଠାବ କରି ନିର୍ବାପିତ କରିବା ଓ ଶୁଖିଲା ପତ୍ର ଓ ଡାଳ ଆଦିରେ ଅଗ୍ନି ସଂଯୋଗରୁ ବିରତ ରହିବା ଉଚିତ ଓ ବ୍ୟୋମଯାନରୁ କୃତ୍ରିମ ବର୍ଷା କରାଇ ବନା□ଳକୁ ଅଗ୍ନିର ପ୍ରକୋପରୁ ରକ୍ଷା କରାଯାଇପାରିବ ଓ ପାହାଡ ପାର୍ବତରୁ ଅଗ୍ନି ଉଦଗୀରଣ ହେଲେ ବନା□ଳ ଓ ଜୀବଜନ୍ତୁ ନିଶ୍ଚିତ ଭାବରେ କ୍ଷତିଗ୍ରସ୍ତ ହେବେ ଓ ବାୟୁମଣ୍ଡଳ ଅଧିକ ଉ□ପ୍ତ ହେଲେ ନିଆଁ ଲାଗିବା ସ୍ୱାଭାବିକ ଓ ଆମ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅ□ଳ ୩୬.୭୩ ପ୍ରତିଶତ ଅଟେ ଓ ବିଗତ ଦୁଇ ବର୍ଷ ମଧ୍ୟରେ ଏପରି ଅ□ଳ ୫୫୮.୫୭ ବର୍ଗକିଲୋମିଟର ବୃଦ୍ଧି ପାଇଛି ଓ ଏହା ଏକ ସକାରାତ୍ମକ ସଂକେତ ଓ ବନିକରଣ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସରକାର ପ୍ରାଥମିକତା ଦେଉଛନ୍ତି ଓ ନୂତନ ଜଙ୍ଗଲ ସୃଷ୍ଟି, ଜୈବବିବିଧତା ଓ ଜଙ୍ଗଲର ସୁରକ୍ଷା ଅତୀବ ଗୁରୁତ୍ୱପୂର୍ଣ୍ଣ ଓ ଏହା ସହିତ ଜଙ୍ଗଲ ସୁରକ୍ଷା ସମିତିମାନଙ୍କର ସଶକ୍ତିକରଣ ଉପରରେ ମଧ୍ୟ ଧ୍ୟାନ ଦିଆଯିବା ଆବଶ୍ୟକ ଓ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପ୍ରତିଟି ପଦକ୍ଷେପ ବାୟୁ ପ୍ରଦୂଷଣ ନିୟନ୍ତ୍ରଣରେ ସହାୟକ ହୋଇପାରିବ ଓ ପ୍ରଦୂଷିତ ବାୟୁ ସେବନ କରି ପ୍ରତିବର୍ଷ ୭୦ ଲକ୍ଷ ବ୍ୟକ୍ତି ପ୍ରାଣ ହରାଉଛନ୍ତି ଓ ବିଗତ ୧୦ ବର୍ଷ ମଧ୍ୟରେ ଅଢେଇ ଲକ୍ଷ ଥର ଜଙ୍ଗଲ ଜଳିଲାଣି ଓ ୮୮୮ ହାତୀ ମଲେଣି ଓ ୧୧୦୯ ମଣିଷ ମାରିଲେଣି ଓ ସେ ଯାହାହେଉ, ଜଙ୍ଗଲ ନିଆଁକୁ ରୋକିବା ଓ ଶିକାରୀମାନଙ୍କୁ ଠାବ କରିବା ଲାଗି ଡ୍ରୋନ ଓ କୃତ୍ରିମ ବୁଦ୍ଧିମ□ା (ଏଆଇ) ର ବ୍ୟବହାର ଆଗାମୀ ଦିନରେ ଜଙ୍ଗଲକୁ ସୁରକ୍ଷିତ ରଖିବାରେ ଓ ଏହାର ଅବକ୍ଷୟ ରୋକିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

# ଲାଞ୍ଚର ଟ୍ରମ୍ପ କାର୍ଡ !

## ଗୋପାଳ ମହାପାତ୍ର

ଆମେରିକା ଏବେ ମାନିନେଇଛି ଯେ ବ୍ୟବସାୟ ପାଇଁ ଲାଞ୍ଚ ଜରୁରୀ । ଆମେରିକାର ରାଷ୍ଟ୍ରପତି ଡ଼ୋଲାଲଡ୍ ଟ୍ରମ୍ପ ଆମେରିକୀୟ କମ୍ପାନୀ ମାନଙ୍କୁ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ଯେ ଲାଞ୍ଚଦିଅ –ଠିକାକାମ ନିଅ, ଆମେରିକାରେ ସେମାନଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ ନାହିଁ । ପଦକ୍ଷେପ ସ୍ୱରପ ଟ୍ରମ୍ପ ପ୍ରଶାସନ ବିଦେଶୀ ଭ୍ରଷ୍ଟ ଆଚରଣ ଅଧିନିୟମ (ଏଫସିପିଏ) ଆଉ କାର୍ଯ୍ୟକାରୀ ହେବ ନାହିଁ ବୋଲି କହିଛି । ଏହି ଆଇନ ଆମେରିକା ସହ ଯୋହିହୋଇଥିବା ସଂସ୍ଥା ଏବଂ ଲୋକଙ୍କୁ ବିଦେଶରେ ନିଜର ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ବିଦେଶୀ ଅଧିକାରୀ ମାନଙ୍କୁ ଅର୍ଥ, ଉପହାର ବା ଅନ୍ୟ କିଛି ପ୍ରକାରର ଲାଞ୍ଚ ପ୍ରଦାନକୁ ପ୍ରତିବନ୍ଧିତ କରିଥିଲା, କିନ୍ତୁ ଏବେ ଏହି ଆଇନ୍ ଉପରେ ଟ୍ରମ୍ପ ପ୍ରଶାସନ ପ୍ରତିବନ୍ଧ ଲଗାଇଛି । ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ପାଖାପାଖି ୫୦ ବର୍ଷର ପୁରୁଣା ଏହି ଆଇନ୍‌କୁ ଅକାମୀ କରିଦେଇଛନ୍ତି । ଏହି ଆଇନ୍ ଅକାମୀ ହେବାପରେ ଆମେରିକୀୟ ସଂସ୍ଥାମାନେ ବିଦେଶରେ ବ୍ୟବସାୟ କରିବା ପାଇଁ ଯଦି ଲାଞ୍ଚ ଦିଅନ୍ତି ତେବେ ତାକୁ ଅପରାଧ ଭାବେ ଗ୍ରହଣ କରାଯିବ ନାହିଁ । ଟ୍ରମ୍ପ ଆମେରିକାର ଆଟର୍ଣ୍ଣି ଜେନେରାଲ ପାମ୍ ବଣ୍ଡିଙ୍କୁ ଏହି ଆଇନ ଅନୁସାରେ ଦିଆଯାଇଥିବା ରାୟର ସମୀକ୍ଷା କରିବା ପାଇଁ ଗାଇଡ଼ଲାଇନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଟ୍ରମ୍ପଙ୍କ ମତ ହେଉଛି ଏହି ଆଇନ୍ ଆମେରିକୀୟ କମ୍ପାନୀ ମାନଙ୍କ ପାଇଁ ଏକ ସଙ୍କଟ ଥିଲା । ଟ୍ରମ୍ପ କହିଛନ୍ତି ଯେ ଯେତେବେଳେ ଅନ୍ୟ ଦେଶର କମ୍ପାନୀ ମାନେ ଲାଞ୍ଚ ଦେଇ ସହଜରେ ବ୍ୟବସାୟ ହାତେଇ ପାରୁଛନ୍ତି ସେତେବେଳେ ଏହି ଆଇନ୍ ଆମେରିକୀୟ କମ୍ପାନୀ ମାନଙ୍କୁ ବିଶ୍ୱସ୍ତରର ପ୍ରତିସ୍ପର୍ଦ୍ଧାରେ ଦୁର୍ବଳ କରିଦେଉଥିଲା । ଟ୍ରମ୍ପ ଏହି ଆଇନ (ବିଦେଶୀ ଭ୍ରଷ୍ଟଆଚରଣ ଅଧିନିୟମ)କୁ ଜିମ୍ମି- କାର୍ଟରଙ୍କ ବେକାର ଯୋଜନା ବୋଲି କହିଛନ୍ତି ଏବଂ କହିଛନ୍ତି ଯେ ଏଡି ଆଇନ୍ ଯୋଗୁଁ ଆମେରିକାର କମ୍ପାନୀ ମାନଙ୍କର କ୍ଷତି ହେଉଥିଲା । ଏବେ ଲାଞ୍ଚ ଦେଇ ବ୍ୟବସାୟ ହାତେଇବା ପାଇଁ ଆମେରିକୀୟ କମ୍ପାନୀ ମାନଙ୍କୁ ସୁବିଧା ମିଳିଗଲା । ଅର୍ଥାତ୍ ଏଣିକି ବିଦେଶୀ ଅଧିକାରୀ ମାନଙ୍କୁ ଲାଞ୍ଚଦେଇ ଆମେରିକୀୟ କମ୍ପାନୀ ମାନେ ବ୍ୟବସାୟ ହାତେଇଲେ ସେମାନଙ୍କ ବିରୁଦ୍ଧରେ ମାମଲା ଦରଜ କରାଯିବ ନାହିଁ ।

ମହାଶକ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ବର୍ତ୍ତମାନ ସମୟରେ ସାରା ବିଶ୍ୱ ଆଗରେ ନିଜକୁ ଆଦର୍ଶ ଭାବେ ଉପସ୍ଥାପିତ କରିବା ପରିବର୍ତ୍ତେ ବ୍ୟବସାୟ- ବାଣିଜ୍ୟ କ୍ଷେତ୍ରରେ ଆମେରିକାର ବର୍ଚ୍ଚସ୍ୱ (ବର୍ଚ୍ଚସ୍ୱ) ସ୍ଥାପିତ କରିବାର ପ୍ରୟାସ କରୁଛନ୍ତି । ତାଙ୍କର ଏହି ପ୍ରୟାସର ପ୍ରଥମ ପଦକ୍ଷେପ ସ୍ୱରପ ବିଦେଶୀ ଭ୍ରଷ୍ଟ ଆଚରଣ ଅଧିନିୟମକୁ ରଦ୍ଧ କରିଛନ୍ତି । ଟ୍ରମ୍ପଙ୍କ ଏହି ନିଷ୍ପତ୍ତିର ସିଧାସଳଖ ସଙ୍କେତ ହେଉଛି ଲାଞ୍ଚ ଓ ଲାଞ୍ଚୁଆଙ୍କ ବାବଦରେ ଚିନ୍ତିତ ହେବା ପରିବର୍ତ୍ତେ ଲାଞ୍ଚକୁ ମାନ୍ୟତା ଦିଆଯିବା ଉଚିତ୍ । ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ଟ୍ରମ୍ପଙ୍କ ଟ୍ରମ୍ପକାର୍ଡ ବୋଲି ମଧ୍ୟ କୁହାଯାଇପାରେ । ଏହି ପଦକ୍ଷେପ ପଛରେ ଅନେକ ନିହିତାର୍ଥ ରହିଛି ଓ ଟ୍ରମ୍ପଙ୍କ ଟ୍ରମ୍ପକାର୍ଡ ବାବଦରେ ଗଭୀର ଭାବେ ଚିନ୍ତାକଲେ ଅନେକ କଥାର ସୂଚନା ମିଳୁଛି । ଯେଉଁ ଲୋକମାନେ ଲାଞ୍ଚଖୋର ବା ଲାଞ୍ଚ ନିଅନ୍ତ ଏବଂ ନିଜକୁ ସଚ୍ଚୋଟ ବୋଲି କହିହୁଅନ୍ତି ସେମାନଙ୍କ ଉପରେ ମଧ୍ୟ ଟ୍ରମ୍ପକାର୍ଡର ପ୍ରଭାବ ପଡିଛି । ମହାଶକ୍ତି ଆମେରିକାର ସ୍ପଷ୍ଟ ଭାବେ ସ୍ୱୀକାର କରି ନେଇଛି ଯେ ଲାଞ୍ଚ ଦେବା ନେବା ରହିଛି । ଏଥିରେ ଦେଖେଇ ହେବାର କିଛି ନାହିଁ ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ଜନପ୍ରିୟ ଜନ ନେତା ଓ ମୂଲ୍ୟବୋଧର ନୀତିନିଷ୍ଠ ବ୍ୟକ୍ତିତ୍ୱ : ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳୀ

## ସୌରଚନ୍ଦ୍ର ମହାପାତ୍ର

ଦୁଇଦିନ ଭିତରେ ଓଡ଼ିଶା ଦୁଇଜଣ ବରପୁତ୍ରଙ୍କୁ ହରାଇବା ରାଜ୍ୟ ପାଇଁ ଅପୂରଣୀୟ କ୍ଷତି । ଗତ ରବିବାର ଦିନ ଓଡ଼ିଆ କବିତାର ଶିଖର ପୁରୁଷ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପରଲୋକ ଖବର ଓଡ଼ିଶାବାସୀଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ଓଡ଼ିଶାରେ ବିଜେପିର ଅଭ୍ୟୁଦୟରେ ବଳିଷ୍ଠ ଅବଦାନ ରଖିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜନପ୍ରିୟ ଜନନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ ଓଡ଼ିଶାବାସୀଙ୍କୁ ଗଭୀର ଦୁଃଖ ଭିତରକୁ ଠେଲି ଦେଇଛି । ଓଡ଼ିଶାରେ ବିଜେପିର ମୂଳଦୁଆ ପକାଇବା ଓ ପ୍ରସାରରେ ତାଙ୍କ ଗୁରୁତ୍ୱ ଓ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା । ଓଡ଼ିଶାବାସୀ କେବେ ବି ଭୁଲି ପାରିବେ ନାହିଁ ଯେ ରାଜ୍ୟରେ ଜାତୀୟ ରାଜପଥକୁ ଦ୍ୱିଗୁଣ କରିବାରେ ଦେବେନ୍ଦ୍ର ବାବୁଙ୍କ ଅବଦାନକୁ କେହି କେବେ ଭୁଲି ପାରିବେ ନାହିଁ । ଡାକ୍ତରୀ ପେଷା ଛାଡ଼ି ଅଶି ଦଶକରେ ବିଜେପି ମଣ୍ଡଳ ସଭାପତି ଭାବେ ସେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସେ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ।



୧୯୪୧ ମସିହା ସେ ସମୟର ଢ଼େଙ୍କାନାଳ ଜିଲ୍ଲା (ବର୍ତ୍ତମାନର ଅନୁଗୁଳ)ର କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗାଁରେ ସେ ଜନ୍ମ ଗ୍ରହଣ କରିଥିଲେ । ୧୯୬୬ରେ ଏସସିବିରୁ ଏମବିବିଏସ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏସସିବିରେ ବର୍ଷେ ହାଉସ ସର୍ଜନ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ତାଳଚେରର ଡେରାରେ ଆସିଷ୍ଟାଣ୍ଟ ମେଡ଼ିକାଲ ଅଫିସର ଭାବେ ଯୋଗ ଦେଇଥିଲେ । ୧୯୭୩ରେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ଏବଂ ୧୯୮୦ରେ ବିଜେପିରେ ଯୋଗ ଦେଇ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ପ୍ରଥମେ ତାଳଚେର ମଣ୍ଡଳ ସଭାପତି, ୧୯୮୩–୮୫ ପର୍ଯ୍ୟନ୍ତ ଢ଼େଙ୍କାନାଳ ଜିଲ୍ଲା ସଭାପତି ହୋଇଥିଲେ । ସେ ୧୯୮୮–୯୦, ୧୯୯୦–୯୩, ୧୯୯୫–୯୭ ପର୍ଯ୍ୟନ୍ତ ତିନିଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ । ୧୯୮୪, ୧୯୯୬ରେ ସେ ଦେବଗଡ଼ରୁ ସାଂସଦ ପ୍ରାର୍ଥୀ, ୨୦୦୪ରେ ପାଲଲହଡ଼ାରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ହାରି ଯାଇଥିଲେ । ୧୯୯୮ରେ ସେ ଦେବଗଡ଼ରୁ ସାଂସଦ ଭାବେ ବିଜୟ ଲାଭ କରିବା ପରେ ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ଏବଂ ୧୯୯୧ରେ ପୁଣି ଦେବଗଡ଼ରୁ ସାଂସଦ ହେବା ସହ କେନ୍ଦ୍ରରେ ଭୂପୃଷ୍ଠ ପରିବହନ ଏବଂ କୃଷି ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ୨୦୦୧ରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ ।

ଓଡ଼ିଶାବାସୀଙ୍କୁ ଚିରକାଳ ମନେପକାଇବା ପାଇଁ ସେ ଏପରି କାର୍ଯ୍ୟ କରିଯାଇଛନ୍ତି ଯେ ତାହା ବାସ୍ତବିକ ତାଙ୍କ ବ୍ୟକ୍ତିତ୍ୱ ଏବଂ ଓଡ଼ିଶା ପ୍ରତି ଭଲ ପାଇବାର ବଡ଼ ଉଦାହରଣ । ଓଡ଼ିଶାର ଜାତୀୟ ରାଜପଥର ପରିମାଣକୁ ସେ ଦୁଇଗୁଣ କରିଦେଇଥିଲେ । ସେତେବେଳେ ଓଡ଼ିଶାର ଜାତୀୟ ରାଜପଥ ୧୬୦୦ କିଲୋମିଟର ଥିଲା କିନ୍ତୁ ଲଗାତର ଦୁଇଟି ପାଳିରେ ଭୂପୃଷ୍ଠ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ନିର୍ବାହ ସମୟରେ ସେ ଏହାକୁ ଗୋଟିଏ ନିଷ୍ପତ୍ତିରେ ହିଁ ୩୨୦୦ କିଲୋମିଟର ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ । ତାଙ୍କ ସମୟରେ ହିଁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱର୍ଣ୍ଣ ଚର୍ତୁଭୁଜ ଯୋଜନା ଭାରତରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଓଡ଼ିଶା ଏଥିରେ ବେଶ ଲାଭବାନ ହୋଇଥିଲା । ତେବେ ଓଡ଼ିଶା ରାଜନୀତିରେ ବିଜୁ ପଟ୍ଟନାୟକଙ୍କ ପରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଏକ ସ୍ୱତନ୍ତ୍ର ଓ ଉଲ୍ଲେଖନୀୟ ସଫଳତା ରଖିଛନ୍ତି ତାହା ହେଉଛି ଉଭୟଙ୍କ ଦୁଇପିଢ଼ି କେନ୍ଦ୍ର ମନ୍ତ୍ରୀ ହୋଇଛନ୍ତି । ବିଜୁବାବୁ ଅଣକଂଗ୍ରେସ ଜନତା ପାର୍ଟି ସରକାରରେ କେନ୍ଦ୍ରରେ ମନ୍ତ୍ରୀ ଥିଲାବେଳେ ତାଙ୍କ ପୁଅ ନବୀନ ପଟ୍ଟନାୟକ ଅଣକଂଗ୍ରେସ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରରେ ମନ୍ତ୍ରୀ ହୋଇଥିଲେ । ବିଜୁ ବାବୁ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ଆଉ ନବୀନ ବାବୁ ମଧ୍ୟ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ । ସେହିପରି ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଜପେୟୀଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାରରେ ମନ୍ତ୍ରୀ ହୋଇଥିଲେ । ୧୯୯୮–୨୦୦୦ ଦୁଇଟି ପର୍ଯ୍ୟାୟରେ ସେ ମନ୍ତ୍ରୀ ପଦ ପାଇଥିଲେ । ତାଙ୍କ ପୁଅ ଧର୍ମେନ୍ଦ୍ର ପ୍ରଧାନ ୨୦୧୪ରୁ ମନ୍ତ୍ରୀ ଅଛନ୍ତି ।

ଓଡ଼ିଶାରେ ଭାଜପାକୁ ସୁଦୃଢ଼ କରିବା ସଂଗଠନକୁ ମଜଭୁତ ସହ ଅଧିକରୁ ଅଧିକ ଲୋକଙ୍କୁ ଦଳ ସହ ଯୋଡ଼ିବାରେ ଦେବେନ୍ଦ୍ର ବାବୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ସାଙ୍ଗଠନିକ ଦକ୍ଷତା, ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାର ଆପ୍ରାଣ ଉଦ୍ୟମ କାରଣରୁ ଆଜି ରାଜ୍ୟରେ ଭାଜପା କ୍ଷମତାକୁ ଆସିଛି ଏଥିରେ କେହି ଦ୍ୱିମତ ହେବେନାହିଁ । ଏହିଭଳି ଜଣେ ଅମାୟିକ, ଭଦ୍ର ଓ ସର୍ବଦା ହର୍ଷୋତ୍‌ଫୁଲ୍ଲିତ ବ୍ୟକ୍ତିଙ୍କୁ ଓଡ଼ିଶା ହରାଇବା ନିଶ୍ଚିନ୍ତ ଭାବେ ଏକ ବଡ଼ କ୍ଷତି । ଏହି ଶୂନ୍ୟସ୍ଥାନ କେବେ ବି ପୂରଣ ହୋଇପାରିବ ନାହିଁ । ସେବା ଓ ସଂକଳ୍ପ ମନୋଭାବ ସହ ରାଜ୍ୟର ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ବିରଳ ବ୍ୟକ୍ତିତ୍ୱଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ବାସ୍ତବିକ ଦେବେନ୍ଦ୍ର ବାବୁଙ୍କ ପରଲୋକ ସହ ଏକ ଯୁଗାବସାନ ହୋଇଛି । ତାଙ୍କ ତ୍ୟାଗ, ସମର୍ପଣ, ଆଦର୍ଶ, ଦଳ ଓ ରାଜ୍ୟ ପାଇଁ ନିଃସ୍ୱାର୍ଥପର ନିଷ୍ଠା ଓ ସେବାର ଜୀବନାଦର୍ଶ ନୂଆ ପିଢ଼ିର ଯୁବ ନେତା ମାନଙ୍କୁ ନୂଆ ମାର୍ଗ ଦେଖାଉ ଏହା ହିଁ କାମନା ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ : soura999mohapatra@gmail.com

# ବାସ୍ତୁ ଓ ବେଡ଼ରୁମ୍

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବଢ଼ିଛି ଜୀବନର ବ୍ୟସ୍ତତା । ଅନିୟମିତ ହୋଇଛି ଦିନଚର୍ଯ୍ୟା । ତା ସହିତ ସୃଷ୍ଟି ହୋଇଛି ଅନିଦ୍ରାର ସମସ୍ୟା । ମଣିଷ ଆଜି ଟିକେ ସୁଖନିଦ୍ରା ପାଇଁ ହେଉଛି ଛଟପଟ । ତେବେ ଯଦି ବାସ୍ତୁଶାସ୍ତ୍ର ଅନୁଯାୟୀ ବେଡ଼ରୁମ୍ ସଜାଯାଏ ଏହି ସମସ୍ୟାରୁ ପାଇପାରିବେ ନିସ୍ତାର । ବେଡ଼ରୁମ୍‌ରେ ଖଟକୁ ଏମିତି ରଖନ୍ତୁ, ଯଦ୍ୱାରା ଶୋଇବା ସମୟରେ ମୁଣ୍ଡ ସର୍ବଦା ଦକ୍ଷିଣ ଦିଗ ଓ ଗୋଡ଼ ଉତ୍ତର ଦିଗକୁ ରହିବ । କାରଣ ବୈଜ୍ଞାନିକ କାରଣ କହେ, ଉତ୍ତର ଦିଗ ହେଉଛି ଚୁମ୍ବକତ୍ୱ ଦିଗ । ଏହି ଦିଗକୁ ମୁଣ୍ଡକରି ଶୋଇଲେ ରାତି ସାରା ଚୁମ୍ବକତ୍ୱର ପ୍ରଭାବ ମୁଣ୍ଡ ଉପରେ ପଡ଼ିଥାଏ । ବିଶେଷକରି ରକ୍ତରେ ଥିବା ଲୌହାଂଶ ଏହାଦ୍ୱାରା ପ୍ରଭାବିତ ହୋଇଥାଏ । ଫଳରେ ମୁଣ୍ଡ ଟାଣିହେବା ପ୍ରତି ଲାଗିବା ସହ ସକାଳେ ଉଠିବା ପରେ ମୁଣ୍ଡ ଭାରି ଭାରି ଲାଗେ । ଏତଦ୍‌ବ୍ୟତୀତ ଆପଣ ମୁଣ୍ଡକୁ ପୂର୍ବ କିମ୍ବା ପଶ୍ଚିମ ଦିଗକୁ ବି ରଖି ଶୋଇପାରିବେ । ଖଟର ମୁଣ୍ଡ ପଟେ କାନ୍ଥ ରହିବା ଭଲ, କୌଣସି ଝରକା କିମ୍ବା କବାଟ ରହିବା ଭଲ ନୁହେଁ । କାରଣ କବାଟ କି ଝରକା ଥିଲେ ମନରେ ଅସୁରକ୍ଷିତ ଭାବ ଉତ୍ପନ୍ନ ହୋଇଥାଏ ।

ବେଡ଼ରୁମ୍‌ରେ କୌଣସି ଦର୍ପଣ ରହିବା ମଧ୍ୟ ଭଲ ନୁହେଁ । ଯଦି ଦର୍ପଣ ଥାଏ ତାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିଦିଅନ୍ତୁ କିମ୍ବ ରାତିରେ ଏହାକୁ କପଡ଼ାରେ ଢ଼ାଙ୍କି ଦିଅନ୍ତୁ । କାରଣ ରାତିରେ ଦର୍ପଣକୁ ଦେଖିଲେ ରୁମ୍‌ରେ ଆଉ କେହି ଥିବା ପରି ମନେହୋଇଥାଏ । ଏହାଦ୍ୱାରା ବ୍ୟକ୍ତିଙ୍କ ଶରୀରର ଉର୍ଜା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ଏଥିସହିତ ବେଡ଼ରୁମ୍‌ରେ କୌଣସି ବଡ଼ ଜଳପାତ୍ର, ଆକ୍ୱାରିୟମ୍ ରଖନ୍ତୁ ନାହିଁ । କାରଣ ଏହା ବେଡ଼ରୁମ୍‌ର ଶାନ୍ତ ପରିବେଶରେ ବ୍ୟାଘାତ ସୃଷ୍ଟି କରିଥାଏ ।

ଘର ସଜାଇବାବେଳେ ଏମିତି କିଛି ଫଟୋ କାନ୍ଥରେ ଲଗାନ୍ତୁ ନାହିଁ ଯାହା ଦୁଃଖ ଓ ଯନ୍ତ୍ରଣାର ଭାବକୁ ବ୍ୟକ୍ତ କରୁଥିବ । ଏହା ବଦଳରେ ଆପଣ ଭଲପାଇବା, ସ୍ନେହ, ପ୍ରେମ, ନିଜସ୍ୱ ପଣର ପ୍ରତୀକ ଥିବା ପେଣ୍ଟିଂ ଲଗାନ୍ତୁ । ଏଥିସହିତ ଧ୍ୟାନ ଦେବା ଜରୁରୀ ଯେ, ବେଡ଼ରୁମ୍ କାନ୍ଥକୁ ଅନେକଗୁଡ଼ିଏ ପେଣ୍ଟିଂ, ଶୋ'ପିସ୍ ଆଦିରେ ସଜାଇ ଭର୍ତ୍ତି କରନ୍ତୁ ନାହିଁ । ବେଡ଼ରୁମ୍ କାନ୍ଥରେ ଉତ୍ତେଜିତ ରଙ୍ଗ ଯେମିତିକି ଗାଢ଼ ଲାଲ, ଗାଢ଼ ସବୁଜ ରଙ୍ଗରେ ପେଣ୍ଟ କରନ୍ତୁ ନାହିଁ । ବରଂ ହାଲ୍‌କା ହଳଦିଆ, ଆଇଭରି ଅଫ୍ ହ୍ୱାଇଟ, ଲାଇଟ ପିଙ୍କି ଭଳି ରଙ୍ଗରେ ପେଣ୍ଟ କରନ୍ତୁ । ଆଉ ଛାତକୁ ସବୁବେଳେ ଧଳା ରଙ୍ଗରେ ପେଣ୍ଟ କରନ୍ତୁ । ଯଦି ଚାହାନ୍ତି ଛାତର ବର୍ଡ଼ରରେ କାନ୍ଥ ସହ ମ୍ୟାଚିଂ କରି କିମ୍ବା କଣ୍ଟ୍ରାଷ୍ଟ କଲର୍‌ର ପେଣ୍ଟ ଲଗାଇପାରିବେ । ବେଡ଼ରୁମ୍‌ରେ ଅଧିକ ଗାଢ଼ ଓ ଏକରୁ ଅଧିକ ରଙ୍ଗ ବ୍ୟବହାର କଲେ ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ । ଅଫିସର୍ ରେକର୍ଡ଼, ଫାଇଲ କିମ୍ବା ବ୍ୟବସାୟ ସମ୍ବନ୍ଧିତ କାଗଜପତ୍ରକୁ ରଖନ୍ତୁ ନାହିଁ । କାରଣ ଅଫିସ୍‌ର କାଗଜପତ୍ର ଦେଖିଲେ ବାକି ଥିବା କାମ ମନେପଡ଼େ ଓ ଦିନ ସାରା କରିଥିବା ପରିଶ୍ରମ ମାନସପଟରେ ଭାସିଉଠେ ।

ବେଡ଼ରୁମ୍‌ର ଶେଲ୍ଫ, ଆଲଣା, ଆଲମିରାରେ ଜିନିଷ ଲଦି ରଖନ୍ତୁ ନାହିଁ । କାରଣ ଏହାଦ୍ୱାରା ବେଡ଼ରୁମ୍‌ର ଆଭ୍ୟନ୍ତରୀଣ ବାତାବରଣ ଭାରି ତଥା ଅଣନିଃଶ୍ୱାସୀ ଲାଗେ । ଅଗ୍ନିର କାରକ ତତ୍ତ୍ୱ ଯେମିତି କି ଟିଭି, ଅଧିକ ଉଜ୍ଜ୍ୱଳ ଲାଇଟ, ରେଫ୍ରିଜେଟର, ହିଟର୍ ବି ରଖନ୍ତୁ ନାହିଁ । ବାୟୁତତ୍ତ୍ୱରେ ବି ସୀମା ରହିବା ଜରୁରୀ, ଯେମିତିକି ବହୁତ ବଡ଼ ବଡ଼ ଝରକା, କବାଟ, ସ୍କାଇଲାଇଟ ରହିବା ଉଚିତ ନୁହେଁ । ଏଥିସହିତ ଖୁବ୍ ଜୋରରେ ବୁଲୁଥିବା ଫ୍ୟାନ୍, କୁଲର୍ ବି ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ । କାରଣ ଏହାଦ୍ୱାରା ରୁମ୍ ଭିତରେ ଅସ୍ଥିରତା ବଢ଼ିଥାଏ । ବେଡ଼ରୁମ୍‌ର ଫର୍ଣ୍ଣିଚର ସବୁ କାଠର ହେବା ଜରୁରୀ । କାରଣ ଏହା ଶରୀରର ଉର୍ଜାକୁ ବଜାୟ ରଖିଥାଏ । ଧାତୁ କିମ୍ବା ଅନ୍ୟ କୌଣସି ବସ୍ତୁରେ ତିଆରି ଆସବାପତ୍ର ଶରୀରର ଉର୍ଜାକୁ ନିଷ୍କ୍ରିୟ କରିପାରେ ।

ବେଡ଼ରୁମ୍‌ଟି ପ୍ରତି ଘରର ଏକ ଗୁରୁତ୍ୱପୂର୍ଣ୍ଣ କୋଠରୀ । ବେଡ଼ରୁମରେ ବିଶେଷକରି ଟିଭି ରଖନ୍ତୁ ନାହିଁ କିମ୍ବା ଠାକୁର ଘର କରି ବେଡ଼ରୁମକୁ ସଜାନ୍ତୁ ନାହିଁ । ସେହିପରି ବେଡ଼ ରୁମରେ ଖାଦ୍ୟ ପଦାର୍ଥ ନଖାଇବା ସବୁଠାରୁ ଭଲ । ବିଶେଷକରି କୌଣସି ପରିସ୍ଥିତିରେ ଏହି ରୁମରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ । ଏହି ରୁମ ଭିତରକୁ ଯେପରି ମୁକ୍ତ ପବନ ଆସିବ ସେ ଦିଗକୁ ଦେଖନ୍ତୁ ଏବଂ କୋଠରୀଟିକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଆପଣଙ୍କ ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ସକାରାତ୍ମକ ଭାବନା ବେଡ଼ରୁମର ବାସ୍ତୁଦିଗକୁ ଆହୁରି ଗୁରୁତ୍ୱମୟ ଓ ଆନନ୍ଦମୟ ଗଢ଼ି ତୋଳିବ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପିଲା ଝଗଡ଼ା କରୁଥିଲେ

## ଡକ୍ଟର ସୁରେଶ କୁମାର ନାୟକ

ଝଗଡ଼ା କରିବା ସାଧାରଣତଃ ପିଲାଙ୍କର ଏକ ସ୍ୱଭାବ । ଅଧିକାଂଶ ସମୟରେ ଦେଖାଯାଏ ପିଲା ବାହାରେ ଝଗଡ଼ା କରି କାହାଠାରୁ ମାଡ଼ ଖାଇ କିମ୍ବା କାହାକୁ ମାଡ଼ ଦେଇ ଘରକୁ ଫେରେ । କେତେକ ଅଭିଭାବକ ଖୁସି ହୋଇଯାଆନ୍ତି ଯେ ଆମ ପିଲା ମାଡ଼ ଖାଇନି ଏବଂ ମାଡ଼ ଦେଇଛି । ଦରକାର ପଡ଼ିଲେ ଏଥିପାଇଁ ସାବାସ୍ କହିବାକୁ ମଧ୍ୟ ପଛାନ୍ତି ନାହିଁ । କିନ୍ତୁ ଯଦି ପିଲାଟି ମାଡ଼ ଖାଇକି ଫେରେ। ତାକୁ ଗାଳି ପରେ ଗାଳି କରି ଚାଲନ୍ତି । ହେଲେ ଏପରି କରିବା ପରିବର୍ତ୍ତେ ପିଲାଙ୍କୁ କିପରି ବୁଝାଇବେ ସେ ସମ୍ପର୍କରେ କେତୋଟି କଥା.....

ଘରେ ଝଗଡ଼ା କରିଥିଲେ : ଘରେ ଯେଉଁ ବୟସର ପିଲା ଥାଆନ୍ତୁ ନା କାହିଁକି ବେଳେ ବେଳେ ଝଗଡ଼ା ହୋଇଯାଏ । ଏହି ପରିସ୍ଥିତିରେ ଜଣେ ଭଲ ଅଭିଭାବକ ଭାବେ ଆପଣଙ୍କ ଦାୟିତ୍ୱ ହେଉଛି କାହାର ସପକ୍ଷ ନନେଇ ନିରପେକ୍ଷ ଭାବେ ସମାଧାନ କରନ୍ତୁ । ଦୁଇଜଣଙ୍କୁ ଅଲଗା ଅଲଗା ବୁଝାନ୍ତୁ ଏବଂ ବଡ଼କୁ ସାନର ଆଦର କରିବା ଶିଖାନ୍ତୁ । ଝଗଡ଼ା ବିଷୟରେ ବାହାରେ କୁହନ୍ତୁ ନାହିଁ । କାରଣ ପିଲାଙ୍କୁ ଖରାପ ଲାଗିପାରେ ।

ବାହାରେ ଝଗଡ଼ା କରିଥିଲେ : ଯଦି ଆପଣଙ୍କ ପିଲା ବାହାରେ ଝଗଡ଼ା କରିଥାଏ ତେବେ ଆଦୌ ଖୁସି କିମ୍ବା ବିରକ୍ତି ହୁଅନ୍ତୁ ନାହିଁ । ଏ ସମ୍ପର୍କରେ ସାଙ୍ଗେ ସାଙ୍ଗେ ଅନ୍ୟ ଅଭିଭାବକଙ୍କ ପାଖରେ ଅଭିଯୋଗ କରନ୍ତୁ ନାହିଁ । ଅନ୍ୟ କେହି ଅଭିଯୋଗ କରୁଥିଲେ ଧ୍ୟାନରେ ଶୁଣନ୍ତୁ । କାରଣ ପିଲା ଝଗଡ଼ା କରିବା ପରେ ପୁଣି ଏକାଠି ହୋଇଯିବେ ଏଥିପାଇଁ ଆପଣ ନିଜ ପାଖ ପଡ଼ୋଶୀଙ୍କ ସହିତ ଅପ୍ରିୟ ହୁଅନ୍ତୁ ନାହିଁ ।

ପିଲାକୁ ବୁଝାନ୍ତୁ : ଯଦି ଆପଣଙ୍କ ପାଖକୁ ବାରମ୍ବାର ପିଲାର ଅଭିଯୋଗ ଆସୁଥାଏ ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ କିମ୍ବା ମାଡ଼ଗାଳି ଦିଅନ୍ତୁ ନାହିଁ । ନିଜର ବ୍ୟସ୍ତତା ତାକୁ ଜଣାଇବା ପରିବର୍ତ୍ତେ ଭଲ ଭାବେ ବୁଝାନ୍ତୁ ଯେ, ଝଗଡ଼ା କରୁଥିବା ପିଲା ସହିତ କେହି ସାଙ୍ଗ ହେବାକୁ ଭଲ ପାଆନ୍ତି ନାହିଁ । ଯଦି ସେ ଏହି ପରି ଝଗଡ଼ା କରିବ ତେବେ ତାକୁ କେହି ସାଙ୍ଗ କରିବେ ନାହିଁ ।

ତଥାପି ନ ବୁଝିଲେ : ପ୍ରଥମଥର ନବୁଝିଲେ ତାକୁ ସ୍ନେହରେ ବୁଝାନ୍ତୁ । ଏପରି କରିବା ଦ୍ୱାରା ଯଦି ସେ ନ ବୁଝେ ଆପଣ ଟିକେ ଶକ୍ତ ହୁଅନ୍ତୁ । ତଥାପି ଯଦି ଅବୁଝା ହୁଏ ତେବେ ତାକୁ ଶାସ୍ତି ଦିଅନ୍ତୁ । କିନ୍ତୁ ମନେରଖିବେ ଏହି ଶାସ୍ତି ଯେପରି ମାଡ଼ ନହୁଏ । ଆପଣ କିଛି ସମୟ ପାଇଁ ତା ମନ ପସନ୍ଦ କାର୍ଟୁନ ଶୋ ବନ୍ଦ କରି ଦିଅନ୍ତୁ କିମ୍ବା କିଛି ଦିନ ତାର ମନ ପସନ୍ଦ ଜିନିଷ ଖାଇବାକୁ ଦିଅନ୍ତୁ ନାହିଁ । ଦରକାର ପଡ଼ିଲେ କିଛିଦିନ ତାକୁ ବାହାରକୁ ଖେଳିବାକୁ ମଧ୍ୟ ଛାଡ଼ନ୍ତୁ ନାହିଁ ।

ଆପଣ ଆଦୌ ଭୁଲ ଚିନ୍ତାରେ ଯାଆନ୍ତୁ ନାହିଁ ଯେ ପିଲାଟିର ଝଗଡ଼ା ଅର୍ଥ ତାର ମାନସିକ ଭାବେ ସମ୍ଭବତଃ କୌଣସି ସମସ୍ୟାକୁ ନେଇ ସେ ତା ଆଚରଣରେ ଏହାକୁ ପ୍ରଦର୍ଶିତ କରୁଛି । ପିଲାମାନେ ଉତ୍ତେଜିତ ହେବା ଏପରି ବୟସରେ ଆଦୌ ଏକ ଭଲ ଲକ୍ଷଣ ନୁହେଁ । ପିଲାଟିର ଶାରୀରିକ ଓ ମାନସିକ ବିକାଶ ସହିତ ବୌଦ୍ଧିକ ବିକାଶ ମଧ୍ୟ ଅଗ୍ରଗତି କରୁଛି ସେ ଦିଗକୁ ଟିକେ ଭଲ ଭାବେ ଚିନ୍ତା କରନ୍ତୁ । ପିଲାଟିକୁ ଆଧ୍ୟାତ୍ମିକ ଭାବ ସମ୍ପନ୍ନ କରନ୍ତୁ । ଆପଣ ଯେ କୌଣସି ଦେବାଦେବୀ, ଠାକୁର ବା ଆଧ୍ୟାତ୍ମିକ ଗୁରୁଙ୍କ ଶରଣାପନ୍ନ ହୁଅନ୍ତୁ ନା କାହିଁକି ପିଲାଟିକୁ କିନ୍ତୁ ଏହିପରି ବୟସରେ ଆଧ୍ୟାତ୍ମିକ ଓ ଆନନ୍ଦମୟ ଜୀବନ ବିତାଇବା ପାଇଁ ଶିକ୍ଷାଟି ଦିଅନ୍ତୁ । ପିଲାଟି ଭିତରେ ମାନବୀୟ ମୂଲ୍ୟବୋଧ ଓ ସମସ୍ତଙ୍କୁ ଭଲ ପାଇବା ଏହିପରି ଦିଗ ଗୁଡ଼ିକୁ ଶିକ୍ଷା ଦିଅନ୍ତୁ । କୌଣସି ପରିସ୍ଥିତିରେ ଆପଣଙ୍କର ଆଭିଜାତ୍ୟ, ଅର୍ଥ, ପ୍ରତିପତ୍ତି, କ୍ଷମତା ବା ବାହୁବଳ ଯେ ଦୁନିଆର ସର୍ବୋଚ୍ଚ ଶକ୍ତି ଏ ଶିକ୍ଷା ଯେପରି ପିଲାଟି ଉପରେ ନପଡ଼େ ସେ ଦିଗକୁ ଭୁଲି ଯାଆନ୍ତୁ ନାହିଁ । ପିଲାମାନେ ହେଉଛନ୍ତି ଆମ ସୃଷ୍ଟିର ଶ୍ରେଷ୍ଠ ସର୍ଜନା । ମନେପଡୁଛି କୁନ୍ତଳାକୁମାରୀ ସାବତଙ୍କ ସେହି ସ୍ମରଣୀୟ ଧାଡ଼ିଟି – 'ଆହା କି ସୁନ୍ଦର ଶିଶୁ ଭାବନା ବିହୀନ, ସୁଧାରସ ସିକ୍ତ ତବ ଏ ନବ ଜୀବନ, ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ, ଏ ନବ ଜୀବନେ ନାହିଁ ସଂସାର ଜଞ୍ଜାଳ । ନୈରାଶ୍ୟ ବିଷମ ବିଷେ ନୋହୁଛୁ ଜର୍ଜର ଆଶାଶୂନ୍ୟ, କି ଜାଣୁ ତୁ ଭାର ନୈରାଶ୍ୟର ? ନାହିଁ ଲୋଭ, ନାହିଁ କ୍ରୋଧ, ନାହିଁ ଅହଂକାର, ଉଚ୍ଚପଦ ଅଭିଳାଷ ନାହିଁ ତୋ ଦୁର୍ବାର ।'

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ
ର-ଙ୍କବସକ୍ଷ : ଷ୍ମ୨୭୧୧୬୯ଅଶଙ୍କବସକ୍ଷ.ମକ୍ଟଙ୍କ



# ମହାଭାରତ
# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶନିବାର ୨୨.୩ ୨୦୨୫




୬୧୧।

## ବିଶ୍ୱ ବନ ଦିବସ ରେ ସମ୍ମାନିତ ହେଲେ ,ଫରେଷ୍ଟର ସୁମିତାଭ ତ୍ରିପାଠୀ



ଟିଟିଲାଗଡ (ମହାଭାରତ ) ଟିଟିଲାଗଡ ଡିଭିଜନ ସଇଁନ୍ତଳା ରେଞ୍ଜ ର ଟିଟିଲାଗଡ ସେକ୍ ସନ ଫରେଷ୍ଟର ସୁମିତାଭ ତ୍ରିପାଠୀ ଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାର ବିଶ୍ୱ ବନ ଦିବସ ୨୦୨୫ ବର୍ଷ ରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ପରିସର ରେ ମାନ୍ୟବର ଜଙ୍ଗଲ ମନ୍ତ୍ରୀ ପୁରସ୍କୃତ କରିଛନ୍ତି ।ଫରେଷ୍ଟର ସୁମିତାଭ ତ୍ରିପାଠୀ ଜଣେ ସଚ୍ଚୋଟ ଏବଂ କର୍ତ୍ତବ୍ୟନ ଫରେଷ୍ଟର ଅଫିସର ସହ ସମସ୍ତଙ୍କ ବେଶପରିଚିତ ମଧ୍ୟ ,ଉକ୍ତ କାର୍ଯ୍ୟକ୍ରମ ରେ ମାନ୍ୟବର ସତ୍ୟବ୍ରତ ସାହୁ , ଶୁରେଶ ପନ୍ତ ,ଶ୍ରୀଯୁକ୍ତ ପେମ୍ କୁମାର ଝା ଆତିଥ୍ୟ ଗ୍ରହଣ କରିଥିଲେ ,ଫରେଷ୍ଟର ସୁମିତାଭ ତ୍ରିପାଠୀଙ୍କୁ ସଇଁନ୍ତଳା କେନ୍ଦୁପତ୍ର ରେଞ୍ଜ ତରଫରୁ ମଧ୍ୟ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା ଓ ସଇଁନ୍ତଳା ଅଞ୍ଚଳରେ ମଧ୍ୟ ଫରେଷ୍ଟର ଙ୍କୁ ବହୁ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି ।

# ଓଡ଼ିଶା ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ କୋରାପୁଟ ରେ ସମୀକ୍ଷା ବୈଠକ

;କୋରାପୁଟ(ମହାଭାରତ): ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ସମୀକ୍ଷା ବୈଠକ କରିଛନ୍ତି । ଅପରାହ୍ନ ୫:୩୦ ସମୟରେ ମନ୍ତ୍ରୀ ଶ୍ରୀ ପାତ୍ର ସ୍ଥାନୀୟ ଜିଲ୍ଲା ଦକ୍ଷତା ଓ ବିକାଶ ଓ ତାଲିମ୍ କେନ୍ଦ୍ର ଠାରେ ଜିଲ୍ଲାପାଳ ଭି, କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ମନ୍ତ୍ରୀ ଉଦବୋଧନ ଦେଇ ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ପ୍ରତି ସରକାରଙ୍କ ପ୍ରାଥମିକତା ରହିଛି ବୋଲି ମନ୍ତ୍ରୀ କହିଥିଲେ। ଜିଲ୍ଲାରେ ଉଚ୍ଚି ଲୋକଙ୍କୁ ରାସନ ଯୋଗାଣ କରାଇବାକୁ ଗୁରୁତ୍ୱ ଦେବା ସହ ଚାଉଳ,ଗହମ, ତେଲ ସାବୁନ ,ଡାଲି ଭଳି ଅତ୍ୟାବଶକ ସାମଗ୍ରୀ ସୁଲଭ ମୂଲ୍ୟରେ କାର୍ଡଧାରିଙ୍କୁ ଯୋଗାଇବା ନେଇ ସରକାର ଚିନ୍ତା କରୁଥିବା ମନ୍ତ୍ରୀ କହିଥିଲେ । କାର୍ଡ ପାଇବାରେ ବଂଚିତ ଗରୀବ ଲୋକଙ୍କୁ ଚିହ୍ନଟ କରି କାର୍ଡ ବଣ୍ଟନ କରାଯିବ। ଚଳିତ ବର୍ଷ ଖରିପ ଋତୁରେ କୋରାପୁଟ ଜିଲ୍ଲାର ଚାଷୀ ମାନଙ୍କ ଧାନ ସଠିକ୍ ଭାବରେ କ୍ରୟ କରାଯାଇଛି ବୋଲି ସେ ଦର୍ଶାଇଛନ୍ତି । ଏଥିନେଇ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ମାନେ ସୁଚାରରୁପେ କାର୍ଯ୍ୟନିର୍ବାହୀ କରିଥିବା କହିଛନ୍ତି । ଧାନ କିଣିବା ବେଳେ ଚାଷୀ କଟନି ଛଟନିର ଶିକାର ନହୋଇ ସଠିକ୍ ମୂଲ୍ୟରେ ଧାନ ବିକ୍ରୀ କରିଥିବା ମନ୍ତ୍ର କହିଛନ୍ତ। ଆଗାମୀ ଦିନରେ ଏ ସବୁ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭାବରେ ସରକାର କାର୍ଯ୍ୟ କରିବ। ଯାହା ସବୁ ତୃଟି ରହିଛି ସେଥିରେ ସୁଧାର ଅଣାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସମୀକ୍ଷା ବୈଠକରେ, କୋରାପୁଟ ଜିଲ୍ଲାପାଳ




ଭି କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜୟପୁର ଉପ ଜିଲ୍ଲାପାଳ ସୁଶ୍ରୀ ଆକବରାମ ସସ୍ୟା ରେଡ୍ଡୀ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନଙ୍କ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସୂଚନା ଅନୁଯାୟୀ ୧୮-୩-୨୦୨୫ ତାରିଖ ସୁଦ୍ଧା ଜିଲ୍ଲାର ୧୪ ଗୋଟି ବ୍ଲକ୍ ରେ ୨୪୦ ଗ୍ରାମ ପଞ୍ଚାୟତ ର ୧୮୬୫ ଗ୍ରାମରେ ସର୍ବମୋଟ ୧୧,୭୩,୬୪୧ ରାସନ କାର୍ଡ ହିତାଧିକାରୀ ଅଛନ୍ତ। ଏଥି ମଧ୍ୟରୁ ୧୦,୪୦,୭୯୭ ହିତାଧିକାରୀଙ୍କ ହାରାହାରି ୮୯ ପ୍ରତିଶତ କେଓ୍ୱାଇସି ସଂଶୋଧନ ହୋଇଥିବା ଜଣାପଡ଼ିଛି ।ଚଳିତ ବର୍ଷ ଖରିଫ ଋତୁରେ ଜିଲ୍ଲା ରେ ୨୫୭୨୮୮ ମେଟ୍ରିକ୍ ଟୋନ ଧାନ କ୍ରୟ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହେଇଥିଲା।ଏଥି ନିମନ୍ତେ ୩୯,୩୩୩ ଚାଷୀମାନେ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୯,୦୬୭ ଚାଷୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୮-୦୨-୨୦୨୫ ସୁଦ୍ଧା ୩୭,୪୭୭ ଜଣ ଚାଷୀଙ୍କ ଠାରୁ ୨୫୦୯୭୬.୫୨୯ ମେଟ୍ରିକ୍ ଟୋନ ଧାନ ସଂଗ୍ରହ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଜଣାଇଛନ୍ତି।

## ବିଶୋଇ ରେ କାଳବୈଶାଖୀ ବିପ୍ଳାତ
# ବହୁ ଗୃହ ନଷ୍ଟ ସହ ମଣିଷ ଓ ଗୃହପାଳିତ ଗାଇ,ଗୋରୁ ଛେଳି ଆହତ

ରାଇରଙ୍ଗପୁର(ମହାଭାରତ):ମୟୂରଭଞ୍ଜ ଜିଲ୍ଲାର ।ମନଘାଟୀ ଉପଖଣ୍ଡ ଅନ୍ତର୍ଗତ ବିଶୋଇ ବ୍ଲକର ବିଭିନ୍ନ ଅଂଚଳରେ ଗୁରୁବାର ଦିନ ରାତିରେ କାଳବୈଶାଖୀ ର ତାଣ୍ଡବଲୀଳା ରେ ବହୁ ଘର,ଗାଡି, ନଷ୍ଟ ହେବା ସହ ଗୃହପାଳିତ ପଶୁ ବୁଢାବୁଢୀ,ଛୁଆପିଲା,ଗାଈ,ଗୋରୁ ଛେଳି ଆହତ ହୋଇଛନ୍ତି ।ରାତିରେ ହଠାତ୍ କାଳବୈଶାଖୀ ମାଡ଼ି ଆସିଲା ।ତୁହକୁ ତୁହା ,ବର୍ଷା,କୁଆପଥର ମାଡରେ ସମଗ୍ର ଅଂଚଳ ହୋଲ ହୋଇ ଯାଇଥିଲା ।ଗଛ ଲତା ପଡ଼ି ଯାଇଥିଲା। ଲୋକଙ୍କ ଆସବାବପତ୍ର ନଷ୍ଟ ହୋଇଯାଇଛି । ବିଦ୍ୟୁ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା ୟଅନ୍ଧାରରେ ଲୋକେ ନାହିଁ ନ ଥିବା ଅସୁବିଧା ରେ ସମ୍ମୁଖୀନ ହୋଇଥିଲା । ଅଧିକାଂଶ ଲୋକଙ୍କ ଘରେ ଚୁଲି ଜଳି ନ ଥିଲା ।ଭୋକ ଉପାସରେ ରାତି କାଟିଥିଲେ ।ଆଜି ଶୁକ୍ରବାର



ଦିନ ଖଡମଡୋ ଅଂଚଳର ପିଡିତ ଲୋକେ ପ୍ରଶାସନର ଅବହେଳା ନେଇ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଉପଜିଲ୍ଲାପାଳ ଶ୍ରୀ ସୌମ୍ୟରଂଜନ ପ୍ରଧାନ,ଏସଡିପିଓ ଗୋକୁଳାନନ୍ଦ ସାହୁ,ବିଜାତଳା ବିଡିଓ,ବିଶୋଇ ବିଡ଼ିଓ, ତହସିଲଦାର,ବିଶୋଇ ଥାନା କର୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରୁଥିଲେ ।ଭୋକିଲା ଲୋକଙ୍କୁ ଖାଇବା ପାଇଁ ମୁଢ଼ି,ପାଣି ବୋତଲ ପ୍ରଶାସନ ତରଫରୁ ଦିଆଯାଇଛି ଏବଂ ପୋଲିଥିନ ଦିଆଯିବ ବୋଲି ପିଡିତା ମାନଙ୍କୁ କୁହାଯାଇଛି ।ଦିନ ୧ ଟାଏ ପର୍ଯ୍ୟନ୍ତ ଉତ୍ୟକ୍ତ ଲୋକଙ୍କ ସହ ପ୍ରଶାସନ ର ଆଲୋଚନା ଜାରି ରହିଛି ।ଲୋକେ ରାସ୍ତା ଅବରୋଧ ରୁ ହଟି ନାହାନ୍ତି ।

## ଓଡ଼ିଶା ଉପକୂଳରେ ଦୁଇ ଦିବସୀୟ ସାଗର କବଚ ସାମରିକ ଅଭ୍ୟାସ ଉଦଯାପିତ

ପାରାଦୀପ (ମହାଭାରତ) ରାଜ୍ୟ ସାମୁଦ୍ରିକ ଉପକୂଳର ସୁରକ୍ଷା ବ୍ୟବସ୍ଥାପନାକୁ ପରୀକ୍ଷଣ କରିବା ପାଇଁ ଚଳିତ ମାର୍ଚ୍ଚ ୧୯ ଓ ୨୦, ୨୦୨୫ ରେ ଦୁଇ ଦିବସୀୟ ସାମରିକ ସୁରକ୍ଷା ଅଭ୍ୟାସ 'ସାଗର କବଚ (ଓଡି)- ୦୧/୨୫' ଅନୁଷ୍ଠିତ ହୋଇଯାଇଛି। ଏହି ଅଭ୍ୟାସ ସମୟରେ, ରାଜ୍ୟର ଉପକୂଳ ସୁରକ୍ଷା ମାନଦଣ୍ଡ ଗୁଡ଼ିକୁ ବ୍ୟାପକ ଅଭ୍ୟାସ ମାଧ୍ୟମରେ ପ୍ରମାଣିତ କରାଯାଇଥିଲା। ଏହି ଅଭ୍ୟାସଟି ତଟ ରକ୍ଷକ କମାଣ୍ଡର (ଉତ୍ତର ପୂର୍ବ) ଦ୍ୱାରା ପରିଚାଳନା କରାଯାଇଥିଲା।ଅଭ୍ୟାସର ମୂଳ କେନ୍ଦ୍ର ରାଜ୍ୟ ଉପକୂଳ ସୁରକ୍ଷା ପରିଚାଳନା କେନ୍ଦ୍ର , ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ - ୭, ପାରାଦୀପ ରହିଥିଲା, ଯେଉଁଠାରେ ବିଭିଓ ଅଭ୍ୟାସ ପରିସ୍ଥିତି ଗୁଡ଼ିକୁ ପରିଚାଳନା କରାଯାଇଥିଲା। ଯେପରି ଆତଙ୍କବାଦୀ ମାନେ ମାଛ ଧରିବା ଡଙ୍ଗା କୁ ଅପହୃତ କରିବା, ଅବୈଧ ପଦାର୍ଥ ଚୋରାଚାଲାଣ, ପଣ୍ୟବାହୀ ଜାହାଜକୁ ଅପହୃତ କରିବା, ବୋମା ବିସ୍ଫୋରଣ ଓ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଗୁଡ଼ିକରେ ଆକ୍ରମଣ କରିବା ଇତ୍ୟାଦି । ସମୁଦ୍ର ଓ ନଦୀରେ ଅଧିକାରୀକ ସୁରକ୍ଷା ରେ ଭାରତୀୟ ତଟ ରକ୍ଷକ, ଭାରତୀୟ ନୌବାହିନୀ, ସାମୁଦ୍ରିକ ପୋଲିସ୍, ରାଜ୍ୟ ପୋଲିସ୍, ବନ୍ଦର ଅଧିକାରୀ, କେନ୍ଦ୍ରୀୟ ଶିଳ୍ପ ନିରାପ□। ବାହିନୀ, ମତ୍ସ୍ୟ ବିଭାଗ, ରାଜ୍ୟ ଗୁଇନ୍ଦା ବିଭାଗ ଏବଂ କଷ୍ଟମ୍ସ ବିଭାଗ ଆଦି ଅଂଶଗ୍ରହଣ କରିଥିଲେୟ ଏହି ସୁରକ୍ଷା ଅଭ୍ୟାସରେ ଜିଲ୍ଲା ପୋଲିସ୍ ଏବଂ ବନ୍ୟ ବିଭାଗ ମଧ୍ୟ ଅଂଶଗ୍ରହଣ କରିଥିଲେୟ ଅନ୍ୟପକ୍ଷରେ, ମତ୍ସ୍ୟଜୀବୀମାନଙ୍କୁ 'ସୁରକ୍ଷା ବଳର 'ଆଖି ଏବଂ କାନ' ଭାବରେ ସକ୍ରିୟ କରାଯାଇଥିଲା।ମୁଖ୍ୟ ଅଭିଯାନ ମଧ୍ୟରେରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ, ତଟ ରକ୍ଷକ ଏବଂ ପୋଲିସ୍ କ୍ୟୁଆରଟି ବାହିନୀ ଦ୍ୱାରା ବିଶେଷ ଅଭିଯାନ ଏବଂ ଡ୍ରୋନ୍ ଅନୁସନ୍ଧାନ ଅନୁଷ୍ଠିତ ହୋଇଥିଲା। ଓଡିଶା ରାଜ୍ୟର ୪୮୦ କିମି ବନ୍ଦର ଅଞ୍ଚଳରେ ୩.୬ ଲକ୍ଷ ମତ୍ସ୍ୟଜୀବୀ ଏବଂ ୧୯,୦୦୦ ଟି ମାଛଧରା ବୋଟ୍ କାର୍ଯ୍ୟରତ ଅଛନ୍ତି । ପାରାଦୀପ, ଧାମରା, ଓ ଗୋପାଳପୁର ବନ୍ଦର ଏବଂ ଅନ୍ୟାନ୍ୟ ବନ୍ଦର ଏହି ଅଞ୍ଚଳର ମୁଖ୍ୟ ସାମୁଦ୍ରିକ ସଂସ୍ଥାନ ଅଟେ। ଏହି ସଂସ୍ଥାନ ଗୁଡ଼ିକ ଓଡ଼ିଶା ର ପ୍ରମୁଖ ନଦୀ ମୁଖ ଓ ସାମୁଦ୍ରିକ ଉପକୂଳ ରେ ଅବସ୍ଥିତ ଥିବାରୁ ସୁରକ୍ଷା ବିଭାଗ ପାଇଁ ଏହାର ସୁରକ୍ଷା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏହି ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ସମନ୍ୱୟ ଜରୁରୀ ଅଟେ। ଏଥିପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଏକାଠି ହୋଇ ଏପରି ଅଭ୍ୟାସ ଆୟୋଜନ କରି ସୁରକ୍ଷା ବ୍ୟବସ୍ଥା ର ଯାଞ୍ଚ କରିଥାନ୍ତି ।ଅଭ୍ୟାସ ଦ୍ୱାରା ଉତ୍କୃଷ୍ଟ ପରିଚାଳନା ଉପରେ ଉଚ୍ଚସ୍ତରରେ ଆଲୋଚନା କରାଯାଇଥିଲା ଏବଂ ଏହା ଆଧାରରେ ତଟ ସୁରକ୍ଷା ପ୍ରଣାଳୀ, ଏବଂ ସମନ୍ୱୟ ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା।



## ଓପି ଜିନ୍ଦଲ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ




ବଡ଼ବିଲ /ଯୋଡ଼ା (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ଆଇରନ ଏଣ୍ଡ ଡୋଲୋମାଇଟ ଖଣି ପାର୍ଶ୍ୱବର୍ତ୍ତୀ କାଶିଆ(କ) ଗ୍ରାମରେ ଚାଲିଥିବା ଓପି ଜିନ୍ଦଲ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେ□ରେ କାଶିଆ(ଖ) ଟିମକୁ ପେନାଲ୍ଟି ସୁଟଆଉଟରେ ହରାଇ ସେରେଣ୍ଡା ଟିମ୍ ଚମ୍ପିଅନ ହୋଇଛି। ୩ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେ□ରେ ସେରେଣ୍ଡା, ଭଦ୍ରାସାହି ପଞ୍ଚାୟତର ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ।ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବଡ଼ବିଲ ଏସଡିପିଓ ଶ୍ରୀ ଡିଏନ୍ ପିଙ୍ଗୁଆ ଯୋଗଦେଇଥିଲେୟ ସମ୍ମାନିତ ଅତିଥି ଭାବେ କାଶିଆ ମାଇନ୍ସ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର, ସେରେଣ୍ଡା ସରପଞ୍ଚ ଶ୍ରୀମତୀ ସୁଶ୍ମିତା ସିଦ୍ଧୁ, ଭଦ୍ରାସାହି ସରପଞ୍ଚ ଶ୍ରୀମତି ପ୍ରମୀଳା ନାଏକ ଯୋଗଦେଇଥିଲେ। ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା,ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ଜେଏସପିର ପ୍ରତିଶ୍ରୁତିବଦ୍ଧତାକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏଭଳି କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଅଞ୍ଚଳର ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସହ ଅଞ୍ଚଳରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବ ବୋଲି ଅତିଥିମାନେ କହିଥିଲେ।ଏହି କାର୍ଯ୍ୟକ୍ରମରେ ସିଏସଆର ମୁଖ୍ୟ ଶ୍ରୀ ଉର୍ଜିଲ ଲାକ୍ରାଙ୍କ ସମେତ ଅନ୍ୟ ଅଧିକାରୀ ଓ ସ୍ଥାନୀୟ ଗ୍ରାମର ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ୧୫ ବର୍ଷରୁ କମ ବାଳକ, ବାଳିକା ଟିମ ସମେତ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ବୟସ୍କଲୋକମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ମେଡିକାଲ ନେବା ବାହାନାରେ ବେକରୁ ସୁନା ଚେନ ଛଡାଇ ନେଲେ ଦୁର୍ବୃତ୍ତ

ଦାନଗଦି :( ମହାଭାରତ)ଦାନଗଦି ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ଚରମ ସୀମାରେ ବଢ଼ିବାରେ ଲାଗିଛି । ଦାନଗଦି ଗ୍ରାମ ଶିଳ୍ପା□ଳର ନିକଟତର ଗ୍ରାମ ହୋଇଥିବାବେଳେ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ଶ୍ରମିକ ନିଜର ପରିବାର ପ୍ରତିପୋଷଣ ନିମନ୍ତେ ବହୁତ ଲୋକ କଳିଙ୍ଗନଗର ଶିଳ୍ପା□ଳକୁ ନିର୍ଭରକରି କାମ କରିବାକୁ ଆସି ଏଠାରେ ରୁହନ୍ତି । ମାତ୍ର ଏହାର ସୁଯୋଗ ନେଇ ବହୁତ ଅସାମାଜିକ ଯୁବକ ସାଧାରଣ ଲୋକଙ୍କ ଠାରୁ ଚୋରି ଡକାୟତି କରିବା ସହିତ ମାଡପିଟ ମଧ୍ୟ କରୁଥିବାର ନଜର ଆସୁଛି । ଦାନଗଦି ପୋଲିସ ର ପେଟ୍ରୋଲିଙ୍ଗ ଓ ଦାୟିତ୍ୱ ହୀନତା ପାଇଁ ଏଭଳି ଘଟୁଛି ବୋଲି ସାଧାରଣରେ ଚର୍ଚ୍ଚା ବିଷୟ ପାଲଟିଛି । ବିଗତ ଦିନରେ ଦାନଗଦି ଫାଣ୍ଡି ଅଧିକାରୀ ଅଜୟ ସାହୁ ଡିଉଟି ରେ ଥିବା ସମୟରେ ଚୋରି ଡକାୟତି ନିଅନ୍ତ୍ରଣ ଥିବା ବେଳେ ସେ ଏଠୁ ବଦଳି ହୋଇ ତାଙ୍କ ଜାଗାରେ ଅମୁଲ୍ୟ ମିଶ୍ର ଆସିବା ପରଠାରୁ ଚୋର ମାନେ ଏବେ ପୁଣି ସକ୍ରିୟ ହୋଇଛନ୍ତି । ଗତ ତା ୧୬/୦୩/୨୫ ରିଖ ରାତି ୧୦ ଟା ସମୟରେ ଢେଙ୍କାନାଳ ଜିଲ୍ଲା ଭୁବନ ଗ୍ରାମର ଧର୍ମେନ୍ଦ୍ର ସାହୁ ନିଜ ପତ୍ନୀଙ୍କୁ ଯାଜପୁର ରୋଡ଼ ବସ ଷ୍ଟାଣ୍ଡ ରେ ଛାଡି ନିଜ ଗ୍ରାମ ଭୁବନ ଫେରୁଥିବା ସମୟରେ ଦାନଗଦି ଫାଣ୍ଡି ଅଧୀନ ମାନପୁର ବ୍ରିଜ ନିକଟରେ କୌଣସି ଏକ ଅଜଣା ଗାଡି ତାଙ୍କୁ ସାଇଡ ମାରିବାରୁ ସେ ତଳେ ପଡିଯାଇଥିଲେ । ପରେ ସେହି ରାସ୍ତାରେ ଯାଉଥିବା ଦୁଇଜଣ ଯୁବକ ତାଙ୍କୁ ଉଠାଇ ପ୍ରଥମେ ତାଙ୍କ ହାତରୁ ସୁନା ମୁଦି ବାହାର କରିବାକୁ ଚେଷ୍ଟା କରିଥିଲେ। ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ଏହାଦେଖି ଏହାର ପ୍ରତିରୋଧ କରିବାରୁ ଚୋରି କରୁଥିବା ଦୁଇଜଣ ଯୁବକ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ତାଙ୍କୁ ନିଜ ମଟର ସାଇକେଲ ମଝିରେ ବସାଇ ଦାନଗଦି ମେଡିକାଲ ଆଣିବା ବାହାନାରେ ରାସ୍ତାରେ ତାଙ୍କ ବେକରୁ ସୁନା ଚେନ ଖୋଲିବାକୁ ଚେଷ୍ଟା କରିଥିଲେ ଯୁବକ ଜଣଙ୍କ ଏହାର ପ୍ରତିରୋଧ କରିଥିଲେ ମଧ୍ୟ ସୁନା ଚେନ ଟିକୁ ଜବରଦସ୍ତ ଚିଣ୍ଡାଇ ନେଇ ତାଙ୍କୁ ଦାନଗଦି ମେଡ଼ିକାଲରେ ଛାଡି ଚାଲି ଯାଇଥିଲେ । ପରେ ପରିବାର ଲୋକେ ଖବର ପାଇ ତାଙ୍କୁ ଚିକିତ୍ସା କରାଇ ଏହି ବିଷୟରେ ଦାନଗଦି ଫାଣ୍ଡି ଅଧିକାରୀ ଅମୁଲ୍ୟ ମିଶ୍ର ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଆଜିକୁ ପାଞ୍ଚ ଦିନ ବିତିଯାଇଥିଲେ ମଧ ଦାନଗଦି ଫାଣ୍ଡି ଅଧିକାରୀ କୌଣସି ତଦନ୍ତ କରିନଥିବା ଅଭିଯୋଗ ହେଉଛି । ଚୋର ମାନେ ଆହତ ଯୁବକକୁ ମେଡ଼ିକାଲରେ ଛାଡିଥିବା ଫୋଟୋ ଭିଡିଓ ମେଡିକାଲର ସିସିଟିଭି ରେ ଥିଲେ ସୁଦ୍ଧା ପୋଲିସ ଅଧିକାରୀ ଜଣଙ୍କ ସବୁ ଜାଣି ଶୁଣି ଚୁପ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପରୋକ୍ଷରେ ଅଭିଯୋଗ କାରୀ ଏବିଷୟରେ ପଚାରିବାରୁ ତାଙ୍କୁ ଓଲଟି ବ୍ୟବହାର ଖରାପ କରୁଥିବା କଥା ଏବେ ସାମ୍ନାକୁ ଆସିଛି । ଦାନଗଦି ଅଞ୍ଚଳର ସାଧାରଣ ଲୋକେ ଏବେ ଚୋରଙ୍କର ଉତ୍ପାତ ରେ କଲବଲ ହେଉଥିବା ବେଳେ ଅଭିଯୋଗ ଓ ଯଥେଷ୍ଟ ପ୍ରମାଣ ଥାଇ ମଧ୍ୟ ପୋଲିସର ନିରବଦ୍ରଷ୍ଟା କୁ ନେଇ ଏବେ ଯାଜପୁର ପୋଲିସ ଉପରେ ଲୋକଙ୍କର ବିଶ୍ୱାସ ତୁଟିବାରେ ଲାଗିଛି । କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଭିଯୋଗ କାରୀଙ୍କୁ ଭଲ ଅଭ୍ୟର୍ଥନା ଦେବା ପାଇଁ ସବୁଥାନାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଦାନଗଦି ଫାଣ୍ଡି ଅଧିକାରୀଙ୍କ ବ୍ୟବହାରରେ ସାଧାରଣ ଲୋକେ ଏବେ ଅଭିଯୋଗ ନେଇ ଦାନଗଦି ଫାଣ୍ଡିକୁ ଯିବା ପାଇଁ ଭୟ କରୁଛନ୍ତି। ଯାହାପାଇଁ ଦିନକୁ ଦିନ ଚୋରି ଡକାୟତି ବଢ଼ିବାରେ ଲାଗିଛି । ଏହି ସମସ୍ୟା ଉପରେ ଯାଜପୁର ଆରକ୍ଷୀ ଅଦକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

## ବ୍ୟାସନଗରରେ ବଢୁଛି ଗୋ ମାଂସ ବିକ୍ରି

ବ୍ୟାସନଗର,(ମହାଭାରତ),ବ୍ୟାସନଗର ସ୍ଥିତ ଅହମ୍ମଦ ନଗରରେ ଗୋ-ମାଂସ ପ୍ରସ୍ତୁତ ଖାଦ୍ୟ ବିକ୍ରୀ ହେଉଥିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ଦୁଇ ଜଣ ଯୁବକ ଗୋମାଂସ ପ୍ରସ୍ତୁତ ବିରିୟାନୀ ନେଇ ଯାଉଥିବା ବେଳେ ଲୋକେ ସେମାନଙ୍କୁ ଧରିଥିଲେ । ବେଆଇନ ଭାବରେ ଗୋ ମାଂସ କଟାଯାଇ ଅହମ୍ମଦ ନଗର ର ଏକାଧିକ ହୋଟେଲରେ ବିରିୟାନୀ ପ୍ରସ୍ତୁତ ହେଉଥିବା ଖବର ପାଇ ସେଠାରେ କେତେକ ହିନ୍ଦୁ ସଂଗଠନ ଓ ସ୍ଥାନୀୟ ଲୋକେ ଚଡାଉ କରିଥିଲେ । ଯୁବକ ଙ୍କୁ ଲୋକେ ଅଟକ ରଖି ପଲିଥିନ ରେ କଣ ଅଛି ବୋଲି ପ୍ରଶ୍ନ କରିଥିଲେ । ଜବାବ ରେ ଦୁଇ ଯୁବକ କଣ କହୁଛନ୍ତି ଶୁଣନ୍ତୁ । ଘଟଣା ସ୍ଥଳରେ ଉ□ଜନା ପ୍ରକାଶ ପାଇବାରୁ ଯାଜପୁର ରୋଡ ପୁଲିସ ଗୋରୁ ମାଂସ ବିରିୟାନୀ ନେଉଥିବା ଯୁବକ ଦୁଇ ଜଣ ଙ୍କୁ ଧରି ଥାନାକୁ ନେଇଥିଲେ । ଏହି ଘଟଣାରେ ସେଠାରେ ଉତ୍ତେଜନା ଲାଗି ରହିଥିବା ରୁ ଯାଜପୁର ରୋଡ ଆଇଆଇସି ଉପେନ୍ଦ୍ର ପ୍ରଧାନ ତୁରନ୍ତ ଅହମ୍ମଦ ନଗରରେ ଥିବା ହୋଟେଲ ଗୁଡିକୁ ବନ୍ଦ କରି ତାଲା ପକାଇଛନ୍ତି ।ତେବେ ଅବାଧ ଗୋମାଂସ କାରବାର ପଛରେ କିଏ ରହିଛି ଏବଂ ଏହା ଉପରେ କାହିଁକି ରୋକ ଲାଗି ପାରୁନି ତାହା ବୁଝା ପଡୁନି।

# ସମସ୍ୟା ଘେରରେ ୭୫ବର୍ଷର ମାଲାନସୁଗା ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟ




ଘୁ.ଉଦୟଗିରି: କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ ମାଲାନସୁଗା ଠାରେ ଅବସ୍ଥିତ ୭୫ବର୍ଷର ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଗୁରୁତର ହେବାରେ ଲାଗିଛି । ବିଦ୍ୟାଳୟ ଚାଲିଥିବା ବେଳେ ଟୋପାଏ ପିଇବା ପାଣି ପାଇଁ ବିଦ୍ୟାଳୟରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ ଡହଳ ବିକଳ ହେଉଛନ୍ତି। ୫ବର୍ଷ ପୂର୍ବେ ଏହି ସ୍କୁଲ୍ ପରିସରରେ ନଳକୂପ ଟିଏ ଥିଲା। ଛାତ୍ରଛାତ୍ରୀ ଏହାକୁ ବ୍ୟବହାର କରୁଥିଲେ। ପରବର୍ତ୍ତୀ ସମୟରେ ଏହି ନଳକୂପର ପାଣି ଖରାପ ହେବାରୁ ସ୍କୁଲ କମିଟି ପକ୍ଷରୁ ବିଭାଗୀୟ ଅଧିକାରୀ ଏବଂ ପ□ାୟତକୁ ଲିଖିତ ଭାବେ ଅବଗତ କରାଯାଇଥିଲା। ପରେ ବିଭାଗୀୟ କର୍ମଚାରୀ ଆସି ନଳକୂପଟିକୁ ଖୋଲି ନେଇଯାଇଥିଲେ।ଆଉ ସେହିଦିନ ଠାରୁ ଛାତ୍ରଛାତ୍ରୀ ପାନୀୟ ଜଳ ସମସ୍ୟାରେ ପଡ଼ିଛନ୍ତି। ନୂତନ ନଳକୂପଟିଏ ସ୍ଥାପନ ପାଇଁ ସେମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଫଳରେ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଥିବା ନଳକୂପ ଉପରେ ଛାତ୍ରଛାତ୍ରୀ ନିର୍ଭର କରୁଛନ୍ତି ।ସେହିପରି ପାଖ ଚୁଆ ପାଣିରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଉଛି। ଅଙ୍ଗନବାଡ଼ି ସରିଲା ପରେ ଦିଦି ଗେଟରେ ତାଲା ପକାଇ ଦେଉଥିବାରୁ ଛାତ୍ରଛାତ୍ରୀ ସମସ୍ୟାରେ ପଡୁଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ଏବେ ୨୫ ଜଣ ଛାତ୍ରଛାତ୍ରୀ ରହିଛନ୍ତି ।ସେମାନଙ୍କ ପାଇଁ ୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ସ୍କୁଲ ପଛପଟେ ପାଚେରି ନାହିଁ କିମ୍ବା ବିଜୁଳି ସଂଯୋଗ ହୋଇପାରିନାହିଁ।ଏହିସବୁ ମୌଳିକ ସମସ୍ୟାର ବିଷୟରେ ଦୈନିକ ସମ୍ବାଦରେ ଗତ ନଭେମ୍ବର ମାସରେ ଖବର ପ୍ରକାଶ ପାଇବା ପରେ ଯୁବ ସମାଜସେବୀ ଟୁଇଟ କରି ଉପର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେୟ ଟୁଇଟ ପାଇବା ପରେ ବିଭାଗୀୟ ଅଧିକାରୀ ତତ୍ପରତା ଦେଖାଇ ନିର୍ବାଚନ ଆଚରଣ ବିଧି ହଟିଲେ ତୁରନ୍ତ ଏହି ବିଦ୍ୟାଳୟରେ ନୂତନ ନଳକୂପ ସ୍ଥାପନ କରାଯିବ ବୋଲି ଲିଖିତ ଉତ୍ତର ପ୍ରଦାନ କରିବାର ଦଶ ମାସ ବିତିଯିବା ପରେ ମଧ୍ୟ ଯଥା ପୂର୍ବ ତଥା ପର ଭଳି ଅବସ୍ଥାରେ ଏହି ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନେ ଟୋପାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି।

## ଆସିକା ବ୍ଲକରେ ନୂତନ ବିଡିଓ ଙ୍କୁ ଶୁଭେଚ୍ଛା ଜଣାଇଲେ ଉପାଧକ୍ଷାଙ୍କ ସମେତ ବହୁ ଜନପ୍ରତିନିଧି



ଆସିକା (ମହାଭାରତ): ଦୀର୍ଘ ଦିନର ବ୍ୟବଧାନ ପରେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କୁ ମିଳିଲା ସ୍ଥାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ । ପୂର୍ବରୁ ଅତିରିକ୍ତ ଦାୟିତ୍ୱ ଭବେ କବିସୂର୍ଯ୍ୟନଗର ବିଡିଓ କାର୍ଯ୍ୟ ତୁଲାଉଥିବା ବେଳେ ବର୍ତ୍ତମାନ ନବନିଯୁକ୍ତ ବିଡିଓ ଭାବେ ଦାୟିତ୍ୱ ନେଇଛନ୍ତି ୨୦୨୦ ବେଚ ଓଏସ ଲିପିନା ଦାଶ । ସେ ପୂର୍ବରୁ ଗଜପତି ଜିଲ୍ଲା ରେ ଡେପୁଟି କଲେକ୍ଟର ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ବର୍ତମାନ ସେ ଆସିକା ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ସେ କାର୍ଯ୍ୟରେ ଯୋଗଦାନ ପରେ ଆଜି କାର୍ଯ୍ୟାଳୟ ଠାରେ ସାକ୍ଷାତ କରିଛନ୍ତି ଆସିକା ବ୍ଲକ ଉପାଧକ୍ଷା ଏସ.ରେସ୍ମା ଦୋରା ଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି । ନୂତନ ଦାଇତ୍ୱ ପାଇଁ ସମସ୍ତେ ପୁଷ୍ପ ଗୁଚ୍ଛଦେଇ ବିଡ଼ିଓ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ଦେଖିବାକୁ ମିଳିଛି । ଏହି ଅବସରରେ କାଳକ୍ଷଣ୍ଡପୁର ସରପ□ ଜୟନ୍ତୀ ବେହେରା, ଆଳିପୁର ସରପ□ ଜ୍ୟୋର୍ତିମୟୀ ନାୟକ, ଯୁବନେତା ଟୁଲୁ ଜେନା, ନିମିନା ସମିତିସଭ୍ୟ ଶଶାଙ୍କ ଚର୍ଚ୍ଚି,ପାଣ୍ଡିଆ ପଥର ସରପଞ୍ଚ ନୀଳାଞ୍ଚଳ ଗୌଡ଼,ସିଦ୍ଧାନଇ ସମିତିସଭ୍ୟ,ବାବନପୁର ସମିତି ସଭ୍ୟ ସନ୍ତୋଷ କୁମାର ଜେନା, ସମେତ ବହୁ ଜନସାଧାରଣ ସାକ୍ଷାତକରୀ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଛି।

# ହଜିଗଲାଣି କେନ୍ଦରାର ସ୍ୱର !



କପ୍ତିପଦା -(ମହାଭାରତ ):କପ୍ତିପଦା - ଆଉ ନାହିଁ କେନ୍ଦରା କି ଶୁଭୁ ନାହିଁ ସ୍ୱର । ପୁରାତନ ଯୁଗରେ ଯୋଗୀଙ୍କ କେନ୍ଦରାର ସ୍ୱର ଗାଁ ଗଣ୍ଡା ରେ ଲୋକଙ୍କୁ କରୁଥିଲା ବିମୋହିତ ।ତେବେ ଆଧୁନିକତା ଯୁଗରେ ହଜିବାକୁ ବସିଲାଣି କେନ୍ଦରା ।ପୂର୍ବରୁ ଭାରତୀୟ ସଂସ୍କୃତିର ବାଦ୍ୟଯନ୍ତ୍ର ଥିଲା କେନ୍ଦରା ।ତେବେ ଆସ୍ତେ ଆସ୍ତେ ଏହା ଲୋପ ପାଇବାକୁ ବସିଲାଣି। ଲାଉ ତମ୍ବା ରେ ତିଆରି କେନ୍ଦରାର ସ୍ୱର ସତେ ଯେମିତି ପୂର୍ବରୁ ଲୋକମାନଙ୍କୁ ବାନ୍ଧି ରଖୁଥିଲା ।ଗାଁ ଗଣ୍ଡା ରେ ଯୋଗୀମାନେ କେନ୍ଦରା ବଜାଇ ଲୋକମାନଙ୍କର ମନ ଜିଣୁଥିଲେ ।ଏହି ପରିକି କେନ୍ଦରା ବଜାଇ ଭିକ୍ଷା ବୃତ୍ତି କରିବା ସହ ନିଜର ଗୁଜୁରାଣ ମେଣ୍ଟାଉଥିଲେ ।ତେବେ ଆଉ ଦେଖିବାକୁ ମିଳୁନାହିଁ ଯୋଗୀଙ୍କର ସୁମଧୁର କେନ୍ଦରାର ସ୍ୱର ।ସତେ ଯେମିତି ଆଧୁନିକତାର ବାଦ୍ୟଯନ୍ତ୍ର ଗ୍ରହଣ କରୁଥିବା ବେଳେ ପୁରାତନ ବାଦ୍ୟଯନ୍ତ୍ରକୁ ମନରୁ ଦୂରେଇଯିବାର ଦେଖିବାକୁ ମିଳୁଛି। ଭାରତୀୟ ସଂସ୍କୃତିର ପ୍ରଥମ ବାଦ୍ୟଯନ୍ତ୍ର ହିସାବରେ କେନ୍ଦରା ପରିଗଣିତ ହେଉଥିଲା ।ତେବେ ଆସ୍ତେ ଆସ୍ତେ ଏହି ବାଦ୍ୟଯନ୍ତ୍ର ଲୋପ ପାଇବାକୁ ବସିଲାଣି। ଭଦ୍ରକ ଜିଲ୍ଲା ବାସୁଦେବ ପୁର୍ ଅଞ୍ଚଳର ଏ ହେଉଛନ୍ତି ଲକ୍ଷ୍ମଣ ନାଥ । ଲକ୍ଷ୍ମଣ ନାଥ ହେଉଛନ୍ତି ଏକ ଯୋଗୀ ସମ୍ପ୍ରଦାୟର ଲୋକ। ଯେତେବେଳେ ଲକ୍ଷ୍ମଣ ନାଥ ଙ୍କ ବୟସ ୧୪ ବର୍ଷ ହେଇଥିଲା ସେତେବେଳେ ସେ ତାଙ୍କ ବାପାଙ୍କ ସହ ବିଭିଉ ସ୍ଥାନକୁ ଯାଇ କେନ୍ଦରା ବଜାଇ ଭିକ୍ଷା ବୃତ୍ତି କରୁଥିଲେ। ତେବେ ସେ ଦିନର କେନ୍ଦରାକୁ ଲୋକମାନେ ଯେତିକି ଗ୍ରହଣ କରୁଥିଲେ ଆଜି ର ଯୁଗରେ ଆଉ ସେତେଟା ପସନ୍ଦ କରୁନଥିବା କହିଛନ୍ତି ଯୋଗୀ ଲକ୍ଷ୍ମଣ ନାଥ। ବହୁକାଳରୁ ଯେତେବେଳେ ଗାଁ ରେ ଯୋଗୀମାନଙ୍କର କେନ୍ଦରାର ସ୍ୱର ଶୁଭୁଥିଲା ସେତେବେଳେ ସମସ୍ତେ ଆଗ୍ରହର ସହ ଧାଇଁଯାଆନ୍ତି କେନ୍ଦରାର ସ୍ୱର ଶୁଣିବା ପାଇଁ ।କିନ୍ତୁ ଆଜି କେନ୍ଦରାର ସ୍ୱର ଶୁଣିବା ପାଇଁ ନା ଲୋକମାନଙ୍କ ପାଖରେ ଆଗ୍ରହ ଅଛି ନା ଭିଡ଼ ଜମୁଛି ।ତେବେ ଆସ୍ତେ ଆସ୍ତେ ପୁରାତନ ଜିନିଷକୁ ଭୁଲି ଆଧୁନିକତା ଆଡ଼କୁ ଗତି କଲେଣି।

## କଳିଙ୍ଗନଗର ଟାଟା ଷ୍ଟିଲ ଏସ.ଏମ.ଏସର ବଡ଼ ଧରଣର ଦୁର୍ଘଟଣା



ଦାନଗଦି: (ମହାଭାରତ) କଳିଙ୍ଗନଗର ଟାଟା ଷ୍ଟିଲ କାରଖାନାରେ ଶୁକ୍ରବାର ପୂର୍ବାହ୍ନ ୧୧ ଟା ସମୟରେ ଏସ.ଏମ.ଏସ. ଷ୍ଟିଲ ମେଲ୍ଟିଂ ସପରେ ବଡଧରଣର ଦୁର୍ଘଟଣା ଗଠିଯାଇଛି। ସୂଚନା ମୁତାବକ ଏସ ଏମ ଏସ ସାଇଟର ଷ୍ଟିଲ ମେଲଟିଂ ସମୟରେ କୌଣସି ପ୍ରକାର ଦୁର୍ଭାଗ୍ୟ ବଶତ ଅଘଟଣ ଘଟି ବଡଧରଣର ବ୍ଲାଷ୍ଟିଂ ହୋଇଥିଲା। ସାଇଟିଂରେ କାର୍ଯ୍ୟ କରୁଥିବା କାର୍ଯ୍ୟରତ୧୦ରୁ ଉର୍ଦ୍ଧ ଶ୍ରମିକ ଆହତ ହୋଇଥିବା ଜଣାପଡିଛି। ଦୁର୍ଘଟଣାପରେ ଆହାତ ହୋଇଥିବା କର୍ମଚାରୀ ଙ୍କୁ ଚିକିତ୍ସା ପାଇଁ ଟାଟା ଷ୍ଟିଲ ମେଡିକାଲ ହସ୍ପିଟାଲ କୁ ନିଆଯାଇଥିବାବେଳେ। କଳିଙ୍ଗନଗର ଟାଟା ଷ୍ଟିଲ ତରଫ ରୁ ପ୍ରେସ ବିବୃତ୍ତି ରେ ପ୍ରକାଶ କରିଥିଲାକି ଦୃଘଟାନାରେ ୯ ଜଣ ଆହତ ପ୍ରେସ ବିବୃତ୍ତି ରେ ସୂଚନା ପ୍ରକାଶ କରିଥିଲା। ଆହାତ ଶ୍ରମିକଙ୍କ ପ୍ରାଥମିକ ଚିକିତ୍ସା ଚାଲୁଥିବା ବେଳେଯଜଣେ ଶ୍ରମିକ ପ୍ରାଥମିକ ଚିକିତ୍ସା ପରେ ହସ୍ପିଟାଲ ରୁ ଡିସଚାର୍ଜ ହୋଇ ଘରକୁ ଫେରିଥିବା ଟାଟା ଷ୍ଟିଲ ସୂଚନା ପ୍ରଦାନ କରିଛି । ବର୍ତ୍ତମାନ୍ ଏକାଧିକ ଶ୍ରମିକଙ୍କ ପ୍ରାଥମିକ ଚିକିତ୍ସା ଜାରିରହିଛି। ଏହି ବଡଧରଣର ଅଘଟଣ ସ୍ଥାନୀୟ ଲୋକଙ୍କ ମନରେ ଭୟ ବାତାବରଣ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ।

## ହୋ’ ସମ୍ପ୍ରଦାୟଙ୍କ ବାହା ପରବ ଉଦଘାଟିତ



କପ୍ତିପଦା -(ମହାଭାରତ ):କପ୍ତିପଦା -ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତ ଅଧୀନ କେଶପଡ଼ା ଗ୍ରାମରେ ହୋ’ ସମ୍ପ୍ରଦାୟଙ୍କ ବାହା ପରବ ଉଦଘାଟିତ ହୋଇ ଯାଇଛି । ଶିମିଳିପାଳ ଏକାଦଶ ସାଂସ୍କୃତିକ କଳା ବିକାଶ ମଞ୍ଚ, କେଶପଡ଼ା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରବିବାର ଦିନ ଉଦଘାଟିତ ହୋଇ ଯାଇଛି। ପୂଜକ ଲାଦୁରା ହାଇବ୍ରୁରୁ ଏବଂ ଗୁଲା ସିଂ ପୂର୍ତ୍ତି ପୂଜା କାର୍ଯ୍ୟ ସମ୍ପାଦନା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ହିସାବରେ ଶରତ ଗ୍ରାମ ପଞ୍ଚାୟତ ସରପ□ ପଦ୍ମାବତୀ ସିଂ ଯୋଗଦାନ କରି ବାହା ପରବ ପାଳନର ମହତ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ/ରୂପେ ସମାଜସେବୀ ସୁନୀତା ହାଇବ୍ରୁରୁ, ଅବସରପ୍ରାପ୍ତ ଶିକ୍ଷକ ନନ୍ଦଲାଲ ସେଠୀ, ଶିକ୍ଷକ ତୁରାମ ଦେଓଗାମ, ରାଣୀପୋଖରୀ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ମାର୍କଣ୍ଡ ହେମ୍ବ୍ରମ ପ୍ରମୁଖ ଯୋଗଦାନ କରିଥିଲେ। ବାହା ପରବ ଅବସରରେ ହୋ’ ସମ୍ପ୍ରଦାୟର ଆଦିବାସୀମାନେ ମାଦଳ ଓ ଢୋଲ ବାଜାର ତାଳେ ତାଳେ ହାତକୁ ଧରି ଆଡମ୍ବର ସହକାରେ ନାଚିଥିବା ଦେଖା ଯାଇଥିଲା। କାର୍ଯ୍ୟକ୍ରମକୁ ଶିମିଳିପାଳ ଏକାଦଶ ସାଂସ୍କୃତିକ କଳା ବିକାଶ ମଞ୍ଚ, କେଶପଡାର ସଭାପତି ପାଇକରାଏ ତିୟୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମ୍ପାଦକ ମାଣିକ କାଲୁଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ। କେମିତି ସଦସ୍ୟ - ଶାନ୍ତନୁ ତିୟୁ, ଦୟାନିଧି ଗୁଣ୍ଡୁଆ, ରାଜଦୀପ ହୋନହାଗା, ରାମ ଦେଓଗାମ, ହିନ୍ଦୁ ପୂର୍ତ୍ତି, ଦୁମ୍ବୀ କାଲୁଣ୍ଡିଆ, ବିକାଶ ବୁଳିଉଲି, ମାଣିକ ଦେଓଗାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଇ -ସ୍କୁଲ ମାଧ୍ୟମରେ ଓଡିଶା ରେ ବୈଷଇକ ଶିକ୍ଷ୍ୟାର ଶୁଭ୍ରାରମ୍ଭ




କଙ୍କଡ଼ାହାଡ଼(ମହାଭାରତ ):ସମଗ୍ର ରାଜ୍ୟରେ ସରକାରଙ୍କ ତରଫରୁ ପ୍ରତି ହାଇସ୍କୁଲ ଙ୍କୁ ସ୍ମାର୍ଟ ଶ୍ରେଣୀ ର ରୂପ ଦେଇଥିବା ବେଳେ ଏବେବି ବିଭିଉ ସ୍କୁଲରେ କମ୍ପୁଟର ଶିକ୍ଷକ ର ଅଭାବଦେଖିବାକୁ ମିଳୁଛି। ପ୍ରକାଶଥାଉକି ଭୁବନେଶ୍ୱର ସ୍ଥିତ ହୋଟେଲ ହିନ୍ଦୁସ୍ତାନ ଇ□ରନେସନାଲ ଠାରେ ଇ -ସ୍କୁଲ ମାଧ୍ୟମରେ ଓଡିଶା ରେ କୋମ୍ପୁଟର ଶିକ୍ଷ୍ୟାର ଶୁଭ୍ରାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଉଦଘାଟନ କରିଥିଲେ। ସୂଚନା ଅନୁସାରେ ଚଳିତ ବିଧାନସଭା ଅଧିବେଶନ ଚାଲୁଥିବା ବେଳେ ସମଗ୍ର ଓଡିଶା ରେ କମ୍ପୁଟର ଶିକ୍ଷକ ଅଭାବ ନେଇ ତ ୁ ଷ ି ତ ା ଫ ା ନ ଦେଖାଦେଇଥିଲା ।ଆଗାମୀ ଦିନ ରେ ବୈଷୟିକ ଶିକ୍ଷ୍ୟା ର ଏକ ଯୋଗାନ୍ତକାରୀ ପଦକ୍ଷେପ ଓଡିଶା ର ପ୍ରତି ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ମାନଙ୍କରେ ଇ -ସ୍କୁଲ ମାଧ୍ୟମରେ ଭୁବନେଶ୍ୱର ଆଇକନିକ ଏଜୁକେସନ ଲିମିଟେଡ଼ ରାକେଶ କୁମାର ମହାନ୍ତି ଙ୍କ ଦ୍ୱାରା ପ୍ରଚଳିତ ହବା ପାଇଁ ଯାଉଅଛି। ସୂଚନା ଅନୁସାରେ ଆଇକନିକ ଏଜୁକେସନ ଲିମିଟେଡ଼ ତରଫରୁ ଓଡିଶା ରେ ବୈଷଇକ ଶିକ୍ଷ୍ୟା ର ଆବଶ୍ୟକତା କୁ ଦୃଷ୍ଟି ରେ ରଖି କେମିତି ଛାତ୍ରଛାତ୍ରୀ ମାନେ ଉଚ୍ଚ ଶିକ୍ଷିତ ହେବା ସହ ବୈଷୟିକ ଶିକ୍ଷ୍ୟା ମାଧ୍ୟମରେ ଉର୍ଣ୍ଣତ ମାନର କମ୍ପୁଟର ଶିକ୍ଷା ପାଇବେ ସେ କ୍ଷେତ୍ରରେ ସେ ସଂକଳ୍ପବଧୟ ସଂସ୍ଥା ତରଫରୁ ଆଗାମୀ ଦିନମାନଙ୍କରେ ଏ ସି ଟି ଟି ତ୍ରୟ ମାସିକ ବୈଷଇକ ଶିକ୍ଷା ପ୍ରଦାନ କରାଯିବ ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଯୋଗ ଦେବା ସହ ଭୁବନେଶ୍ୱର ପୂର୍ବତନ ସାଂସଦ ପ୍ରଶ୍ନ ପଟ୍ଟଶାଣୀ ଏବଂ ଓଡିଶା ର ବିଭିଉ ଜ଼ିଲ୍ଲା ରୁ କମ୍ପୁଟର ପ୍ରଶିକ୍ଷକ ଯୋଗଦେଇଥିଲେ।

## ଗୋଟେ ପଟେ ବେଆଇନ କରତକଳ କୁ ପ୍ରୋତ୍ସାହନ ଅନ୍ୟପଟେ ବନସୁରକ୍ଷା ପାଇଁ କାର୍ଯ୍ୟକ୍ରମ

ଅସ୍ତରଙ୍ଗ(ମହାଭାରତ): ଆଜି ବିଶ୍ୱ ବନ ଦିବସକୁ ବନ ବିଭାଗ ବେଶ୍ ଆଡ଼ମ୍ବରପୂର୍ଣ୍ଣ ଭାବେ ରାଜ୍ୟର ବିଭିଉ ଅଞ୍ଚଳରେ ପାଳନ କରିଥିବା ବେଳେ ପୁରୀ ଜିଲ୍ଲା ପାଣିଛତ୍ର ସ୍ଥିତ ଅସ୍ତରଙ୍ଗ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ନିମାପଡ଼ା ତୁଳସୀପୁର ଠାରେ ବିଶ୍ୱ ବନଦିବସ ପାଳିତ ହୋଇଯାଇଛି । ତେବେ ଏହି ବନ ଦିବସ ପାଳନ ଯେମିତି ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି । କାରଣ ନିମାପଡ଼ା ବ୍ଲକ ତୁଳସୀପୁର ଠାରେ ବେଆଇନ ଭାବେ ମୁଖ୍ୟରାସ୍ତା ପାର୍ଶ୍ୱରେ ଓ ନିକଟବର୍ତ୍ତୀ ଅଞ୍ଚଳରେ ୧୫ରୁ ଉର୍ଦ୍ଧ ବେଆଇନ କରତକଳ ବେଧଡକ ଭାବେ ବନ ବିଭାଗ କର୍ତ୍ତୃପକ୍ଷଙ୍କ ଗୋଚରରେ ସମ୍ପୂର୍ଣ୍ଣ ଭାବେ ବେଆଇନ ବିଦ୍ୟୁତ ସଂଯୋଗ ନେଇ ଚାଲୁଥିବା ବେଳେ ବନ ବିଭାଗ ସ୍ଥାନୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନିଜ ମୁଣ୍ଡରୁ ଦୋଷ ଲୁଚାଇବା ପାଇଁ ବନ ବିଭାଗ ପକ୍ଷରୁ କାଁ ଭାଁ ଚଢାଉ ହେଉଥିଲେ ମଧ୍ୟ ପୂର୍ବ ସୂଚନା ପାଇଁ କରତକଳ ମାଲିକ ମାନେ ଯନ୍ତ୍ରାଂଶ ଖୋଲି ନେବାରେ ସକ୍ଷମ ହେଉଛନ୍ତି । ଫଳରେ ଅନେକ ସମୟରେ ବନ ବିଭାଗ ଅଧିକାରୀ ଚଢାଉ କରି ଶିଶୁପାଳ ହୋଇ ଫେରୁଥିବା ନଜିର ରହିଛି ଯ ସ୍ଥାନୀୟ ବନ ବିଭାଗ , ତହସିଲ ,ପୁଲିସ ଓ କାଠ ମାଫିଆଙ୍କ ମଧ୍ୟରେ ଭିତିରି ବୁଝାମନାରେ ସବୁ କରତକଳ ଚାଲିବା ଯୋଗୁଁ ପରିବେଶ ଉପଯୋଗୀ ବହୁ ମୂଲ୍ୟବାନ ବୃକ୍ଷ ବଳି ପଡୁଛି । ହେଲେ ଅନ୍ୟ ପକ୍ଷରେ ତୁଳସୀପୁର ବଜାର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଏକ ବେଆଇନ କରତକଳ ନିକଟସ୍ଥ ସରକାରୀ ବିଦ୍ୟାଳୟର ବିଶ୍ୱ ବନଦିବସ ପାଳନ କରି ବୃକ୍ଷ ରୋପଣ ଓ ବନ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ଯେମିତି ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଛି ।ଏହି ଅବସରରେ ସ୍ଥାନୀୟ ବନା□ଳ ଅଧିକାରୀ ମୋନାଲିସା ମହାପାତ୍ରଙ୍କ ଅଧକ୍ଷତାରେ ପ୍ରାଚୀ ବିଦ୍ୟାପୀଠରେ ଠାରେ ଏକ ସଚେତନତା ଶୋଭାଯାତ୍ରା , ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ,ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ସମ୍ପର୍କରେ ବାନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର କୌଣସି ପ୍ରତିକ୍ରିୟା ଦେଇନଥିଲେ ।

## ଆର୍. ଡି. ଏସ୍. ଡିଗ୍ରୀ କଲେଜରେ ରସାୟନ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ

କପ୍ତିପଦା -(ମହାଭାରତ ): କପ୍ତିପଦା -କୁଣ୍ଡାବାଇ ସ୍ଥିତ ଆର୍. ଡି. ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗ ତରଫରୁ ମଲ୍ୟୁକୁଲାର ଆର୍କିଟେକ୍ଚର: ଦି ରୋଲ ଓଫ ଭି.ଏସ୍.ଇ.ପି.ଆର୍ ଥିଓରୀ ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି ଭି.ଏସ୍.ଇ.ପି.ଆର୍ ଥିଓରୀର ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ତଥା ବିଷୟ ବିଶାରଦ ଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ସମରେନ୍ଦ୍ର ଦାସ ଯୋଗ ଦେଇ ଭି.ଏସ୍.ଇ.ପି.ଆର୍ ଥିଓରୀ କିପରି ମଲ୍ୟୁକୁଲର ଆକାର ଗଠନ କରିଥାଏ ସେହି ସମ୍ପର୍କରେ ବିଷଦ ଭାବେ ପି. ପି. ଟି ମାଧ୍ୟମରେ ଦର୍ଶାଇ ଆଲୋଚନା କରିଥିଲେ । ଏହି ଆଲେଚନା ଚକ୍ରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚନ୍ଦ୍ରିକା ବେହେରା, ବନଜ୍ୟୋତ୍ସ୍ନା ନାଏକ, ଅମରଜ୍ଜି ବେହେରା, ଦେବାଶିଷ ମହାନ୍ତି, ସୁଶାନ୍ତ ଦଳେଇ ଏବଂ ଅଲେଖ ପୁତ୍ର ଅନାମ ବାରିକ ନିଜ ନିଜର ସଂଦର୍ଭ ପାଠ କରିଥିଲେ ।ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ନବ କୁମାର ସାହୁ ଆଲୋଚ୍ୟ ବିଷୟ ବସ୍ତୁର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିବାବେଳେ ବିଭାଗୀୟ ଅଧାପକ ଅନୁରାଗ ଗାଁଣ ସ୍ୱାଗ୍ ଭାଷଣ ପ୍ରଦାନ କରିଥିଲେ । ଉକ୍ତ ଆଲୋଚନା ଚକ୍ରରେ ବିଭାଗର ସମସ୍ତ ଛାତ୍ର ଛାତ୍ରୀ, ଡେମନଷ୍ଟେଟର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ପ୍ଲାଣ୍ଟ ନିର୍ମାଣ ନିମନ୍ତେ ପରିବେଶିୟ ମଞ୍ଜୁରୀ ପାଇଁ ଜନଶୁଣାଣି

ଯୋଡା- ( ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ବଡବିଲ ତହସିଲ୍ ଅନ୍ତର୍ଗତ ଦୁବୁନା ଗ୍ରାମରେ ହାଇ ଗ୍ରେଡ ମିନେରାଲ ଦ୍ୱାରା ଏକ ବେନିଫିସିଆରି ପ୍ଲାଣ୍ଟ ଗଠନ ନିମନ୍ତେ ପ୍ରଭାବିତ ଗ୍ରାମବାସୀଙ୍କୁ ନେଇ ଏକ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ସୂଚନା ରୁ ପ୍ରକାଶ ଯେ ହାଇ ଗ୍ରେଡ ମିନେରାଲ ପ୍ରାଇଭେଟ ଲିମିଟେଡ ଦବୁନା ଗ୍ରାମ ରେ ୬.୯୮ ଏକର ଅଞ୍ଚଳରେ ପ୍ରସ୍ତାବିତ ୯ ଲକ୍ଷ୍ୟ ୬୦ ହଜାର ଟିପିଏ କ୍ଷମତା ବିଶିଷ୍ଟ ଲୌହ ଖଣିଜ ବେନିଫିକେସନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ଓଡିଶା ସରକାର ଦ୍ୱାରା ଏକ ପରିବେଶ ସମ୍ବନ୍ଧୀୟ ମଞ୍ଜୁରୀ ପାଇଁ ଜନଶୁଣାଣି ଅନୁଷ୍ଠି ହୋଇଯାଇଛି। ଏହି ଜନଶୁଣାଣି ରେ ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ବିଭିଉ ପ୍ରସଙ୍ଗ ଉଠାଇ, ଦାବି ରଖି ସର୍ତ ମୂଳକ ମଞ୍ଜୁରୀ ଜଣାଇଥିବା ଦେଖିବାକୁ ମିଳିଛି, ଖାସ୍ କରି ଶିଳ୍ପ ସ୍ଥାପନ ହେଲେ ଦବୁନା ଗ୍ରାମର ଚାରୋଟି ସାହି ଯଥାକ୍ରମେ ପାତ୍ର ସାହି , ମୁଣ୍ଡା ସାହି,ଗୋପାଳ ସାହି, ଆମ୍ବତୋଟା ସାହି ରୁ ପ୍ରାୟ ୬୦୦ ରୁ ୭୦୦ ଲୋକ ପ୍ରଭାବିତ ହେବେ, ଏହାକୁ ଆଖି ଆଗରେ ରଖି କମ୍ପାନୀ ଲୋକ ଙ୍କ ପାଇଁ କେଉଁ କେଉଁ ପଦକ୍ଷେପମାନ ଗ୍ରହଣ କରିବ ସବୁ ଜାଣିବା ପରେ କମ୍ପାନୀ କୁ ସ୍ୱାଗତ କରିବାକୁ ଉପସ୍ଥିତ ଗ୍ରାମବାସୀ ରାଜି ହୋଇଥିଲେ, ପୂର୍ବରୁ ଏକ ବଡ କମ୍ପାନୀ ବିଭିଉ ପ୍ରକାର ପ୍ରତିଶ୍ରୁତି ଦେଇ ନିରୀହ ଲୋକଙ୍କୁ ଠକି ଦେଇଛି ତେଣୁ ହାଇ ଗ୍ରେଡ କମ୍ପାନୀ ପ୍ରଥମ ରେ ରାସ୍ତା, ବିଦ୍ୟାଳୟ, ଶୌଚାଳୟ ପ୍ରଭୃତି ବ୍ୟବସ୍ଥା କରୁ ଏକ ମୌଖିକ ନୁହଁ ଲିଖିତ ଭାବେ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଲେ ଆମେ କାରଖାନା ପ୍ରତିଷ୍ଠା କୁ ସ୍ୱାଗତ କରିବୁ ବୋଲି କହିଥିଲେ। ତେବେ ଏହି ସବୁ ସର୍ତ୍ତରେ କମ୍ପାନୀ ରାଜି ହୋଇ କହି ଛନ୍ତି। ଆମର ପ୍ରଥମ କାମ ରାସ୍ତାର କାମ କରିବୁ ଏହି ଜନ ଶୁଣାଣି କୁ ସର୍ତ୍ତ ମୂଳକ ଭାବେ ସମସ୍ତେ ସମର୍ଥନ କରିଥିଲେ । ଏହି କାର୍ଯ୍ୟ କ୍ରମରେ ଜିଲ୍ଲା ପରିବେଶ ବିଭାଗ ପକ୍ଷରୁ ଅଧିକାରୀ ପ୍ରଶାନ୍ତ କୁମାର କର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ମତାମତ ଶୁଣିଥିଲେ।

## ଜେଆରସି କାଉନସେଲରଙ୍କ ଏକ ଦିବସୀୟ ବ୍ଲକ ସ୍ତରୀୟ କର୍ମଶାଳା




କପ୍ତିପଦା -(ମହାଭାରତ): ଇଣ୍ଡିଆନ ରେଡ କ୍ରସ ସୋସାଇଟି ଓଡିଶା ଶାଖା ମୟୁରଭଞ୍ଜ ଜିଲ୍ଲା ପକ୍ଷରୁ ଏକ ଦିବସୀୟ ଜୁନିୟର ରେଡ୍ କ୍ରସ୍ ପ୍ରଶିକ୍ଷଣ ଶିବିର ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ମାର୍ଗ ଦର୍ଶନରେ କପ୍ତିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ଯୋଗ ଦେଇ ନିସ୍ୱାର୍ଥ ପର ଭାବେ ସେବା କରିବା ପାଇଁ କାଉନସେଲର ମାନଙ୍କୁ ପରାମର୍ଶ ଦେଇଥିଲେ ।ଜିଲ୍ଲା ଜୁନିୟର ରେଡ୍ କ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଆନ୍ତର୍ଜାତିକ ସ୍ତରର ପ୍ରାଥମିକ ଚିକିତ୍ସା ସାଧନ କର୍ମୀ ସତ୍ୟ ନାରାୟଣ ଦାସ ପ୍ରାଥମିକ ଚିକିତ୍ସାର ବଞ୍ଚିବାର କୌଶଳ ପ୍ରଦର୍ଶନ କରିଥିଲେ। ସମ୍ମାନୀୟ ଅତିଥି ଭ ା ବେ ଜ ା ତ ୀ ୟ ଆନ୍ତର୍ଜାତୀୟ ସ୍ତରୀୟ କୃତି ଶିକ୍ଷକ ତଥା ଜେଆରସି ଜିଲ୍ଲା ସଂଯୋଜକ ଡ଼କ୍ଟର ଶଶୀଧର ବିଶ୍ୱାଳ,ବିଶିଷ୍ଟ ପରିବେଶବିତ ଡକ୍ଟର ରମାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ରେଡ଼କ୍ରସର ମୂଳ ମନ୍ତ୍ର ବିଷୟରେ ମତବ୍ୟକ୍ତ ପ୍ରଦାନ କରିଥିଲେ ଓପ୍ରାରମ୍ଭରେ ଆରାଧ୍ୟ ଦେବତା ପ୍ରଭୁ ଜଗତାଥ ଓ ରେଡ଼କ୍ରସର ଜନକ ହେନେରୀ ଡୁନା□ଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ ସହିତ ବ୍ଲକ ସଂଯୋଜକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ବେଦ ମନ୍ତ୍ର ପାଠ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିଂଘରାଇ ମୂର୍ମୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଓଏଥିରେ ୪ ଟି ବ୍ଲକର କାଉନସେଲର ତଥା ଖୁଣ୍ଟା,ଉଦଳା,କପ୍ତିପଦା ଓ ଜିବି ନଗର ବ୍ଲକର ୮୦ ଜଣରୁ ଉର୍ଦ୍ଧ କାଉନସେଲରମାନେ ଅଂଶ ଗ୍ରହଣ କରିଥିଲେ। ଉଦଳା ବ୍ଲକ ସଂଯୋଜକ ଦେବବ୍ରତ କର, ପ୍ରଦୀପ କୁମାର ବେହେରା,ବସନ୍ତ ମହାପାତ୍ର,ପ୍ରଦୀପ କୁମାର ଚୌଧୁରୀ, ରାଜେଶ ମଲ୍ଲିକ୍,ସନାତନ ନାୟକ ଓ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

# ଇନଷ୍ଟାଗ୍ରାମରେ ଲାଇଭ୍ ଆସି ଆତ୍ମହତ୍ୟା କଲା ସ୍ୱାମୀ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ସାତ ଜନ୍ମ ପାଇଁ ଶପଥ ନେଇଥିବା ସ୍ତ୍ରୀ ଏତେ ନିଷ୍ଠୁର ହୋଇଗଲା ଯେ ୪୪ ମିନିଟ୍ ଯାଏ ନିଜ ସ୍ୱାମୀର ମୃତ୍ୟୁର ମଜା ନେଉଥିଲା । ଇନଷ୍ଟାଗ୍ରାମରେ ଲାଇଭ୍ ଆସି ସ୍ୱାମୀ ଆତ୍ମହତ୍ୟା କରୁଥିବା ବେଳେ ସ୍ତ୍ରୀର ମୁହଁରୁ ଗୋଟିଏ ଶବ୍ଦ ବାହାରି ନଥିଲା । ଯୁବକ ଜଣକ ସ୍ତ୍ରୀ ଓ ଶାଶୁଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଆତ୍ମହତ୍ୟା କରିଥିବା କହିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରି ଜେଲ୍ ପଠାଇଛି ।

ଲାଇଭ୍ ହିନ୍ଦୁସ୍ତାନର ରିପୋର୍ଟ ଅନୁସାରେ ବହୁ ଚର୍ଚ୍ଚିତ ଅତୁଲ ସୁଭାଷ ପରି ଆଉ ଏକ ଘଟଣା ରିଭାରେ ଘଟିଛି। ଜଣେ ଯୁବକ ଇନଷ୍ଟାଗ୍ରମରେ ହାଇଭ୍ ଆସି ଆତ୍ମହ୍ୟା କରିଥିଲେ ସେହି ସମୟରେ ଯୁବକଙ୍କ ପତ୍ନୀ ଲାଇଭ୍ ଆସି ୪୪ ମିନିଟ୍ ଆତ୍ମହ୍ୟାକୁ ଦେଖିଥିଲେ କିନ୍ତୁ ଏହାକୁ ରୋକିବା ପାଇଁ କୌଣସି ଉଦ୍ୟମ କରିନଥିଲେ। ଯୁବକ ଜଣକ ସ୍ତ୍ରୀ ଓ ଶାଶୁଙ୍କ ନିର୍ଯାତନା ଯୋଗୁଁ ଆତ୍ମହ୍ୟା କରୁଥିବା କହିଥିଲେ। ପୋଲିସ ତଦନ୍ତରେ ପତ୍ନୀ ଓ ତାଙ୍କ ମାଆକୁ ଦୋଷୀ ପାଇଥିଲା। ଏହାପରେ ଉଭୟଙ୍କୁ ଗିରଫ କରି ଜେଲ୍ ପଠାଯାଇଛି ।

ମୃତ ଶିବ ପ୍ରକାଶ ତ୍ରିପାଠୀ ଦୁଇ ବର୍ଷ



ପୂର୍ବେ ବୈକୁଣ୍ଠପୁରର ରିମାରୀ ଗାଁର ପ୍ରିୟା ଶର୍ମାଙ୍କୁ ବିବାହ କରିଥିଲେ। ପ୍ରଥମେ ଉଭୟଙ୍କ ମଧ୍ୟରେ ସବୁକିଛି ଠିକ୍ ଚାଲିଥିଲା। କିନ୍ତୁ କିଛି ମାସ ପରେ ପ୍ରିୟା ଲୁଚି-ଛପି ଅନ୍ୟ କାହା ସହ କଥାବାର୍ତ୍ତା କରିବା ଆରମ୍ଭ କରିଥିଲେ । ଏକଥା ପ୍ରକାଶ ଜାଣିବାକୁ ପାଇଥିଲେ, କିନ୍ତୁ ଘରର ଅନ୍ୟ କୌଣସି ସଦସ୍ୟଙ୍କୁ ଜଣାଇନଥିଲେ। ଶିବ ପ୍ରକାଶ ନିଜ ଦାମ୍ପତ୍ୟ ଜୀବନକୁ ବଞ୍ଚାଇବା ପାଇଁ ସବୁ ସମ୍ଭବ ଉଦ୍ୟମ କରିଥିଲେ । ତେବେ ଏହି ସମୟରେ ଶିବ ପ୍ରକାଶ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

ସ୍ୱାମୀଙ୍କୁ ଖଟରେ ଛାଡ଼ି ପ୍ରିୟା ନବଜାତ ଶିଶୁକୁ ଧରି ନିଜ ବାପା ଘରକୁ ଚାଲି ଆସିଥିଲେ । ଏହି ସମୟରେ ବି ଶିବ ପ୍ରସାଦ ଶାଶୁ ଘରକୁ ଯାଇ ସ୍ତ୍ରୀଙ୍କୁ ରାଜି କରାଇବା ପାଇଁ ଉଦ୍ୟମ କରିଥିଲେ କିନ୍ତୁ ପ୍ରିୟା ଶାଶୁ ଘରକୁ ଫେରି ନଥିଲେ। ପରିବାର ଲୋକଙ୍କ ଅଭିଯୋଗ ଯେ ପ୍ରିୟା ଅନ୍ୟ କାହା ପ୍ରେମରେ ଅନ୍ଧ ହୋଇସାରିଥିଲା ଓ ନିଜ ପ୍ରେମୀ ସହ ମିଶି ଶିବ ପ୍ରକାଶକୁ ମାରପିଟ୍ କରିଥିଲା

ଆତ୍ମହତ୍ୟା କରିବାର ୧୫ ମିନିଟ୍ ପୂର୍ବରୁ ଶିବ ପ୍ରକାଶ ଶାଶୁ ଘରରୁ ନିଜ ଘରକୁ ଫେରିଥିଲେ। କାହା ସହ କିଛି କଥା ନହୋଇ ନିଜ ରୁମକୁ ଚାଲି ଯାଇଥିଲେ। ଏହାପରେ ଇନଷ୍ଟାଗ୍ରାମରେ ଲାଇଭ୍ ଆସି ନିଜକୁ ଫାଶୀ ଲଗାଇଥିଲେ। ଏହି ସମୟରେ ପ୍ରିୟା ଲାଇଭ୍ ଆସି ଆତ୍ମହତ୍ୟାର ଦେଇ ମଜା ନେଇଥିଲେ। ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ କୌଣସି ଉଦ୍ୟମ କଲେ ନାହିଁ ପରିବାରର ଅନ୍ୟ ସଦସ୍ୟ କିମ୍ବା ପୋଲିସକୁ ଏବାବଦରେ ଜଣାଇଥିଲେ ହୁଏତ ଶିବ ପ୍ରକାଶଙ୍କ ଜୀବନ ବଞ୍ଚିଯାଆନ୍ତା।

# ୧୫ କୋଟିର ହେରୋଇନ୍ ଜବତ କଲା ବିଏସଏଫ

ବିକାନେର, ୨୧।୩(ଏଜେନ୍ସି): ସେକ୍ଟର ହେଡକ୍ୱାର୍ଟର ସୀମା ସୁରକ୍ଷା ବଳ ବିକାନେର ଇଂଟେଲିଜେନ୍ସ ବ୍ରାଂଚର ସୂଚନା ଆଧାରରେ ପନ୍ଦର କୋଟି ଟଙ୍କାର ତିନି କିଲୋ ହେରୋଇନ ଜବତ କରିଛି । ଇଂଟେଲିଜେନ୍ସ ବ୍ରାଂଚର ସୂଚନା ଆଧାରରେ ଶୁକ୍ରବାର ୧ ୨ କେଏନଡି ଗ୍ରାମର ଚକ୍ ୩ କେଏନଏମରେ ସୀମା ସୁରକ୍ଷା ବଳ ଦ୍ୱାରା ଅତିରିକ୍ତ ଗସ୍ତ ବୃଦ୍ଧି କରାଯାଇଛି, ଯେଉଁଥିରେ ତସ୍କର ନିଜ ଉଦ୍ଦେଶ୍ୟରେ ସଫଳ ହୋଇପାରିନି । ଡିଆଇଜି ଇଂଟେଲିଜେନ୍ସ ଯୋଧପୁର ବିଦୁର ଭାରଦ୍ୱାଜଙ୍କ ଦିଗଦର୍ଶନରେ ତାଙ୍କ ଟିମ୍ ପୂରା ଅଂଚଳରେ ସର୍ଚ୍ଚ ଅଭିଯାନ ଚଳାଇଥିଲେ । ସର୍ଚ୍ଚ ଅଭିଯାନ ସମୟରେ ୩ କେଏନଏମ ଅଂଚଳରେ ଗୋଟିଏ ୟେଲୋ ପ୍ୟାକେଟ୍ରେ ତିନି କିଲୋ ହେରୋଇନ୍ ଜବତ ହୋଇଛି, ଯାହାର ଅନ୍ତର୍ଜାତୀୟ ମୂଲ୍ୟ ପନ୍ଦର କୋଟି ଟଙ୍କା ଅଟେ ।

# ଶାହାରୁଖ ଖାନଙ୍କ ବିରୁଦ୍ଧରେ ରାୟପୁର କୋର୍ଟରେ ମାମଲା ରୁଜୁ

ରାୟପୁର, ୨୧।୩(ଏଜେନସି): ବଲିଉଡ ଅଭିନେତା ଶାହାରୁଖ ଖାନଙ୍କ ବିରୁଦ୍ଧରେ ଛତିଶଗଡର ରାୟପୁର କୋର୍ଟରେ ମାମଲା ରୁଜୁ ହୋଇଛି । ଏହି ମାମଲା ଅଧିବକ୍ତା ଫୈଜାନ ଖାନ ବିମଲ ପାନ୍ ମସଲା, ଫେୟାର ଆଣ୍ଡ ହ୍ୟାଣ୍ଡସମ ଓ ରମିର ବିଜ୍ଞାପନକୁ ଭ୍ରାମକ ବୋଲି କହି ବଲିଉଡ ଆକ୍ଟର ଶାହାରୁଖ ଖାନଙ୍କ ବିରୁଦ୍ଧରେ ରାୟପୁର କୋର୍ଟରେ କେସ୍ ରୁଜୁ କରିଛନ୍ତି । ଅଧିବକ୍ତା ଫୈଜାନ ଖାନ ଅଭିଯୋଗ କରିଛନ୍ତି ଯେ, ଶାହାରୁଖଙ୍କ ପରି ବଡ ଅଭିନେତା ଏହି ଉତ୍ପାଦର ବିଜ୍ଞାପନ କରୁଛନ୍ତି, ଯାହା ଯୁବକଙ୍କୁ ଭୁଲ୍ ରାସ୍ତାରେ ନେଇପାରେ । ସେ ବିଶେଷ କରି ବିମଲ ପାନ୍ ମସଲା, ଫେୟାର ଆଣ୍ଡ ହ୍ୟାଣ୍ଡସମ ଓ ଅନଲାଇନ୍ ବେଟିଂ ଆପ୍ସର ବିଜ୍ଞାପନ କଥା ଉଠାଇଛନ୍ତି ।

# ସାଂସଦଙ୍କୁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ପରାମର୍ଶ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଶୁକ୍ରବାର ସଂସଦ ସଦସ୍ୟଙ୍କୁ ଏକ ଉଦାହରଣ ଦେବା ପାଇଁ ନିୟମିତ ଭାବେ ସ୍ୱାସ୍ଥ୍ୟ ଯାଂଚ କରିବାକୁ ଅପିଲ କରିଛନ୍ତି । ସେ କହିଛନ୍ତି ଯେ, ମେଦବହୁଳ ଓ ଜୀବନଶୈଳୀ ସହିତ ଜଡିତ ରୋଗ ନେତାଙ୍କୁ ବି ମାଡିବସୁଛି । ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ଲୋକସଭାରେ ପ୍ରଶ୍ନକାଳ ସମୟରେ ନିୟମିତ ସ୍ୱାସ୍ଥ୍ୟ ଯାଂଚର ଗୁରୁତ୍ୱକୁ ରେଖାଙ୍କିତ କରିଛନ୍ତି । ସେ କହିଛନ୍ତି ଯେ, ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ଆଜି ଆମେ ଅନେକ ପ୍ରକାରର ଅଣସଂଚାରୀ ରୋଗର ଶିକାର ହେଉଛୁ । ସେ କହିଛନ୍ତି ଯେ, ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ଅନୁସାରେ ଅଣସଂଚାରୀ ରୋଗର ଘଟଣା ୧୯୯୦ରେ ୩୭ ପ୍ରତିଶତରୁ ବୃଦ୍ଧି ପାଇ ୨୦୧୬ରେ ୬୧.୮ ପ୍ରତିଶତ ହୋଇଛି । ଏହା ଏକ ଗମ୍ଭୀର ଚିନ୍ତାର ବିଷୟ ଅଟେ । ଜୀବନଶୈଳୀ ସହିତ ସଂପର୍କିତ ରୋଗ ଖାଦ୍ୟପେୟର ଅଭ୍ୟାସ ଓ ଦୈନିକ ଦିନଚର୍ଯ୍ୟା ସହିତ ଜଡିତ । ଏହି ଅବସରରେ ସେ କହିଛନ୍ତି ଯେ, ଆମ ମଧ୍ୟରୁ ଅନେକ ସଦସ୍ୟ ମୋଟାପଣର ଶିକାର ହୋଇଛନ୍ତି । ଏଭଳି କ୍ଷେତ୍ରରେ ଜରୁରୀ ଯେ, ସମସ୍ତ ସାଂସଦ ବର୍ଷକୁ ଥରେ ନିଜ ମେଡିକାଲ ଚେକ୍ ଅପ୍ କରାନ୍ତୁ ।

# କର୍ଣ୍ଣାଟକରେ ମୁସଲମାନମାନଙ୍କୁ ମିଳିବ ସଂରକ୍ଷଣ

ବେଙ୍ଗାଲୁରୁ, ୨୧।୩): କର୍ଣ୍ଣାଟକ ବିଧାନସଭାରେ ହନି ଟ୍ରାପ୍ ଦୁର୍ନୀତି ବିବାଦ ମଧ୍ୟରେ, ରାଜ୍ୟ ସରକାର ମୁସଲମାନମାନଙ୍କ ପାଇଁ ୪ ପ୍ରତିଶତ ସଂରକ୍ଷଣ ପ୍ରଦାନ କରୁଥିବା ବିଲ୍ ପାସ୍ କରିଛନ୍ତି।ଭାଜପା ଏହାକୁ ଅସାମ୍ବିଧାନିକ ବୋଲି କହିଛି ଏବଂ ଏହାକୁ ଆଇନଗତ ଭାବରେ ଚ୍ୟାଲେଞ୍ଜ କରିବାକୁ ପ୍ରତିଶ୍ରୁତି ଦେଇଛି।



ଭାଜପା ନେତାମାନେ ଗୃହର ମଧ୍ୟ ଭାଗକୁ ଆସି ଶାସକ ସିଦ୍ଧରମୈୟା ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ। ସେମାନେ ବାଚସ୍ପତିଙ୍କ ଆସନ ଉପରକୁ ଚଢ଼ି ସେମାନଙ୍କର ପ୍ରତିବାଦକୁ ବୃଦ୍ଧି କରୁଥିବା ଦେଖାଯାଇଥିଲା। ତାପରେ ଭାଜପା ନେତାମାନେ ୪ ପ୍ରତିଶତ କୋଟା ବିଲ୍ ଚିରି ବାଚସ୍ପତିଙ୍କ ଉପରକୁ କାଗଜ ଫିଙ୍ଗି ଦେଇଥିଲେ।

ବିଲ୍‌ର ବ୍ୟବସ୍ଥା ଅନୁଯାୟୀ, ମୁସଲିମ୍ ଠିକାଦାରମାନେ ସରକାରୀ ଟେଣ୍ଡରରେ ୪ ପ୍ରତିଶତ କୋଟା ପାଇବେ, ଯାହା ସେମାନଙ୍କୁ ସାର୍ବଜନୀନ ଚୁକ୍ତି ପାଇଁ ଅଧିକ ପ୍ରଭାବଶାଳୀ ଭାବରେ ପ୍ରତିଯୋଗିତା କରିବାକୁ ସକ୍ଷମ କରିବ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଜୋର ଦେଇ କହିଛନ୍ତି ଯେ ଏହି ପଦକ୍ଷେପ ସରକାରଙ୍କ ଅନ୍ତର୍ଭୁକ୍ତିମୂଳକ ବିକାଶ ଏବଂ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ ପ୍ରତି ପ୍ରତିବଦ୍ଧତା ସହିତ ସମନ୍ୱିତ।

# ଡ. ଜିତେନ୍ଦ୍ର ସିଂହଙ୍କୁ ଭେଟିଲେ ବିଲ୍ ଗେଟ୍ସ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି) : ପ୍ରଯୁକ୍ତିବିଦ୍ୟା ସଂଚାଳିତ ସହଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ କେନ୍ଦ୍ରମନ୍ତ୍ରୀ ଡ.ଜିତେନ୍ଦ୍ର ସିଂହଙ୍କୁ ସାକ୍ଷାତ କରିଛନ୍ତି । ସେ ଭାରତର ନବାଚାରକୁ ପ୍ରୋତ୍ସାହନ ଦେବା ଓ ବାୟୋମ୍ୟାନୁଫାକ୍ଚରିଂରେ ଅଭିବୃଦ୍ଧରେ ଘରୋଇ କ୍ଷେତ୍ର ଓ ଷ୍ଟାର୍ଟଅପର ବୁଝାମଣାକୁ ପ୍ରୋତ୍ସାହନ କରିବା ଦିଗରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି ।ଉଭୟ ପକ୍ଷର ପ୍ରତିନିଧିମଣ୍ଡର ସହଯୋଗରେ ଆୟୋଜିତ ଏହି ବୈଠକରେ ଜିନ୍ ଥେରାପି, ଭ୍ୟାକ୍ସିନ ଉଦ୍ଭାବନ, ଜୈବ ପ୍ରଯୁକ୍ତିବିଦ୍ୟା ବିନିର୍ମାଣ ଓ ଭାରତର ଷ୍ଟାର୍ଟଅପ ପାରିସ୍ଥିତିକ ତନ୍ତ୍ରରେ ପ୍ରଗତିକୁ ସାମିଲ କରାଯାଇଛି । ଡ.ଜିତେନ୍ଦ୍ର ସିଂହ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବାୟୋଟେକ ଉଦ୍ଭାବନରେ ଅଭିବୃଦ୍ଧି ଦେଖିଛି, ଯାହାକୁ ଇମ ପରି ନୀତିକୁ ସମର୍ଥନ ମିଳିଛି । ସେ ଭାରତର ଜୈବ କ୍ରାନ୍ତିକୁ ଆଗକୁ ବଢାଇବାରେ ଘରୋଇ ଖେଳାଳି ଓ ଷ୍ଟାର୍ଟଅପର ବଢୁଥିବା ଭୂମିକା ଉପରେ ଆଲୋକପାତ କରିଛନ୍ତି, ଯେଉଁଥିରେ ଜୈବ ପ୍ରଯୁକ୍ତିବିଦ୍ୟା ଶିଳ୍ପ ଗବେଷଣା ସହାୟତା ପରିଷଦ ପରି ସଂରଚିତ ତନ୍ତ୍ର ସହଯୋଗକୁ ପ୍ରୋତ୍ସାହିତ କରୁଛି ।

# ଏସିଆନ ଦେଶରେ ବଢୁଛି ଆତଙ୍କବାଦ

## ଚିନ୍ତା ବ୍ୟକ୍ତ କଲେ ପ୍ରତିରକ୍ଷା ମନ୍ତ୍ରୀଗଣ

ନୂଆଦିଲ୍ଲୀ, ୨୨୧ : ଏସିଆନ ଦେଶ ଗୁଡ଼ିକର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକରେ ଆତଙ୍କବାଦ ଓ ଉଗ୍ରବାଦର ମୁକାବିଲା କରିବା ନିମନ୍ତେ ବ୍ୟାପକ ରଣନୀତି ବିକଶିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି । ବୈଠକର ଉଦ୍ଦେଶ୍ୟ ଏସିଆନ ଦେଶ ଗୁଡ଼ିକର ପ୍ରତିରକ୍ଷା ବଳ ଏବଂ ସେମାନଙ୍କର ସମ୍ବାଦ ଭାଗିଦାରୀର ଅନୁଭବ ବ୍ୟକ୍ତ କରିବା ଥିଲା । ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ କହିଛନ୍ତି ଯେ, ଆତଙ୍କବାଦ ଲଗାତାର ଚ୍ୟାଲେଞ୍ଜ ହୋଇ ଛିଡା ହେଉଛି, ଯାହାର ବିପଦ ଲଗାତାର ସୀମା ଉଲ୍ଲଘଂନ କରୁଛି ।

ଆତଙ୍କବାଦ ପ୍ରସଙ୍ଗ ଉପରେ ଏସିଆନ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକ -ପ୍ଲସ (ଏଡିଏମଏମ-ପ୍ଲସ) ବିଶେଷଜ୍ଞ କାର୍ଯ୍ୟ ସମୂହ (ସିଟି ଉପାରେ ଇଡବ୍ଲୁଜି)ର ୧୪ ତମ ବୈଠକ ମାର୍ଚ୍ଚ ୧୯ରୁ ୨୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି । ବୈଠକରେ ଏସିୟାନ ସଚିବାଳୟ, ଏସିୟାନ ଦେଶ ଗୁଡ଼ିକ ଯଥା, ଲାଓ ପିଡିଆର, ମାଲେଶିୟା, ଇଣ୍ଡୋନେଶିୟା, ମ୍ୟାଂମାର, ସିଙ୍ଗାପୁର, ଥାଇଲ୍ୟାଣ୍ଡ, ଫିଲିପିନ୍ସ ଏବଂ ଭିଏତନାମ, ଏଡିଏମଏମ- ପ୍ଲସ ସଦସ୍ୟ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ଚୀନ୍, ଆମେରିକା, ରୁଷ, ଅଷ୍ଟ୍ରେଲିଆ, ଜାପାନ ଏବଂ କୋରିଆ ଗଣରାଜ୍ୟର ପ୍ରତିନିଧିମଣ୍ଡଳିମାନେ ଅଂଶଗ୍ରହଣ କରିଥିଲେ । ବୈଠକ ଅବସରରେ ଭାରତ ଏବଂ ମାଲେଶିୟା ୨୦୨୪- ୨୭ ନିମନ୍ତେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଅବସରରେ ୨୦୨୬ ରେ ମାଲେଶିୟାରେ ବିଶେଷଜ୍ଞ କାର୍ଯ୍ୟ ସମୂହ ନିମନ୍ତେ ଟେବୁଲ୍ - ଟପ୍ ଅଭ୍ୟାସ ଏବଂ ୨୦୨୭ ରେ ଭାରତରେ କ୍ଷେତ୍ର ପ୍ରଶିକ୍ଷଣ ଅଭ୍ୟାସ ଆୟୋଜିତ କରାଯିବା ନେଇ ଘୋଷଣା କରାଯାଇଛି ।

# ଉତ୍ତରାଖଣ୍ଡରେ ୧୧୦ ମଦ୍ରାସାରେ ତାଲା

ଡେରାଡୁନ, ୨୧।୩): ଧାମୀ ସରକାରର ଉତ୍ତରାଖଣ୍ଡରେ ଅବୈଧ ମଦରସା ବିରୁଦ୍ଧରେ ଆକ୍ସ ଜାରି ରହିଛି । ଏବେ ସୁଦ୍ଧା ପୂରା ରାଜ୍ୟରେ ୧୧୦ଟି ମଦରସାକୁ ସିଲ୍ କରାଯାଇଛି । ଗୁରୁବାର ଉଦମ ସିଂହ ନଗରରେ ୧୬ଟି ଓ ହରିଦ୍ୱାରରେ ଦୁଇଟି ଅବୈଧ ମଦରସାକୁ ସିଲ୍ କରିଦିଆଯାଇଛି ।ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହଧାମୀଙ୍କ ବାର୍ତ୍ତା ସ୍ପଷ୍ଟ ଯେ, ରାଜ୍ୟରେ କୌଣସି ପ୍ରକାର ଅରାଜକତା ବରଦାସ୍ତ କରାଯିବନାହିଁ । ଯିଏ ବି ଧର୍ମ ଆଡରେ ଅବୈଧ ଗତିବିଧିରେ ସଂଲିପ୍ତ ହେବ ତା ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ । ଗତ ମାସେ ହେବ ଉତ୍ତରାଖଣ୍ଡ ପ୍ରଶାସନ ଅବୈଧ ମଦରସା ଉପରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଏହି ମଦରସା ସରକାରର ବିନା ଅନୁମତିରେ ସଂଚାଳିତ କରାଯାଉଥିଲା । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହଧାମୀ ଏହା ଉପରେ କଡା ଆଭିମୁଖ୍ୟ ଆପଣାଇଛନ୍ତି ।

# ନକ୍ସଲଙ୍କ ସାମଗ୍ରୀ ଜବତ

ଗରିୟାବଂଦ, ୨୧।୩ ଛତିଶଗଡ଼କୁ ନକ୍ସଲବାଦ ମୁକ୍ତ କରିବା ଦିଗରେ ସୁରକ୍ଷାବଳଙ୍କୁ ଶୁକ୍ରବାର ଆଉ ଏକ ବଡ ସଫଳତା ମିଳିଛି । ମୈନପୁର ଥାନା କ୍ଷେତ୍ରକୁ ଲାଗି ରହିଥିବା ପଣ୍ଡରିପାଣିରୁ ମାଟିତଳୁ ନକ୍ସଲ ଲୁଚାଇ ରଖିଥିବା ୮ ଲକ୍ଷ ଟଙ୍କା ଓ ଅସ୍ତ୍ରଶସ୍ତ୍ରକୁ ଜବତ କରିଛି ସୁରକ୍ଷାବଳ । ତେବେ ନକ୍ସଲ ମାନଙ୍କୁ ଏହି ଟଙ୍କା କିଏ ଦେଇଥିଲା, କେଉଁ ସୋର୍ସ ରୁ ଏହି ଟଙ୍କା ଆସିଥିଲା ସେନେଇ ତଦନ୍ତ କରୁଛି ପୋଲିସ । ଗରିୟାବଂଦ ଏସପି ନିଖିଲ ରାଖେଚା ଶୁକ୍ରବାର ସାମ୍ବାଦିକ ମାନଙ୍କ ସହିତ କଥାବାର୍ତ୍ତା ବେଳେ କହିଛନ୍ତି ଯେ, ମୈନପୁର ଥାନା କ୍ଷେତ୍ରକୁ ଲାଗି ରହିଥିବା ପଣ୍ଡରିପାଣିର ପାର୍ବତ୍ୟାଚଂଳରେ ନକ୍ସଲଙ୍କ ଧମତରୀ, ଗରିୟାବନ୍ଦ ନୂଆପଡ଼ା ଡିଭିଜନ କମିଟି ଦ୍ୱାରା ଏହି ଟଙ୍କା ଓ ଅସ୍ତ୍ରଶସ୍ତ୍ରକୁ ଲୁଚାଇ ରଖାଯାଇଥିଲା । ଏନେଇ ସୂଚନା ମିଳିବା କ୍ଷଣି ଏସପିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପୋଲିସ, କୋବ୍ରା ବାଟାଲିୟନ, ସିଆରପିଏଫ ର ସଂଯୁକ୍ତ ଟିମ୍ ବିଡିଏସ ର ଟିମ୍ ସହିତ ସର୍ଚ୍ଚ ଅପରେସନ ରେ ବାହାରିଥିଲା । ସୁରକ୍ଷାବଳର ଟିମ୍ ମାର୍ଚ୍ଚ ୨୦ ତାରିଖ ସକାଳେ ସେହି ସ୍ଥାନରେ ପହଂଚି ଥିଲା ।

# ତିରୁମାଳା ମନ୍ଦିରରେ କେବଳ ହିନ୍ଦୁଙ୍କୁ ହିଁ କାମରେ ରଖନ୍ତୁ : ମୁଖ୍ୟମନ୍ତ୍ରୀ

ତିରୁମାଳା, ୨୧।୩(ଏଜେନ୍ସି): ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ, ତିରୁପତି ବାଲାଜୀ ମନ୍ଦିରର ୭ଟି ପାହାଡ ଭେଙ୍କେଟଶ୍ୱର ସ୍ୱାମୀଙ୍କ ସ୍ୱାମିତ୍ୱରେ ରହିଛି ଏବଂ ଏହି ପାହାଡରେ କୌଣସି ପ୍ରକାର ଅପବିତ୍ର କାମ କରିବାକୁ ଦେବୁନାହିଁ । ଏହି ପାହାଡର ଆଖପାଖ କେଉଁଠାରେ ବି ବ୍ୟବସାୟୀକରଣ ହେବାକୁ ଦିଆଯିବନାହିଁ ଏବଂ ତିରୁମାଳାରେ କେବଳ ହିନ୍ଦୁ ହିଁ ପାହାଡର ପ୍ରବନ୍ଧନ କାମ କରିବେ । ଶୁକ୍ରବାର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ତିରୁମାଳାରେ ଭଗବାନ ବାଲାଜୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏଠାରେ ତାଙ୍କ ନାତି ନାରା ଦେବାଂଶର ଜନ୍ମଦିନ ପାଳନ କରିଛନ୍ତି । ପରିବାର ସଦସ୍ୟଙ୍କ ସହିତ ଭଗବାନ ଭେଙ୍କେଟଶ୍ୱରଙ୍କ ସେବାରେ ବି ଭାଗ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମନ୍ଦିରର ପ୍ରଶାସନ ସହିତ ଏକ ବୈଠକ କରି ସୁବିଧା ସଂପର୍କରେ ସମୀକ୍ଷା କରିଛନ୍ତି । ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁଙ୍କୁ ଏଠାରେ ପହଂଚିବା ମାତ୍ରେ ତିରୁମାଳା ତିରୁପତି ଦେବସ୍ଥାନମର ଅଧ୍ୟକ୍ଷ ବିଆର ନାଇଡୁ ପୂଜାରୀ ଓ ବେଦ ପଣ୍ଡିତଙ୍କ ସହିତ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପରିଜନ ତାରିଗୋଂଡା ବେଂଗାମ୍ବା ସତ୍ରମରେ ତାଙ୍କ ନାତି ଦେବାଂଶର ନାମରେ ଅନ୍ନଦାନର ଆୟୋଜନ କରିଥିଲେ ।



# କୋଇଲା ଉତ୍ପାଦନର ସଫଳତାକୁ ମୋଦୀଙ୍କ ପ୍ରଶଂସା



ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ସଫଳତାକୁ ପ୍ରଶଂସା କରିଛନ୍ତି, ଯାହା ଶକ୍ତି ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତାକୁ ଦର୍ଶାଉଛି ।ଶ୍ରୀ ମୋଦୀ ଏହି ସଫଳତାକୁ ପ୍ରଶଂସା କରି " ଏହାକୁ ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ"ବୋଲି ଅଭିହିତ କରିଛନ୍ତି ଏବଂ ଏହି କ୍ଷେତ୍ର ସହିତ ଜଡିତ ଲୋକମାନଙ୍କର ନିରନ୍ତର ସମର୍ପଣ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି ।କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଶ୍ରୀ ଜି କିଶନ ରେଡ୍ଡୀ ଏକ ଏକ୍ସ ପୋଷ୍ଟରେ ସୂଚନା ଦେଇଛନ୍ତି ଯେ, ଭାରତ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ଆକଳନ ଅତିକ୍ରମ କରିଛି ।କେନ୍ଦ୍ର ମନ୍ତ୍ରୀଙ୍କ ଏକ୍ସ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ମୋଦୀ ଲେଖିଛନ୍ତି;"ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ !
୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ମାଇଲଖୁଣ୍ଟ ଅତିକ୍ରମ କରିବା ଏକ ଉଲ୍ଲେଖନୀୟ ସଫଳତା, ଯାହା ଶକ୍ତି ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଉପଲବ୍ଧି ଏହି କ୍ଷେତ୍ର ସହିତ ଜଡିତ ସମସ୍ତ ଲୋକଙ୍କ ସମର୍ପଣ ଏବଂ କଠିନ ପରିଶ୍ରମକୁ ମଧ୍ୟ ପ୍ରତିଫଳିତ କରୁଛି ।"

# କର୍ଣ୍ଣାଟକ ବିଧାନସଭାରୁ ୧୮ ବିଜେପି ବିଧାୟକ ୬ ମାସ ପାଇଁ ନିଲମ୍ବିତ

ବେଙ୍ଗାଲୁରୁ, ୨୧।୩(ଏଜେନ୍ସି): : କର୍ଣ୍ଣାଟକ ବିଧାନସଭାରୁ ୧୮ ଜଣ ବିଜେପି ବିଧାୟକଙ୍କୁ ନିଲମ୍ବିତ କରାଯାଇଛି 'ହନି ଟ୍ରାପ୍' ମାମଲା ପ୍ରସଙ୍ଗରେ ହଙ୍ଗାମା କରିବା ଏବଂ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ବିଧାନସଭା ବାଚସ୍ପତି ୟୁଟି ଖାଦେର ଶୁକ୍ରବାର ୧୮ ଜଣ ବିଜେପି ବିଧାୟକଙ୍କୁ ବିଧାନସଭାରୁ ଛଅ ମାସ ପାଇଁ ନିଲମ୍ବିତ କରିଛନ୍ତି।

କର୍ଣ୍ଣାଟକ ସରକାରଙ୍କ ଜଣେ ମନ୍ତ୍ରୀ ଏବଂ ଅନ୍ୟ ରାଜନେତାଙ୍କ ସହ ଜଡିତ 'ହନି-ଟ୍ରାପ୍' ମାମଲାରେ ବିରୋଧୀ ନେତାମାନେ ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି କରିଥିଲେ। ଶୁକ୍ରବାର ଦିନ, ବିଜେପି ବିଧାୟକମାନେ ଗୃହର କୂଅ ସାମ୍ନାକୁ ଆସି କାଗଜପତ୍ର ଚିରି ହଙ୍ଗାମା କରିଥିଲେ। ଏହାପରେ ବିଧାନସଭାର କାର୍ଯ୍ୟରେ ବାଧା



ସୃଷ୍ଟି କରିବା ପାଇଁ ୧୮ ଜଣ ବିଜେପି ବିଧାୟକଙ୍କୁ ଛଅ ମାସ ପାଇଁ ନିଲମ୍ବିତ କରିବା ପାଇଁ ଆଜି ଏକ ବିଲ୍ ପାରିତ ହୋଇଛି। ଏହି ବିଲ୍ କୁ କର୍ଣ୍ଣାଟକ ଆଇନ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ୍.କେ. ପାଟିଲ ଆଗତ କରିଥିଲେ।

ଶୁକ୍ରବାର ଦିନ, ବିଜେପି ବିଧାୟକମାନେ ଗୃହର କୂଅ ସାମ୍ନାକୁ ଆସି କାଗଜପତ୍ର ଚିରି ହଙ୍ଗାମା କରିଥିଲେ। ଏହାପରେ ବିଧାନସଭାର କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ୧୮ ଜଣ ବିଜେପି ବିଧାୟକଙ୍କୁ ଛଅ ମାସ ପାଇଁ ନିଲମ୍ବିତ କରିବା ପାଇଁ ଆଜି ଏକ ବିଲ୍ ପାରିତ ହୋଇଛି।

ନିକଟରେ, କର୍ଣ୍ଣାଟକରେ ଏକ ହାଇ-ପ୍ରୋଫାଇଲ୍ ହନି ଟ୍ରାପ୍ ମାମଲା ଚର୍ଚ୍ଚାକୁ ଆସିଛି, ଯାହା ରାଜ୍ୟର ରାଜନୀତିକୁ ହଲଚଲ କରିଦେଇଛି ।ଏହି ଘଟଣାଟି ସେତେବେଳେ ଜଣାପଡ଼ିଲା ଯେତେବେଳେ କର୍ଣ୍ଣାଟକର ସମବାୟ ମନ୍ତ୍ରୀ କେ.ଏନ୍. ରାଜନ୍ନା ବିଧାନସଭାରେ ପ୍ରକାଶ କରିଥିଲେ ଯେ କେବଳ ସେ ହନିଟ୍ରାପରୁ ରକ୍ଷା ପାଇ ଥିଲେ ବି ବରଂ ଅନ୍ୟ ୪୮ ଜଣ ରାଜ୍ୟ ନେତା, ବିଧାୟକ ଏବଂ କେନ୍ଦ୍ରୀୟ ନେତା ମଧ୍ୟ ଏପରି ଫାଶର ଶିକାର ହୋଇଛନ୍ତି ।

## ମହସିନଙ୍କ ସ୍ଥାନରେ ଶାର୍ଦ୍ଦୂଳ

ନୂଆଦିଲ୍ଲୀ, ୨୧।୩: ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ମେଗା ଅକ୍ସନରେ ଅନସୋଲ୍ଡ ରହିଥିବା ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍ଏସ୍‌ଜି)ରେ ଯୋଗଦେବାକୁ ଯାଉଛନ୍ତି ଠାକୁର। ୨୦୨୫ ସିଜନ ଲାଗି ପ୍ରସ୍ତୁତି ଆରମ୍ଭ ହେବା ବେଳଠାରୁ ଏହି ଦଳ ସହ ଅଛନ୍ତି ଏବଂ ସେ ଆହତ ସମସ୍ୟା ଦେଇ ଗତି କରୁଥିବା ମହସିନ ଖାନଙ୍କ



ବଦଳ ଖେଳାଳି ଭାବେ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦଳରେ ଯୋଗଦେବେ।

ତେବେ ଏ ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇନାହିଁ କିନ୍ତୁ ଠାକୁରଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି ଏବଂ ସେ ଦଳ ସହ ବିଶାଖାପାଟଣା ଟ୍ରାଭେଲ କରିବେ ସେଠାରେ ଦଳ ତାର ପ୍ରଥମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ଭେଟିବ। ଲିଗାମେଣ୍ଟ ସମସ୍ୟା ଯୋଗୁ ମହସିନ ଗତ ୩ ମାସରେ କୌଣସି କ୍ରିକେଟ ଖେଳିପାରି ନ ଥିଲେ।

ଏହାପରେ ଏଲ୍ଏସ୍‌ଜି ନେଟ୍ସରେ ବୋଲିଂ କରିବା ପରେ ତାଙ୍କ ପେଣ୍ଡାରେ ଆଘାତ ଲାଗିଥିଲା। ଏଲ୍ଏସ୍‌ଜି ଦଳର ପ୍ରାୟତଃ ଭାରତୀୟ ପେସର ଆହତ ସମସ୍ୟାରୁ ରିକଭର କରୁଥିବାରୁ ଟିମ ମ୍ୟାନେଜମେଣ୍ଟକୁ ବାଧ୍ୟ ହୋଇ ବଦଳ ଖେଳାଳିଙ୍କୁ ଦଳରେ ସାମିଲ କରିବାକୁ ପଡ଼ିଛି।

# ଆଜିଠୁ ଆଇପିଏଲ୍ : ଆରସିବି-କେକେଆର ମୁକାବିଲା

## ଜଲୱା ଦେଖାଇବେ ଦିଶା ଓ ଶ୍ରେୟା : ଉଦଘାଟନୀ ମ୍ୟାଚ୍ ବାତିଲ ହେବାର ସମ୍ଭାବନା

କୋଲକାତା, ୨୧।୩: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତା ନାଇଟ୍ ରାଇଡର୍ସ ଶନିବାର ସିଜିନ୍ ର ପ୍ରଥମ ମୁକାବିଲାରେ ବିରାଟ କୋହଲିଙ୍କ ଅଭିନୀତ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ମୁକାବିଲା କରିବାକୁ ଯାଉଛି। ଉଦଘାଟନୀ ସମାରୋହର ପ୍ରଦର୍ଶନ ମଧ୍ୟ ସୂଚୀବଦ୍ଧ କରାଯାଇଛି, କଳାକାରମାନଙ୍କ ମଧ୍ୟରେ ଦିଶା ପଟାନି ଏବଂ ଶ୍ରେୟା ଘୋଷାଲ ମଧ୍ୟ ପ୍ରଦର୍ଶନ କରିବେ।

ତଥାପି, ଠିକ୍ ଏହାର ଗୋଟିଏ ଦିନ ପୂର୍ବରୁ, କୋଲକାତାରୁ ଏକ ଭୟଙ୍କର ଅପଡେଟ୍ ଆସିଛି।ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିବା ସହିତ ସିଜିନ୍ ର ଉଦଘାଟନୀ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହେବାର ବଡ଼ ବିପଦ ରହିଛି।

ଭାରତ ପାଣିପାଗ ବିଭାଗ ଗୁରୁବାରରୁ ରବିବାର ପର୍ଯ୍ୟନ୍ତ ଦକ୍ଷିଣ ବଙ୍ଗରେ ଝଡ଼ତୋଫାନ ଏବଂ ବର୍ଷା ହେବାର ପୂର୍ବାନୁମାନ କରିଛି।ମାର୍ଚ୍ଚ ୨୨ ପାଇଁ, ଆଇପିଏଲ ୨୦୨୫ର ଉଦଘାଟନୀ ଦିନରେ, ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।ଯେତେବେଳେ ରବିବାର ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

ରିପୋର୍ଟ ଅନୁଯାୟୀ, ଶନିବାର କୋଲକାତାରେ ବର୍ଷା ହେବାର ସମ୍ଭାବନା ୭୪% ଅଛି। ଯେତେବେଳେ ମେଘ ଆଚ୍ଛାଦନ ୯୭% ରହିବ ସନ୍ଧ୍ୟାରେ ବର୍ଷା ହେବାର ସମ୍ଭାବନା ୯୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ତେଣୁ, ଏହା ନିଶ୍ଚିତ ଯେ ଆଇପିଏଲର ୧୮ତମ ସଂସ୍କରଣର ପ୍ରଥମ ଦିନରେ ଇଡେନ୍ ଗାର୍ଡେନ୍ସରେ ପ୍ରଚୁର ବର୍ଷା ହେବ। କୋଲକାତା ଏବଂ ଆରସିବି ଫଳାଫଳ ପାଇଁ ପର୍ଯ୍ୟାପ୍ତ ଓଭର ଖେଳିପାରିବେ କି ନାହିଁ, ତାହା ବର୍ତ୍ତମାନ କହିବା କଷ୍ଟକର। ପ୍ରସଂଗତଃ, ଇଡେନ୍ ଗାର୍ଡେନ୍ସରେ ଗୋଟିଏ ମ୍ୟାଚ୍ ପୂର୍ବରୁ ପୁନଃନିର୍ଦ୍ଧାରିତ ହେଉଛି। ଏପ୍ରିଲ ୬ ରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷରେ ନାଇଟ୍ ରାଇଡର୍ସର ଘରୋଇ ଖେଳ ଗୌହାଟୀକୁ ସ୍ଥାନାନ୍ତରିତ ହେବାକୁ ଯାଉଛି କାରଣ ପୋଲିସ ସେହି ଦିନ ସହରରେ ରାମ ନବମୀ ଉତ୍ସବ ହେତୁ ଆଇପିଏଲ ପ୍ରତିଯୋଗିତା ପାଇଁ ସୁରକ୍ଷା ଯୋଗାଇବାରେ ଅକ୍ଷମତା ପ୍ରକାଶ କରିଛି, ସିଏବି ସଭାପତି ସ୍ନେହାଶିଷ ଗାଙ୍ଗୁଲି ଗଣମାଧ୍ୟମକୁ କହିଛନ୍ତି।

ଚଳିତଥର ନିଜର ପ୍ରଥମ ଟାଇଟଲ ହାତେଇବା ଉଦ୍ଦେଶ୍ୟରେ ମଇଦାନକୁ ଓହ୍ଲାଇବ। କିନ୍ତୁ ଟିମ୍‌ରେ ଏବେ ବି ରହିଛି ଅନେକ ଦୁର୍ବଳତା। ଯାହା ଟିମ୍‌କୁ ଟାଇଟଲଠାରୁ ଦୂରେଇ ରଖିବା ପାଇଁ ଦାୟୀ ହୋଇପାରେ ଆଇପିଏଲରେ ସର୍ବାଧିକ ୨୫ ଜଣ ଖେଳାଳି ଟିମ୍‌ରେ ରଖିପାରିବ । କିନ୍ତୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର



ସ୍ଥାନ- ଇଡେନ୍ ଗାର୍ଡେନ୍, କୋଲକାତା
ଉଦଘାଟନୀ ସମାରୋହ ସମୟ- ସନ୍ଧ୍ୟା ୬ଟା
ପ୍ରଥମ ମ୍ୟାଚ୍- ସନ୍ଧ୍ୟା ୭.୩୦

ଟିମ୍‌ରେ ରଖିଛି ମୋଟ ୨୨ ପ୍ଲେୟର ତେବେ ଆରସିବିରେ ରହିଛନ୍ତି ସର୍ବାଧିକ ବୋଲର ବାଙ୍ଗାଲୋର ଟିମ୍‌ରେ ୯ ବୋଲର, ୬ ଜଣ ବ୍ୟାଟର ଏବଂ ୭ ଜଣ ଅଲରାଉଣ୍ଡର ଅଛନ୍ତି। ଟିମ୍‌ରେ ଜୋଶ ହାଜେଲଉଡଙ୍କ ବ୍ୟତୀତ କୌଣସି ପ୍ରଭାବଶାଳୀ ବିଦେଶୀ ଖେଳାଳି ନାହାନ୍ତି ।

ଟିମ୍‌ରେ ଲୁଙ୍ଗି ଏନଗିଡି ରୂପରେ ଆଉ ଜଣେ ବିଦେଶୀ ବୋଲର ଅଛନ୍ତି କିନ୍ତୁ ତାଙ୍କର ପ୍ରଭାବ ଆଇପିଏଲରେ ବିଶେଷ ରହିନି । ଏନଗିଡି ତାଙ୍କର ଶେଷ ଆଇପିଏଲ ମ୍ୟାଚ୍ ୨୦୨୧ରେ ଖେଳିଥିଲେ ହାଜେଲଉଡ୍ ମଧ୍ୟ ଆଘାତରୁ ଫେରିଛନ୍ତି ଏବଂ କିଛି ଦିନ ପୂର୍ବରୁ ଏନଗିଡିଙ୍କ ପାଇଁ ଖେଳିବା କଷ୍ଟକର ମନେ ହେଉଥିଲା ଏପରିସ୍ଥିତିରେ ତାଙ୍କର ବୋଲିଂ ପ୍ରଦର୍ଶନ କେମିତି ହେବ ତାହା ଦେଖିବାକୁ ବାକି ରହିଲା।

ଭାରତରେ ସ୍ପିନରଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କିନ୍ତୁ ଟିମ୍‌ରେ ଭଲ ସ୍ପିନରଙ୍କ ଅଭାବ ରହିଛି ନିଶ୍ଚିତ ଭାବରେ, ଏହାକୁ ବ୍ୟାଟରଙ୍କ ଖେଳ ବୋଲି ବିବେଚନା କରାଯାଏ । କିନ୍ତୁ ଭଲ ସ୍ପିନରମାନେ ମିଡିଲ୍ ଅର୍ଡରରେ ଗୁରୁପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଯାହାର ଅଭାବ କୁ ହେବ ଆରସିବି ଟିମ୍‌ରେ ଏଥର ୭ ଅଲରାଉଣ୍ଡର ପ୍ଲେୟର ଅଛନ୍ତି କିନ୍ତୁ ଟିମ୍ ଏହି କ୍ଷେତ୍ରରେ ମଧ୍ୟ ଦୁର୍ବଳ ମନେ ହେଉଛି ।

ପ୍ରଥମ ମ୍ୟାଚରୁ ଟିମ୍ ପ୍ରାୟ ପ୍ରତ୍ୟେକ ମ୍ୟାଚରେ ଲିଆମ୍ ଲିଭିଙ୍ଗେଷ୍ଟୋନ୍‌ଙ୍କୁ ସୁଯୋଗ ଦେବ କିନ୍ତୁ ତାଙ୍କର ବର୍ତ୍ତମାନର ଫର୍ମ ବହୁତ ଖରାପ ରହିଛି ବ୍ୟାଟସମ୍ୟାନ୍ ଭାବରେ ଫିଲ୍ ସଲ୍ଟ ଏବଂ ବୋଲର ଭାବରେ ଜୋଶ୍ ହାଜେଲଉଡ୍ ପରେ, ଟିମ୍ କେବଳ ୨ ଜଣ ବିଦେଶୀ ଖେଳାଳିଙ୍କୁ ବାଛିପାରିବ ତେଣୁ ଟିମ୍ ଡେଭିଡ୍ ଏବଂ ରୋମାରିଓ ସେଫର୍ଡ ଏକାଠି ଖେଳିବା କଷ୍ଟକର ହୋଇପାରେ ତେଣୁ ଏହି ସବୁ ଦୁର୍ବଳତା ପରେ ଟିମ୍ ଟ୍ରଫି ଜିତିବା ପ୍ରାୟ କଷ୍ଟକର ହେବ ।

## ପାକିସ୍ତାନର ବଡ଼ ବିଜୟ

ଅକ୍‌ଲାଣ୍ଡ, ୨୧।୩: ନ୍ୟୁଜିଲାଣ୍ଡ ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ମ୍ୟାଚ୍‌କୁ ପାକିସ୍ତାନ ୯ ଉଇକେଟରେ ଜିତି ନେଇଛି ।ନ୍ୟୁଜିଲାଣ୍ଡ ଦ୍ୱାରା ପ୍ରଦତ୍ତ ୨୦୫ ରନର ଟାର୍ଗେଟକୁ ହାସନ ନୱାଜଙ୍କ ଅପରାଜିତ ଶତକ ବଳରେ ପାକିସ୍ତାନ ୧୬ ଓଭରରେ ୧ ଉଇକେଟ ହରାଇ ହାସଲ କରି ନେଇଛି ଏହି ବିଜୟ ସହ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜକୁ ପାକିସ୍ତାନ ୧-୨ ସ୍ଥିତିକୁ ଆଣିଛି ସିରିଜର ଚତୁର୍ଥ ମ୍ୟାଚ ଆସନ୍ତା ୨୩ ତାରିଖରେ ମାଉଣ୍ଟ ମାଉଙ୍ଗାନୁଇରେ ଖେଳାଯିବ।



ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୧୯.୫ ଓଭରରେ ୨୦୪ ରନ କରି ଅଲଆଉଟ୍ ହୋଇଯାଇଥିଲା ଦଳ ପକ୍ଷରୁ ମାର୍କ ଚାପମ୍ୟାନ ସର୍ବାଧିକ ୯୪ (୧୧ ଚୌକା ଓ ୪ ଛକା) ଓ ଅଧିନାୟକ ମାଇକେଲ ବ୍ରେସୱେଲ ୩୧ ରନ କରିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ହାରିସ ରୌଫ ୩ ଉଇକେଟ ନେଇଥିବା ବେଳେ ଶାହିନ ଶାହ ଆଫ୍ରିଦୀ, ଆବରାର ଅହମ୍ମଦ ଓ ଆବାସ ଆଫ୍ରିଦୀ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ପାକିସ୍ତାନ ୧୬ ଓଭରରେ ୧ ଉଇକେଟ ହରାଇ ୨୦୭ ରନ କରି ନେଇଥିଲା ଦଳ ପାଇଁ ନୱାଜ ୪୫ ବଲରେ ୧୦ ଚୌକା ଓ ୭ ଛକା ସହିତ ୧୦୫ ରନ କରି ଅପରାଜିତ ରହିଥିଲେ। ଏହା ତାଙ୍କ ଅନ୍ତର୍ଜାତୀୟ ଟି୨୦ କ୍ୟାରିୟରର ପ୍ରଥମ ଶତକ ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଲମାନ ଆଘା ୫୧ ଓ ମହମ୍ମଦ ହାରିସ ୪୧ରନ କରିଥିଲେ।

## ୨୭ରୁ ଜାତୀୟ ସବ୍ ଜୁନିୟର ଫେନସିଂ ଚାମ୍ପିୟନସିପ୍

କଟକ: ରାଜ୍ୟ କ୍ରୀଡ଼ା ବିଭାଗ ଓ ରାଜ୍ୟ ଫେନସିଂ କ୍ରୀଡ଼ା ସଂଘର ମିଳିତ ଉଦ୍ୟମରେ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୨୬ ତମ ଜାତୀୟ ସବ୍ ଜୁନିୟର ଫେନସିଂ ଚାମ୍ପିୟନସିପ୍ ଏହି ପ୍ରତିଯୋଗିତା ସ୍ଥାନୀୟ ଜବାହାର ଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ।

୨୭ରୁ ୨୯ ତାରିଖ ୪ ଦିନି ଧରି ଏହି ଇଭେଣ୍ଟ ଚାଲିବାକୁ ଥିବାବେଳେ ଏଥିରେ ଦେଶର ପ୍ରାୟ ସମସ୍ତ ରାଜ୍ୟରୁ ମୋଟ ୫୫୦ ପ୍ରତିଯୋଗୀ ଭାଗ ନେବେ ମୋଟ ୨୮ଟି ଦଳ ମଧ୍ୟରେ ହେବ କଡ଼ା ଟକ୍କର ଉଭୟ ବାଳକ ଓ ବାଳିକା ବର୍ଗରେ ଖେଳାଯିବ ସମସ୍ତ ମୁକାବିଲା। ଚଳିତ ବର୍ଷ ଓଡ଼ିଶା ଟିମ୍ ବିଭିନ୍ନ କ୍ୟାମ୍ପରେ ଭଲ ଅଭ୍ୟାସ କରିଛି ତେଣୁ ଏହି ମେଗା ପ୍ରତିଯୋଗିତାରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ଆଶା ରଖିଛି ରାଜ୍ୟ ସଙ୍ଘ ।

## ଆଇଓସିରେ ପ୍ରଥମ ମହିଳା ଅଧ୍ୟକ୍ଷା

ନୂଆଦିଲ୍ଲୀ ୨୦।୩: କିର୍ଷ୍ଟି କୋଭେଣ୍ଟ୍ରିଙ୍କୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ନୂଆ ଅଧ୍ୟକ୍ଷ ମନୋନୟନ କରାଯାଇଛି। ଏହି ପଦକୁ ନିର୍ବାଚିତ ହେବାରେ କିର୍ଷ୍ଟି ପ୍ରଥମ ମହିଳା ତଥା ଆଫ୍ରିକୀୟ କୋଭେଣ୍ଟ୍ରି ଆଇଓସିର ୧୦ମ ଅଧ୍ୟକ୍ଷ ହୋଇଛନ୍ତି ଓ ଏହି ପଦବୀରେ ଏପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ସବୁ ଅଧ୍ୟକ୍ଷଙ୍କ ଠାରୁ ଯୁବ ସେ ଜୁନ ୨୪ ତାରିଖରେ ଏବେକା ଆଇଓସି ଅଧ୍ୟକ୍ଷ ଥମସ ବାକଙ୍କ ସ୍ଥାନ ଗ୍ରହଣ କରିବେ। ବାକ ଏହି ପଦବୀରେ ଗତ ୧୨ ବର୍ଷ ହେଲା ଅବସ୍ଥାପିତ ଅଛନ୍ତି ।

ଆଇଓସି ଅଧ୍ୟକ୍ଷ ନିର୍ବାଚନ ପରେ କୋଭେଣ୍ଟ୍ରିଙ୍କ ବୟାନ ଆସିଛି। ସେ କହିଛନ୍ତି ଯେ ଏହା ଏକ ଅସାଧାରଣ କ୍ଷଣ। ଏକ ୯ ବର୍ଷର ବାଳିକା ଭାବେ ମୁଁ କେବେ ଭାବିନଥିଲି ଦିନେ ଏଠାରେ ଛିଡ଼ା ହୋଇ ଆମର ଏହି ଆବିଶ୍ୱସନୀୟ ଆନ୍ଦୋଳନରେ ନିଜର ଯୋଗଦାନ ଦେବି। ଉଲ୍ଲେଖଯୋଗ୍ୟ ଯେ ଆଇଓସି ସଦସ୍ୟ ହେବା ପୂର୍ବରୁ କୋଭେଣ୍ଟ୍ରି ଜିମ୍ବାରେ ଜଣେ ଦକ୍ଷ



ଆଥଲେଟ୍ ଥିଲେ। ସେ ଏପର୍ଯ୍ୟନ୍ତ କ୍ୟାରିୟରରେ ଦେଶ ଲାଗି ୮ଟି ଅଲିମ୍ପିକ ପଦକରୁ ୭ଟି ଜିତିଛନ୍ତି। ୨୦୦୪ ଏଥେନ୍ସ ଅଲିମ୍ପିକରେ ସେ ୩ଟି ପଦକ ଜିତିଥିଲେ।

କିର୍ଷ୍ଟି କୋଭେଣ୍ଟ୍ରି ଆଓସି ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଚେୟାରମ୍ୟାନ ଜୟ ଶାହ ତାଙ୍କୁ ଶଭେଚ୍ଛା ଜଣାଇଛନ୍ତି ସେ ଲେଖିଛନ୍ତି ଯେ ଏହା ଏକ ଏପରି ସମ୍ମାନ ଯେଉଁଥି ପାଇଁ ଆପଣ ହକଦାର ମୁଁ ଲସଏଞ୍ଜେଲସ୍ ଖେଳରେ କ୍ରିକେଟକୁ ସାମିଲ କରିବା ପାଇଁ ଆପଣ ଓ ଆପଣଙ୍କ ଟିମ୍ ସହ କାମ କରିବାକୁ ଉତ୍ସାହୀ।

## ଆଇପିଏଲ୍‌ର ୧୦ ରେକର୍ଡ ଭାଙ୍ଗିବା କଷ୍ଟକର

ନୂଆଦିଲ୍ଲୀ, ୨୧।୩: ଆଇପିଏଲ ୨୦୨୫ ସିଜିନରେ, ୬୫ ଦିନରେ ଏହି ୧୦ଟି ଦଳ ମଧ୍ୟରେ ଫାଇନାଲ ସମେତ ମୋଟ ୭୪ଟି ମ୍ୟାଚ୍ ଖେଳାଯିବ କୁହାଯାଉଛି କି, ଏଥରର ଇତିହାସ ଯେତିକି ଆକର୍ଷଣୀୟ ସେତିକି ହୋଇପାରେ ରେକର୍ଡରେ ପରିପୂର୍ଣ୍ଣ ପୂର୍ବରୁ ପ୍ରଥମ ସିଜିନରୁ ୧୭ ତମ ସିଜିନ ପର୍ଯ୍ୟନ୍ତ ଅନେକ ରେକର୍ଡ ସୃଷ୍ଟି ହୋଇଛି ଅନେକ ଖେଳାଳି ରଚିଛନ୍ତି କୀର୍ତ୍ତିମାନ ଆସନ୍ତୁ ଜାଣିବା ୧୦ଟି ବିଶେଷ ଏବଂ ବଡ଼ ରେକର୍ଡ ବିଷୟରେ...

**୧-କୋହଲିଙ୍କ ଏହି ରେକର୍ଡ ୯ ବର୍ଷ ହେବ ଅତୁଟ:**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ପୂର୍ବତନ ଅଧିନାୟକ ବିରାଟ କୋହଲି ରେ ସୃଷ୍ଟି କରିଛନ୍ତି ଅଲୋଡା ରେକର୍ଡ ଯାହାକୁ ଭାଙ୍ଗିବା ତ ଦୂରର କଥା ଏପର୍ଯ୍ୟନ୍ତ କେହି ପହଞ୍ଚିପାରିନାହାଁନ୍ତି। ଏହି ରେକର୍ଡ ୯ ବର୍ଷ ଧରି ଅତୁଟ ରହିଛି। କୋହଲିଙ୍କ ନାମରେ ସିଜିନରେ ୯୩୭ ସର୍ବାଧିକ ରନ କରିବାର ରେକର୍ଡ ଅଛି। ୨୦୧୬ ମସିହାରେ କୋହଲି ହାତେଇଥିଲେ। ଏହି ସଫଳତା ସେତେବେଳେ କୋହଲି ୪ଟି ଶତକ ଏବଂ ୭ଟି ଅର୍ଦ୍ଧଶତକ ହାସଲ କରିଥିଲେ। ତଥାପି, ଗୁଜରାଟ ଟାଇଟାନ୍ସ ପାଇଁ ଖେଳୁଥିବା ସମୟରେ, ଶୁଭମନ ଗିଲ ୨୦୨୩ ସିଜିନରେ କରିଥିଲେ ୮୯୦ ରନ କରିଥିଲେ ସେ ଏହି ରେକର୍ଡର ବହୁତ ନିକଟତର ହୋଇଥିଲେ ତଥାପି କରିପାରିନଥିଲେ।

**୨-କୋହଲି-ଡିଭିଲିୟର୍ସଙ୍କ ପାର୍ଟନରସିପ୍:**

ଆଇପିଏଲ ଇତିହାସରେ ସବୁଠାରୁ ବଡ଼ ଭାଗୀଦାରୀର ରେକର୍ଡ ବିରାଟ କୋହଲି ଓ ଏବି ଡିଭିଲିୟର୍ସ ଆରସିବି ପାଇଁ ଖେଳିବା ସମୟରେ ଦୁଇ ଖେଳାଳି ତିଆରି କରିଥିଲେ ନୂଆ। ରେକର୍ଡ। ୨୦୧୬ ସିଜିନରେ ଦୁହେଁ ଚମତ୍କାର ବ୍ୟାଟିଂ କରିଥିଲେ। ଗୁଜରାଟ ଲାୟନ୍ସ ବିପକ୍ଷ ମ୍ୟାଚ୍ ରେ ଉଭୟ ମିଳିତ ଭାବରେ ୨୨୯ ରନ୍ ଯୋଡ଼ିଥିଲେ। ଏହି ମ୍ୟାଚ୍‌ରେ କୋହଲି ଏବଂ ଡିଭିଲିୟର୍ସ ଉଭୟ ଶତକ ହାସଲ କରିଥିଲେ। କୋହଲି ୫୫ ବଲ୍‌ରେ ୧୦୯ ରନ୍ ସଂଗ୍ରହ କରିଥିବା ବେଳେ ଡିଭିଲିୟର୍ସ କରିଥିଲେ ୫୨ ବଲ୍‌ରେ ୧୨୯ ରନ୍ ।

**୩. କ୍ରିସ୍ ଗେଲ୍‌ଙ୍କ ଦ୍ରୁତତମ ଶତକ:**

କ୍ରିସ୍ ଗେଲ୍ ୨୦୧୩ ଆଇପିଏଲ୍ ସିଜିନରେ ଆରସିବିର ଅଂଶ ଥିଲେ ତା'ପରେ ସେ ପୁନେ ୱାରିୟର୍ସ ବିପକ୍ଷ ମ୍ୟାଚ୍‌ରେ ୩୦ ବଲ୍‌ରେ ଶତକ ହାସଲ କରିଥିଲେ । ଏହା ର ସବୁଠାରୁ ଦ୍ରୁତତମ ଶତକ, ଯାହା ଏଯାବତ ଅତୁଟ ରହିଛି। ତାଙ୍କ ପରେ ଦ୍ୱିତୀୟ ନମ୍ବରରେ ଡେଭିଡ୍ ମିଲର ଅଛନ୍ତି ଯିଏ ୨୦୧୩ ସିଜିନରେ ପଞ୍ଜାବ କିଙ୍ଗସ୍ ପାଇଁ ଖେଳି ବିପକ୍ଷରେ ୩୮ ବଲ୍ ରେ ଶତକ ହାସଲ କରିଥିଲେ।



**୪. ଯଶସ୍ୱୀ କରିଥିଲେ ରେ ଦ୍ରୁତତମ ଅର୍ଦ୍ଧଶତକ:**

ଆଇପିଏଲରେ ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡର୍ସ ଅଧିକାରୀ ହେଉଛନ୍ତି ଯଶସ୍ୱୀ ଜୟସାଲ ରାଜସ୍ଥାନ ରୟାଲ୍ସର ଓପନର ହାତେଇଛନ୍ତି।ଏହି ରେକର୍ଡ ୧୧ ମଇ ୨୦୨୩ରେ, ସେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚ୍‌ରେ ୧୩ ବଲ୍‌ରେ ଏକ ଅର୍ଦ୍ଧଶତକ ହାସଲ କରିଥିଲେ। ଇଡେନ୍ ଗାର୍ଡେନ୍ସରେ ହୋଇଥିଲା ଏହି ମ୍ୟାଚ୍ ଯଶସ୍ୱୀ ତାଙ୍କର ଅର୍ଦ୍ଧଶତକ ହାସଲ କରିବା ସମୟରେ ୬ଟି ଚୌକା ଏବଂ ୩ଟି ଛକା ମାରିଥିଲେ।

**୫. ଗେଲଙ୍କ ଝଡ଼ରେ ଛକା ବର୍ଷା:**

ଆଇପିଏଲ୍‌ର ସିକ୍ସର କିଙ୍ଗ କହିଲେ କ୍ରିସ୍ ଗେଲ ଏମିତି ରେକର୍ଡ ସୃଷ୍ଟି କରିଛନ୍ତି ଯାହାକୁ ଭାଙ୍ଗିବା କଷ୍ଟକର। ଅନେକ ପରିଶ୍ରମ କରି କୌଣସି ଖେଳାଳି ପହଞ୍ଚି ପାରିନାହାଁନ୍ତି। ୨୦୧୩ ସିଜିନରେ, କ୍ରିସ୍ ଗେଲ୍ ପାଇଁ ଖେଳୁଥିବା ସମୟରେ ଗୋଟିଏ ମ୍ୟାଚ୍‌ରେ ମାରିଥିଲେ ୧୭ଟି ଛକା। ପୁନେ ୱାରିୟର୍ସ ବିପକ୍ଷ ମ୍ୟାଚ୍‌ରେ ୧୭୫ ରନ୍‌ର ଇନିଂସ ଖେଳି ହାତେଇଥିଲେ ଏହି ସଫଳତା ।ଏହା ଗୋଟିଏ ଇନିଂସରେ କୌଣସି ବ୍ୟାଟସମ୍ୟାନଙ୍କ ଦ୍ୱାରା ମାରିଥିବା ସର୍ବାଧିକ ଛକା ଥିଲା। ଏହା ଆଇପିଏଲରେ କୌଣସି ବ୍ୟାଟସମ୍ୟାନଙ୍କ ଦ୍ୱାରା କରାଯାଇଥିବା ସର୍ବାଧିକ ସ୍କୋର ମଧ୍ୟ ।

**୬. ଗୋଟିଏ ଓଭରରେ ସର୍ବାଧିକ ରନ୍:**

ଆଇପିଏଲରେ ଗୋଟିଏ ଓଭରରେ ସର୍ବାଧିକ ରନ କରିବାର ରେକର୍ଡ କ୍ରିସ୍ ଗେଲ୍ ଓ ରବିନ୍ଦ୍ର ଜାଡେଜାଙ୍କ ନାମରେ ଅଛି। ୨୦୧୧ ସିଜିନରେ, କୋଚି ଟସ୍କର୍ସ ବୋଲର ପରସନାଥ ପରମେଶ୍ୱରନଙ୍କ ଦ୍ୱାରା ବୋଲିଂ କରାଯାଇଥିବା ଏକ ଓଭରରେ ଆରସିବିର କ୍ରିସ୍ ଗେଲ୍ ୩୭ ରନ କରିଥିଲେ । ଏହି ଓଭରରେ ଦୁଇଟି ନୋ-ବଲ ଥିଲା ଏବଂ ଗେଲ୍ ଲଗାତାର ତିନୋଟି ଛକା ମାରିଥିଲେ । ୨୦୨୧ ଆଇପିଏଲ ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ପାଇଁ ଖେଳୁଥିବା ଜାଡେଜା ଆରସିବି ବୋଲର ହର୍ଷଲ ପଟେଲଙ୍କ ଏକ ଓଭରରେ ୩୭ ରନ କରିଥିଲେ।

**୭. ଡେବ୍ୟୁ ମ୍ୟାଚ୍‌ରେ ୬ ୱିକେଟ୍:**

ଷ୍ଟେଇଣ୍ଡିଜ୍ ପେସର ଆଲଜାରି ଯୋସେଫ ଆଇପିଏଲ ଡେବ୍ୟୁ କରିବା ମାତ୍ରେ ହଇଚଇ ସୃଷ୍ଟି କରିଥିଲେ। ସେ ୨୦୧୯ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳି ତାଙ୍କର ଡେବ୍ୟୁ କରିଥିଲେ ତା'ପରେ ତାଙ୍କର ପ୍ରଥମ ମ୍ୟାଚ୍‌ରେ, ସେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୩.୪ ଓଭରରେ ୧୨ ରନ୍ ଦେଇ ୬ ୱିକେଟ୍ ନେଇଥିଲେ ଏହି ରେକର୍ଡ ଏବେ ବି ଅତୁଟ।

**୮.ସର୍ବାଧିକ ହ୍ୟାଟ୍ରିକ୍ ରେକର୍ଡ:**

ଆଇପିଏଲ ଇତିହାସରେ ଜଣେ ବୋଲର ଅଛନ୍ତି ଯିଏ ଥରେ କି ଦୁଇଥର ନୁହେଁ ବରଂ ତିନିଥର ହ୍ୟାଟ୍ରିକ୍ ନେଇଛନ୍ତି। ସେହି ବୋଲର ହେଉଛନ୍ତି ଅମିତ ମିଶ୍ରା ଭାରତୀୟ ଦଳର ଷ୍ଟାର ସ୍ପିନର ଅମିତ ମିଶ୍ରା ଆଇପିଏଲରେ ତିନିଥର ହ୍ୟାଟ୍ରିକ୍ ନେଇଥିବା ଏକମାତ୍ର ବୋଲର। ସେ ଦିଲ୍ଲୀ ଡେୟାରଡେଭିଲ୍ସ (ବର୍ତ୍ତମାନ ଦିଲ୍ଲୀ କ୍ୟାପିଟାଲ୍ସ), ଡେକାନ ଚାର୍ଜର୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଏହି ସଫଳତା ହାସଲ କରିଥିଲେ।

**୯. ସବୁଠୁ ଅଧିକ ମ୍ୟାଚ୍ ଜିତିଛି ଏହି ଟିମ୍:**

କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦଳ ଆଇପିଏଲରେ ଏମିତି କିଛି କରିଛି ଯାହା ଏପର୍ଯ୍ୟନ୍ତ ଅନ୍ୟ କୌଣସି ଦଳ କରିପାରିନି ।୨୦୧୪ ରୁ ୨୦୧୫ ସିଜିନ ମଧ୍ୟରେ କେକେଆର ଲଗାତାର ୧୦ଟି ମ୍ୟାଚ୍ ଜିତିଥିଲା। ଯାହା ଏକ ଅଲୋଡା ରେକର୍ଡ କୋଲକାତା ୨୦୧୪ ସିଜିନରେ ଟାଇଟଲ ଜିତିଥିଲା। ଯଦି ଆମେ ଅନୁଧ୍ୟାନ କରିବା, ଲଗାତାର ୧୪ଟି ୨୦ ମ୍ୟାଚ୍ ଜିତିଛି ।ଜିତିବା ପରେ, ସେମାନେ ଚାମ୍ପିଅନ୍ସ ଲିଗ୍ ୨୦ ରେ ମଧ୍ୟ ୫ଟି ମ୍ୟାଚ୍ ଜିତିଥିଲେ ।

**୧୦. ଗୋଟିଏ ଋତୁରେ ସର୍ବାଧିକ କ୍ୟାଚ୍:**

ଆଇପିଏଲରେ ବ୍ୟାଟିଂ ଓ ବୋଲିଂ ବ୍ୟତୀତ ଫିଲ୍ଡିଂରେ ଅନେକ ରୋମାଞ୍ଚକର ଦୃଶ୍ୟ ଦେଖିବାକୁ ମିଳିଛି ଫିଲ୍ଡିଂରେ ମଧ୍ୟ ଅନେକ ଅଦ୍ଭୁତ ଓ ଆଶ୍ଚର୍ଯ୍ୟଜନକ ରେକର୍ଡ ସୃଷ୍ଟି ହୋଇଛି ଏଥିରେ ଗୋଟିଏ ନାମ ହେଉଛି ପୂର୍ବତନ ଦକ୍ଷିଣ ଆଫ୍ରିକୀୟ କିମ୍ବଦନ୍ତୀ ଏବି ଡିଭିଲିୟର୍ସ । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଖେଳୁଥିବା ସମୟରେ, ସେ ୨୦୧୬ ସିଜିନରେ କେବଳ ଗୋଟିଏ କି ଦୁଇଟି ନୁହେଁ ବରଂ ୧୯ଟି କ୍ୟାଚ୍ ନେଇଥିଲେ। ଏହା ଗୋଟିଏ ସିଜିନରେ କୌଣସି ଫିଲ୍ଡର ଦ୍ୱାରା ଧରାଯାଇଥିବା ସର୍ବାଧିକ କ୍ୟାଚ୍।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ